

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୭ ସେପ୍ଟେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 September 2024

Vol.No. 35 ■ No.259 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ବିଲକିସ ବାନୋ କେସ୍‌ରେ ଗୁଜରାଟକୁ ସୁପ୍ରିମକୋର୍ଟ ଝଟକା: ଆବେଦନ ଖାରଜ



ନୂଆଦିଲ୍ଲୀ, ୨୬/୯ : ଗୁଜରାଟ ଦଙ୍ଗା ପୀଡ଼ିତା ବିଲକିସ ବାନୋ କେସ୍‌ରେ ଗୁଜରାଟ ସରକାରଙ୍କୁ ବଡ଼ ଝଟକା ଲାଗିଛି । ୨୦୨୨ ଗୁଜରାଟ ଦଙ୍ଗା ବେଳେ ବିଲକିସ ବାନୋଙ୍କୁ ଦୁଷ୍କର୍ମ କରାଯିବା ସହ ପରିବାର ୭ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କୁ ଗୁଜରାଟ ସରକାର କ୍ଷମା ପ୍ରଦାନ କରି ଜେଲରୁ ଖଲାସ କରିଥିଲେ । ଏହାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି ସମସ୍ତଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦେଇଥିଲେ । ତେବେ ଏହି ସମୟରେ ଗୁଜରାଟ ସରକାରଙ୍କୁ ସମାଲୋଚନା କରି ସୁପ୍ରିମକୋର୍ଟ ଦେଇଥିବା ବୟାନର ପୁର୍ନବିଚାର କରିବା ପାଇଁ ଆବେଦନ କରାଯାଇଥିଲା । କିନ୍ତୁ ଏହାକୁ ଆଜି ସୁପ୍ରିମକୋର୍ଟ ଅଗ୍ରାହ୍ୟ କରି ଦେଇଛନ୍ତି । ଜାନୁଆରୀ ୮ରେ କ୍ଷମା ପ୍ରଦାନ ନିଷ୍ପତ୍ତିକୁ ଖାରଜ କରିବା ବେଳେ ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ସୁପ୍ରିମକୋର୍ଟ ଦେଇଥିବା କିଛି ମତକୁ ବିରୋଧ କରି ଗୁଜରାଟ ସରକାର ପୁର୍ନବିଚାର କରିବାକୁ କହିଥିଲେ । ଆଜି ଜଷ୍ଟିସ ବିଭି ନାଗରତ୍ନା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଗୁଜରାଟଙ୍କ ସରକାର ଆବେଦନକୁ ଖାରଜ କରି କହିଛନ୍ତି ଯେ ଯେଉଁ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଛି ଓ ଏହା ସହ ଯେଉଁ ପେପର ରହିଛି, ଏହାକୁ ଭଲ ଭାବେ ଦେଖିବା ପରେ ଆମେ ହୃଦୟଙ୍ଗମ କରିଛୁ ଯେ ପୂର୍ବ ରାୟରେ କୌଣସି ତ୍ରୁଟି ନାହିଁ କିମ୍ବା ରିଭ୍ୟୁ ପିଟିସନର କୌଣସି ମେରିଟ ନାହିଁ । ତେଣୁ ରିଭ୍ୟୁ ପିଟିସନକୁ ଖାରଜ କରାଯାଉଛି । ଗୁଜରାଟ ସରକାର ଯୁକ୍ତି ରଖି କହିଥିଲେ ଯେ ସୁପ୍ରିମକୋର୍ଟ ତାଙ୍କ ରାୟରେ ରେକର୍ଡକୁ ନେଇ ତ୍ରୁଟି କରିଥିଲେ । କୋର୍ଟ ରାଜ୍ୟକୁ ଦୋଷୀ ଭାବେ ବିବେଚନା କରିଥିଲେ । ହେଲେ ଏହା ଆଦୌ ଠିକ ନୁହେଁ । ହେଲେ ଏହାର ପ୍ରଭାବ ଦୁଇ ଜଣିଆ ଖଣ୍ଡପୀଠ ଉପରେ ପଡ଼ିନାହିଁ । ୨୦୦୨ ଗୁଜରାଟ ଦଙ୍ଗା ପୀଡ଼ିତା ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ ସହ ତାଙ୍କ ପରିବାରର ▶▶ପୃଷ୍ଠା ୭

## ୫୯ଜଣ ଓଏଏସ୍ ଅଫିସରଙ୍କ ବଦଳି: ୪୩ ବ୍ଲକରେ ନୂଆ ବିଡିଓ




ଭୁବନେଶ୍ୱର, ୨୬/୯ (ନି.ପ୍ର): ରାଜ୍ୟର ମୋହନ ମାଝୀ ସରକାର ଆଜି ମୋଟ ୫୯ଜଣ ଓଏଏସ୍ ଅଫିସରଙ୍କ ବଦଳି କରିଛନ୍ତି । ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ମିଳିଥିବାବେଳେ ୩ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି । ଆଉ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ମଧ୍ୟ ବଦଳି କରି ନୂଆ ସ୍ଥାନରେ ଅବସ୍ଥାପିତ କରାଯାଇଛି । ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଯୁକ୍ତି ମିଳିଛି । ଏ ସଂକ୍ରାନ୍ତରେ ଆଜି ସାଧାରଣ ପ୍ରଶାସନ ବିଭାଗ ଓ ପଂଚାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବଦଳି ନିର୍ଦ୍ଦେଶ ଜାରି ହୋଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏମସି ଜେନେରାଲ ମ୍ୟାନେଜର ବରିଷ୍ଠ ଓଏଏସ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ସମେତ କଟକସ୍ଥିତ ବନ୍ଦୋବସ୍ତ ଅଧିକାରୀ ବବିତାରାଣୀ ଦଳବେହେରା, ଓସଡମା ମୁଖ୍ୟ ଜେନେରାଲ ମ୍ୟାନେଜର ରଶ୍ମୀରଞ୍ଜନ ସାହୁ ଓ ବିଏମସି ଡେପୁଟି କମିଶନର ପ୍ରିୟବ୍ରତ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି । ଏହି ସମସ୍ତ ୪ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମୁତୟନ କରାଯାଇଛି । ସେହିପରି କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ବରିଷ୍ଠ ଓଏଏସ୍ ତ୍ରିଲୋଚନ ପାତ୍ରଙ୍କୁ ଅବକାରୀ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ଭୁବନେଶ୍ୱର ରାଜସ୍ୱ ଅଫିସର ପ୍ରଶିକ୍ଷଣ କେନ୍ଦ୍ର(ରୋଟି) ଯୁଗ୍ମ ନିର୍ଦ୍ଦେଶକ, ବାଇତୁରା ଦୀପଙ୍କୁ କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ସେହିପରି ଓଏଏସ୍ ରଶ୍ମୀରେଖା ପ୍ରଧାନଙ୍କୁ ବିଏମସି ଡେପୁଟି କମିଶନର, ସୌମ୍ୟରୂପା ରଥଙ୍କୁ ସୋନପୁର ଉପଜିଲ୍ଲାପାଳ, ମନୋଜ କୁମାର ▶▶ପୃଷ୍ଠା ୭

## ବିଜେପିରେ ନେତା ପୁଅ ନେତା ହୁଏନି, ମାଟିରୁ ଆସିଥିବା ବ୍ୟକ୍ତି ନେତା ହୁଏ: ଜେପି ନଡ୍ଡା




ଭୁବନେଶ୍ୱର, ୨୬/୯ (ନି.ପ୍ର): ବିଶ୍ୱରେ ଆଦର୍ଶରେ ଚାଲୁଥିବା ଗୋଟିଏ ମାତ୍ର ଦଳ ହେଉଛି ବିଜେପି । ଭାରତରେ ୫ ହଜାର ପାର୍ଟି, ୫୦ରୁ ଅଧିକ ଆକ୍ଟିଭ ପାର୍ଟି ଅଛି । ବିଜେପି ଏକମାତ୍ର କ୍ୟାଡର୍ ପାର୍ଟି, ଯାହାର ସଦସ୍ୟତା ପ୍ରଣାଳୀ ସବୁଠୁ ସ୍ୱଚ୍ଛ । ଏଠି ନେତାର ପୁଅ ନେତା ହୁଏନି, ଗ୍ରାଉଣ୍ଡରୁ ଆସୁଥିବା ବ୍ୟକ୍ତି ନେତା ହୁଏ । ଆଜି କିଛି ଏଭଳି ଭାବେ ଦଳୀୟ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା । ଭୁବନେଶ୍ୱର ଗସ୍ତ କରି ଦଳର ସଦସ୍ୟତା ଅଭିଯାନକୁ ବ୍ୟାପକ କରିଛନ୍ତି । ଏହି ଅବସରରେ ବିରୋଧୀଙ୍କୁ ନିଶାନା କରିଛନ୍ତି ନଡ୍ଡା । ସେ କହିଛନ୍ତି, ଦେଶ ଏବେ ବିକାଶର ଦ୍ରୁତ ପଥରେ ଆଗକୁ ବଢ଼ି ଚାଲିଛି । ନା ନନେଇ ରାହୁଲ ଓ ପ୍ରିୟଙ୍କା ଗାନ୍ଧିଙ୍କୁ ସମାଲୋଚନା କରି କହିଛନ୍ତି, ଭାଇ ଭଉଣୀଙ୍କୁ ବିକାଶ ଦେଖାଯାଇନି । ▶▶ପୃଷ୍ଠା ୭

## ଆଜି ଜିଲ୍ଲାପାଳ ସମ୍ମିଳନୀ: ଫୋକସରେ ରହିବ ନିଜସ୍ୱ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ମନ୍ତ୍ରୀମାନଙ୍କ ସହ ରାତ୍ରିଭୋଜନ



ଭୁବନେଶ୍ୱର, ୨୬/୯ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆସନ୍ତାକାଲି ଜିଲ୍ଲାପାଳ ଓ ପରଦିନ ପୁଲିସ୍ ଏସପି ସମ୍ମିଳନୀ ଅନୁଷ୍ଠିତ ହେବ । ଏହି ପ୍ରଥମ ଜିଲ୍ଲାପାଳ ଓ ଏସପି ସମ୍ମିଳନୀରେ ବିଜେପି ସରକାରର ନିଜସ୍ୱ ନୂଆ ଯୋଜନା ସହ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ, ଇଜି ଅଫ ଡୁଇଙ୍ଗ ବିଜିନେସ୍ , ଅଭିଯୋଗ ସମାଧାନ ଓ ସରକାରୀ ସେବା ପ୍ରଦାନ ସମେତ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି, ଉପକୂଳ ସୁରକ୍ଷା ଓ ମାଓବାଦୀ ସମସ୍ୟା, ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଜିରୋ ଟଲେରାନ୍ସ ଓ ନିଶା କାରବାରର ମୁକାବିଲା ଆଦି ପ୍ରସଙ୍ଗରେ ଚର୍ଚ୍ଚା ହେବ । ଏହାସହିତ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ନିର୍ଦ୍ଦେଶକମାନଙ୍କ ସହ ଜିଲ୍ଲାପାଳମାନେ ରାତ୍ରିଭୋଜନରେ ସାମିଲ ହେବେ ବୋଲି ଜଣାପଡ଼ିଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ଲୋକସେବା ଭବନର କନଭେନସନ ସେଂଟରରେ ସାଢ଼େ ୯ଟାରେ ଜିଲ୍ଲାପାଳ ସମ୍ମିଳନୀ ଆରମ୍ଭ ହେବ । ▶▶ପୃଷ୍ଠା ୭

## ସିଆରପିଏଫ୍ କ୍ୟାମ୍ପ ଉପରେ ନକ୍ସଲଙ୍କ ଆକ୍ରମଣ

ମାଲକାନଗିରି, ୨୬/୯ (ନି.ପ୍ର): ମାଲାକନଗିରି, ତେଲେଙ୍ଗାନା, ଛତିଶଗଡ଼ ଏବଂ ଆନ୍ଧ୍ର ପୁଲିସର ମାଓ ଦମନ ରଣନୀତିରେ ସଂଗଠନ ଏକ ପ୍ରକାର ଦୁର୍ବଳ ହେବାକୁ ଲାଗିଲାଣି । ତେବେ ଏହାର ପ୍ରଭାବ ଯେପରି ଲୋକଙ୍କ ଉପରେ ନପଡୁ ସେଥିପାଇଁ ନକ୍ସଲ ହତ୍ୟା ଓ ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ଉପରେ ଆକ୍ରମଣ କଲେଣି । ତେଲେଙ୍ଗାନା ଓ ଛତିଶଗଡ଼ ସୀମାରେ ରହିଥିବା ପୁସିଗୁଫା ସିଆରପିଏଫ କ୍ୟାମ୍ପ ଉପରେ ବୁଧବାର ରାତିରେ ନକ୍ସଲ ଅଚାନକ ରକେଟ ଲଞ୍ଚର ସାହାଯ୍ୟରେ ଆକ୍ରମଣ କରିଥିଲେ । ନକ୍ସଲ ଆକ୍ରମଣ କରିଥିବା ଯବାନ ଜାଣିବା ପରେ ତୁରନ୍ତ ନିଜର ପୋଜିସନ ନେଇ ଏହାର ଜବାବ ଦେଇଥିଲେ । ଦୀର୍ଘ ସମୟ ଧରି ନକ୍ସଲ ଆକ୍ରମଣ କରିବା ପରେ ନକ୍ସଲ ଛତ୍ରଭଙ୍ଗ ଦେଇଥିଲେ । ଯବାନ ମଧ ଜଂଗଲରେ ନକ୍ସଲଙ୍କୁ ପିଛା କରି ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି । ନକ୍ସଲଙ୍କ ଏହି ଆକ୍ରମଣରେ କୌଣସି ଯବାନଙ୍କର କିଛି କ୍ଷତି ହୋଇନଥିବା କୁହାଯାଉଛି । ଏକ ମାସ ମଧ୍ୟରେ ଏହା ନକ୍ସଲଙ୍କ ଦ୍ୱିତୀୟ ଆକ୍ରମଣ । ପ୍ରଥମେ ବିଜାପୁର ଜିଲ୍ଲାରେ ଥିବା ଏକ ସିଆରପିଏଫ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ । ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି । ଏଥର ଜଣେ ଗ୍ରାମବାସୀଙ୍କୁ ନକ୍ସଲ ପୁଲିସ ଇନଫର୍ମର ଦର୍ଶାଇ ହତ୍ୟା କରିଥିବା ଜଣାପଡିଛି । ଭେଜି ଥାନା ଅନ୍ତର୍ଗତ ଭଣ୍ଡାରପଦର ଗ୍ରାମର ସୋୟମ ପାଣ୍ଡୁ(୫୦)ଙ୍କୁ ସଶସ୍ତ୍ର ନକ୍ସଲ ଘରୁ ଡାକି ନେଇଥିଲେ । ଜଂଗଲରେ ନକ୍ସଲ ତାଂକୁ ପୁଲିସ ଇନଫର୍ମର ଦର୍ଶାଇ ପ୍ରଥମେ ନିସ୍ତୁକ ମାଡ ମାରିଥିଲେ । ପରେ ତାଂକୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ । ହତ୍ୟା କରି ମୃତଦେହକୁ ଜଂଗଲ ରାସ୍ତାରେ ଫିଙ୍ଗି ଚାଲିଯାଇଥିଲେ ।

## ଜଳବନ୍ଦୀ ସୂର୍ଯ୍ୟ ମନ୍ଦିର: ଜମିଛି ଆଣ୍ଠୁଏ ଉଚ୍ଚର ପାଣି

କୋଣାର୍କ, ୨୬/୯ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟରେ ଆଜି ପ୍ରବଳ ବର୍ଷା ଲାଗି ରହିଛି । ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ କଟକ, ଭୁବନେଶ୍ୱର, ପୁରୀରେ ବି ଲାଗି ରହିଛି ବର୍ଷା । ଫଳରେ ସୂର୍ଯ୍ୟ ମନ୍ଦିର କୋଣାର୍କ ହୋଇଛି ଜଳବନ୍ଦୀ । ଜମି ରହିଛି ଫୁଟେ ଉଚ୍ଚର ପାଣି । ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଆଜି କିଛି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଲଗାଣ ବର୍ଷା ଯୋଗୁଁ ମନ୍ଦିର ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି । ଯେଉଁ ରାସ୍ତା ଦେଇ ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ କରାଯାଏ, ପାର୍ଶ୍ୱ ରାସ୍ତା ଦେଇ ପର୍ଯ୍ୟଟକ ମନ୍ଦିର ବେଢ଼ା ବୁଲନ୍ତି ସେ ସବୁ ବୁଡ଼ି ଯାଇଛି । ଫଳରେ ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । କିଛି ପର୍ଯ୍ୟଟକ ପାଣି ଭିତରେ ପଡ଼ି ବି ଯାଇଛନ୍ତି । ଫଳରେ ସେମାନେ ମନ୍ଦିର ପ୍ରଶାସନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛନ୍ତି । ପର୍ଯ୍ୟଟକମାନେ ପାଣିରେ ପଶି କୋଣାର୍କ ମନ୍ଦିର ବୁଲୁଛନ୍ତି । ପରିସ୍ଥିତିକୁ ଦେଖି ପମ୍ପସେଟ୍ ଲଗାଇ ପାଣି ନିଷ୍କାସନ ପାଇଁ ଉଦ୍ୟମ କରାଯାଉଛି ।

## ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ କଲେ ହାଇକୋର୍ଟ



କଟକ, ୨୬/୯ (ନି.ପ୍ର): ଆସୁଛି ପାର୍ବଣ ଋତୁ । ଜମିବ ପୂଜା । ହେଲେ ଏହି ପାର୍ବଣ ଋତୁରେ ଲାଗିଛି ବଡ଼ ଝଟ୍?କା । କାରଣ ଦଶହରା ଉତ୍ସବକୁ ନେଇ ଆଜି ହାଇକୋର୍ଟ ଦେଇଛନ୍ତି କଡ଼ା ନିର୍ଦ୍ଦେଶ । ରାସ୍ତା ଉପରେ ତୋରଣ ନିର୍ମାଣକୁ ବାରଣ କରିଛନ୍ତି କୋର୍ଟ । ରାସ୍ତା ଉପରୁ କେବୁଲ ଓ ତାର ହଟାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ କଟକ ସହରର ରାସ୍ତାଘାଟ ଅବସ୍ଥାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ୫ ତାରିଖ ସୁଦ୍ଧା ରାସ୍ତା ମରାମତି ▶▶ପୃଷ୍ଠା ୭

## ପୁଲିସର 'ମାଫିଆଗିରି', ଗୁମର ଖୋଲି ତାଗିଦ୍ କଲେ ପୁଲିସ ଡିଜି : ବେଆଇନ କାର୍ଯ୍ୟରୁ ବିରତ ରୁହ



ଭୁବନେଶ୍ୱର, ୨୬/୯ (ନି.ପ୍ର): ଓଡ଼ିଶା ପୁଲିସ ପୁଣିଥରେ ନିଜର ବେଆଇନ ଗତିବିଧି ଓ କାର୍ଯ୍ୟକଳାପ ପାଇଁ ବିବାଦଘେରକୁ ଆସିଛି । ରାଜ୍ୟର ବିଭିନ୍ନ ଶିଳ୍ପାଂଚଳରେ ଓଡ଼ିଶା ପୁଲିସର 'ମାଫିଆଗିରି'ର ଗୁମର ଖୋଲିଛନ୍ତି ଖୋଦ୍ ପୁଲିସ ଡିଜି । ଶିଳ୍ପ ଅଂଚଳରେ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତବାରିସୀ ସାଜି ବିଭିନ୍ନ ପ୍ରକାରର ଅଣପୁଲିସ କାର୍ଯ୍ୟ(ଖଣିଜ ସାମଗ୍ରୀ ପରିବହନ)ରେ ଜଡ଼ିତ ଫିଲଡ୍ ଷ୍ଟାଫ(ପୁଲିସ ଅଫିସର ଓ କର୍ମଚାରୀ)ଙ୍କୁ ତୁରନ୍ତ ଏଥିରୁ ବିରତ ରହିବାକୁ ପୁଲିସ ମୁଖ୍ୟାଳୟରୁ ନିର୍ଦ୍ଦେଶ ଜାରି ହୋଇଛି । ଆଉ ଏଭଳି ଗତିବିଧିରେ ସମ୍ପୃକ୍ତ ଥିବା ଜଣାପଡ଼ିଲେ ▶▶ପୃଷ୍ଠା ୭

## ଜାପାନକୁ ପଛରେ ପକାଇ ଏସିଆର ତୃତୀୟ ଶକ୍ତିଶାଳୀ ରାଷ୍ଟ୍ର ହେଲା ଭାରତ



ନୂଆଦିଲ୍ଲୀ, ୨୬/୯ : ଜାପାନକୁ ପଛରେ ପକାଇଲା ଭାରତ । ଏସିଆରେ ତୃତୀୟ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭାହୋଇଛି ଭାରତ । ଏସିଆ ପାୱାର ଇଣ୍ଡେକ୍ସ ଅନୁସାରେ ଭାରତ ଏସିଆର ତୃତୀୟ ସ୍ଥାନରେ ପହଞ୍ଚିଛି । ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଏଭଳି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ କହିଛି ଯେ, ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି, ଯୁବ ଜନସଂଖ୍ୟା ଏବଂ ଅର୍ଥବ୍ୟବସ୍ଥାରର ସମ୍ପ୍ରସାରଣ ଯୋଗୁଁ ଭାରତର ସ୍ଥିତିରେ ସୁଧାର ଆସିଛି । ଏଥିସହ ବିଶ୍ୱରେ ଭାରତର ବଢୁଥିବା ବିଶ୍ୱସନୀୟତାକୁ ମଧ ଦର୍ଶାଉଛି । ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସ୍ୱରୂପ ଭାରତ ଜାପାନକୁ ପଛରେ ପକାଇ ଏସିଆ ପାୱାର ଇଣ୍ଡେକ୍ସରେ ତୃତୀୟ ଶକ୍ତିଶାଳୀ ଦେଶର ମାନ୍ୟତା ହାସଲ କରିଛି । ୨୦୧୮ରୁ ଏସିଆ ପାୱାର ଇଣ୍ଡେକ୍ସର ମୂଲ୍ୟାଙ୍କନ କରୁଛି । ୨୦୨୪ର ଏହି ରିପୋର୍ଟ ଅନୁସାରେ ▶▶ପୃଷ୍ଠା ୭

## ଜିଦ୍‌ରେ ଅଟଳ ନର୍ସିଂ ସଂଘ: ଆଜିଠାରୁ ଜରୁରୀକାଳୀନ ସେବା ଠପ୍ ପାଇଁ ଚେତାବନୀ

ଭୁବନେଶ୍ୱର, ୨୬/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଏସମାକୁ ଅଣଦେଖା କରି ନର୍ସିଂ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଦ୍ୱିତୀୟ ଦିନରେ ମଧ ଆନ୍ଦୋଳନ ଜାରି ରହିଛି । ସରକାରଙ୍କ ସହିତ ଆଲୋଚନା ବିଫଳ ହେବା ପରେ ଗୁରୁବାର ନର୍ସିଂ ସଂଘ ପୁଣି ଆନ୍ଦୋଳନ କରିଛି । ୧୦ ଦଫା ଦାବି ନେଇ ନର୍ସିଂ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଛନ୍ତି । ଯଦି ଗୁରୁବାର ସୁଦ୍ଧା କୌଣସି ପ୍ରତିଶ୍ରୁତି ନ ମିଳେ ତେବେ ଶୁକ୍ରବାରଠାରୁ ଜରୁରୀକାଳୀନ ସେବା ବନ୍ଦ କରିବାକୁ ନର୍ସିଂ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ବୁଧବାର ଲୋକସେବା ଭବନରେ ସଚିବଙ୍କ ▶▶ପୃଷ୍ଠା ୭

## ପାଣିକୋଇଲିରେ ସଦସ୍ୟତା ଅଭିଯାନ

କୋରାଇ, ୨୬/୦୯ (ନି.ପ୍ର): ପାଣିକୋଇଲି ପଂଚାୟତରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଅଳତିରି ଆଦର୍ଶ ୟୁଥ କ୍ଲବ ପରିସରରେ ଅନୁଷ୍ଠିତ ସଦସ୍ୟତା ଅଭିଯାନ ସଭାରେ କୋରେଇ ବିଧାୟକ ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବରିଷ୍ଠ ନେତା ପଦ୍ମଲୋଚନ ମଲ୍ଲିକ, ମଣ୍ଡଳସଭାପତି ପ୍ରମୋଦ କୁମାର ସାହୁ, ଜହର ଅଲ୍ଲୀ, କଳ୍ପତରୁ ମହାପାତ୍ର, ଜଗଦୀଶ୍ୱର ମଲ୍ଲିକ, ଶଶିକାନ୍ତ ମଲ୍ଲିକ, ଉପେନ୍ଦ୍ର ପାତ୍ର, ଦିଲ୍ଲୀପ ପରିଡ଼ା, ବିଣାପାଣୀ ଜେନା, କାର୍ତ୍ତିକ ବେହେରା, ରାଜକିଶୋର ମଲ୍ଲିକ, ଲକ୍ଷ୍ମୀଧର କରଣ ସମେତ ବହୁ ନେତା ଯୋଗଦେଇ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ ।

## ପାରାଦୀପରେ ଆୟୋଜିତ ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନ

ପାରାଦୀପ, ୨୬/୯ : ପାରାଦୀପ ରେ ଆୟୋଜିତ ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୪ ଟି ମ୍ୟାଚ ଖେଳାଯାଇଥିଲା ।ପ୍ରଥମ ମ୍ୟାଚ ରେ ପୁରୀ ଏବଂ ଜଗତସିଂହପୁର ର ମ୍ୟାଚ ୪-୪ ଗୋଲରେ ଅମୀମାନସିତ ରହିଥିଲା ।ସେହିପରି ଦ୍ୱିତୀୟ ମ୍ୟାଚ ରେ କଟକ, ଗଞ୍ଜାମ କୁ ୮-୦ ଗୋଲରେ, ତୃତୀୟ ମ୍ୟାଚ ରେ ଭୁବନେଶ୍ୱର, କେନ୍ଦ୍ରାପଡା କୁ ୩-୨ ଗୋଲ ବ୍ୟବଧାନ ରେ ଏବଂ ଚତୁର୍ଥ ମ୍ୟାଚ ରେ ଖୋର୍ଦ୍ଧା ପାରାଦୀପ କୁ ୨-୧ ଗୋଲ ରେ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

## ଛାତ୍ରୀଙ୍କୁ ଦୁଷ୍କର୍ମ କରି ଫେରାର ଥିବା ଅଭିଯୁକ୍ତ ଗିରଫ

ମାଲକାନଗିରି, ୨୬/୦୯ (ନି.ପ୍ର): ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରି ଫେରାର ଥିବା ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି କାଲିମେଳା ପୁଲିସ । ଗତକାଲି ଏମପିଭି ୧୫ ଗ୍ରାମରୁ ବାଦଲ ମଣ୍ଡଳ ନାମକ ୧୯ ବର୍ଷର ଯୁବକକୁ ଗିରଫ କରିବାରେ ସଫଳ ହୋଇଛି । ଏ ସମ୍ପର୍କରେ କାଲିମେଳା ଥାନାରେ କେସ ନଂ ୨୦୬ ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା ଓ ପୋକ୍ସୋ ଧାରାରେ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଯୁବକ ଜଣଙ୍କ ୨୦ ତାରିଖ ଦିନ ୨ ଟାରେ ଛାତ୍ରୀଙ୍କ ଘରେ ଜବରଦସ୍ତ ପ୍ରବେଶ କରି ଘର ଭିତରେ ଛାତ୍ରୀଙ୍କୁ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ତେବେ ଲୋକ ଲଜ୍ୟା ଭୟରେ ଘଟଣା ଦିନ ସନ୍ଧ୍ୟାରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ ପୀଡିତା । ତୁରନ୍ତ ଘର ଲୋକ ପୀଡିତାକୁ ମାଲକାନଗିରି ମେଡିକାଲକୁ ନେଇ ଚିକିତ୍ସା କରିଥିଲେ ମଧ ଅବସ୍ଥା ଗୁରୁତର ଥିବାରୁ ୨୧ ତାରିଖ ଦିନ ପୀଡିତାକୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ଏ ସମ୍ପର୍କରେ ୨୧ ତାରିଖ ଦିନ ପୀଡିତାର ମାଆ କାଲିମେଳା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଛାନଭିନ ଆରମ୍ଭ କରିଥିଲା । ତେବେ ପୁଲିସକୁ ଚକମା ଦେଇ ଅଭିଯୁକ୍ତ ଚାରି ଦିନ ଫେରାର ରହିବା ପରେ ଗତକାଲି ପୁଲିସ ତାକୁ ଘରୁ ଗିରଫ କରିବାରେ ସଫଳ ହୋଇଥିଲା ।

## ‘ବିଦ୍ୟାଭାରତୀ ପୁସ୍ତକ ସପ୍ତାହ: ୨୦୨୪’ର ୩ୟ ସନ୍ଧ୍ୟା ଅନୁଷ୍ଠିତ

ବାଲେଶ୍ୱର, ୨୬/୦୯ (ନି.ପ୍ର): ବାଲେଶ୍ୱରରେ ‘ବିଦ୍ୟାଭାରତୀ’ ଓ ‘ବହିଘର’ ପ୍ରକାଶନ ପ୍ରତିଷ୍ଠାନ ଆନୁକୂଲ୍ୟରେ ‘ବହିଘର ଲାଇବ୍ରେରୀ’ର ଶୁଭାରମ୍ଭ ପରିପ୍ରେକ୍ଷୀରେ ଆରମ୍ଭ ହୋଇଥିବା ‘ବିଦ୍ୟାଭାରତୀ ପୁସ୍ତକ ସପ୍ତାହ: ୨୦୨୪’ର ୩ୟ ଦିବସରେ ‘ମୁଁ କାହିଁକି ଲେଖେ’, ‘ମୋର ପ୍ରିୟ ଲେଖକ ଓ ପ୍ରିୟ ପୁସ୍ତକ’ ଶୀର୍ଷକରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଭୟ ଦାସଙ୍କ ସଭାପତିତ୍ୱ ଓ ଗଗନ ସେଠୀଙ୍କ ସଂଯୋଜନାରେ ଏହି ଆଲୋଚନାଚକ୍ର ଓ କବିତାପଠରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ, ବ୍ରଜେନ୍ଦ୍ର ଗିରି, ମୁଖ୍ୟ ବକ୍ତା ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷାସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର, ଆଲୋଚକ ଭାବରେ




ସୋର କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଡକ୍ଟର ଅମ୍ବରୀଶ ଦିଣ୍ଡା, ସାହିତ୍ୟିକ କାଳୀକିଙ୍କର ଦାସ,ଶିକ୍ଷୋଦ୍ୟୋଗୀ ତଥା ଗାଳ୍ପିକ ଶୋଭେନ୍ଦ୍ର ଦାଶ, କବି ଉତ୍ପଳ ମହାନ୍ତି, କବି ଆଲୋକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ‘ବହିଘର’ର ନିର୍ଦ୍ଦେଶିକା ମଞ୍ଜୁଲତା ବଳ ପ୍ରାରମ୍ଭରେ ଜଗନ୍ନାଥ ଭଜନ ପରିବେଷଣ କରିଥିବା ବେଳେ କବି ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ବିଜେପି ଉପସଭାପତି ବିରଂଚି ତ୍ରିପାଠୀଙ୍କ ହରିଚନ୍ଦନପୁର ଗସ୍ତ

ହରିଚନ୍ଦନପୁର, ୨୬/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ହରିଚନ୍ଦନପୁର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଉପସଭାପତି ବିରଂଚି ତ୍ରିପାଠୀ ପହଂଚିଲେ। ସୂଚନା ମୁତାବକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ସରକାର ମୋହନ ମାଝିଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ଜିଲ୍ଲା ଗସ୍ତରେ ଆସିଛନ୍ତି ରାଜ୍ୟ ଉପସଭାପତି । ଆଜି ବିଭିନ୍ନ ନିର୍ବାଚନ ମଣ୍ଡଳୀ ବୁଲିବା ପରେ ତେଲକୋଇ ନିର୍ବାଚନ ମଣ୍ଡଳୀ ହରିଚନ୍ଦନପୁର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ପହଂଚିଲେ ତ୍ରିପାଠୀ । ଚାଲିଥିବା ସଦସ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତଥ୍ୟ ଓ ସଦସ୍ୟ ବୃଦ୍ଧି ନିମନ୍ତେ ଆଲୋଚନା କରିବା ସହ ଦଳକୁ ସୃଦୃଢ଼ କରିବା ପାଇଁ ଉପଦେଶ ଦେଇଛନ୍ତି । ଦଳରେ ରହିଥିବା ସୁବିଧା ଅସୁବିଧା ବିଷୟରେ ସମୀକ୍ଷା କରି ସମାଧାନର ବାଟ ଫିଟାଇବାକୁ ବିଧାୟକ ପ୍ରତିନିଧି ଶିରିଷ କୁମାର ସାହୁଙ୍କ ସହ ଆଲୋଚନା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ଲକର ବରିଷ୍ଠ ନେତା ଚତୁର୍ଭୁଜ ସାହୁ, ଅଭିମନ୍ୟୁ ସାହୁ, ଗଦାଧର ମହାନ୍ତ, ପ୍ରତାପ ସାହୁ, ଗୌର ଚନ୍ଦ୍ର ସାହୁ, ଓ ଦିଲ୍ଲୀପ କୁମାର ସାହୁ, ଉତ୍ତମ କୁମାର ସାହୁ, ଗୁରୁଚରଣ ମହାନ୍ତ, ସୌମ୍ୟ ସାହୁ, ଭୁପତି ସାହୁ, ଭାଲୁ ବେଜ, ମୁନା ବେଜ, ହରିଚନ୍ଦ୍ର ମହାନ୍ତ, ପ୍ରଶ୍ନ କୁମାର ସାହୁ, କୁନା ସାହୁ, ବସନ୍ତ କୁମାର ସାହୁ, ବସନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଟିଏମ୍ କାଉଂଟର କାଚ କବାଟ ଭାଙ୍ଗି ଯୁବକ ଗୁରୁତର

ଧର୍ମଶାଳା, ୨୬/୦୯ (ନି.ପ୍ର): ଏଟିଏମ୍ କାଉଂଟର ଟଙ୍କା ଉଠାଇବାକୁ ଆସି ଯୁବକ ଗୁରୁତର । କାଚ କବାଟ ଭାଙ୍ଗି ଉପରେ ପଡିବା ଫଳରେ ଯୁବକ ଜଣକ ଗୁରୁତର ହୋଇଥିବା ବେଳେ ତାଙ୍କୁ ତୁରନ୍ତ ନିକଟସ୍ଥ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର ଯୁବକ ଜଣକ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ସିଂଠାଲେଇ ଗ୍ରାମର ରତ୍ନାକର ମାହୁନ୍ତ ବୋଲି ଜଣାପଡିଛି । ରତ୍ନାକର ଆଜି ଟଙ୍କା ଉଠାଇବା ପାଇଁ ବ୍ରହ୍ମବରଦାସ୍ଥିତ ସାପ୍ତାହିକ ହାଟ ନିକଟରେ ଥିବା ଏସବିଆଇ କାଉଂଟରକୁ ଆସିଥିଲେ । ଭିତରେ ଟଙ୍କା ଉଠାଇ ବାହାରକୁ ବାହାରିବା ସମୟରେ କାଚ କବାଟ ତାଙ୍କ ଉପରେ ପଡି ଯାଇଥିଲା । ଫଳରେ ସେ ଗୁରୁତର ହୋଇ ପଡିଥିଲେ । ସୂଚନା ମୁତାବକ, ଆଜି ସକାଳ ସମୟରେ ରତ୍ନାକର ଟଙ୍କା ଉଠାଇବା ପାଇଁ ବ୍ରହ୍ମବରଦା ସାପ୍ତାହିକ ହାଟ ନିକଟରେ ଥିବା ଏସବିଆଇ କାଉଂଟର ଭିତରୁ ଯାଇଥିଲେ । ସେଠାରୁ ଟଙ୍କା ଉଠାଇ ଫେରିବା ପରେ କାଉଂଟରର ମୁଖ୍ୟ ଦ୍ୱାରରେ ଥିବା ହଠାତ୍ କାଚ କବାଟ ତାଙ୍କ ଉପରେ ପଡି ଯାଇଥିଲା । ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ତାଙ୍କ ମୁଣ୍ଡ ଓ ଗୋଡରେ ଗଭୀର ଆଘାତ ଲାଗି ଥିବା ଜଣାପଡିଛି । ଖବର ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ତୃପକ୍ଷ କାଉଂଟର ନିକଟରେ ପଂହଚି ଘଟଣାର ତଦନ୍ତ କରିବା ସହିତ କାଉଂଟରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଥିଲେ । ତେବେ ଦୀର୍ଘ ଦିନ ହେବ ଏହି ଏଟିଏମ କାଉଂଟର ସ୍ଥାୟୀ ରକ୍ଷଣାବେକ୍ଷଣ ନ ହେବାରୁ ଅତି ଦୟନୀୟ ଅବସ୍ଥାରେ ଚାଲୁ ରହିଥିଲା । ଫଳରେ ଆଜି ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି ।

## ଆକାଂକ୍ଷା ଜିଲ୍ଲା ନୋଡାଲ ଅଧିକାରୀଙ୍କ ସମୀକ୍ଷା ଏବଂ କ୍ଷେତ୍ର ପରିଦର୍ଶନ

ଜୟପୁର, ୨୬/୦୯ (ନି.ପ୍ର): କୋରାପୁଟ ଆକାଂକ୍ଷା ଜିଲ୍ଲା ନୋଡାଲ ଅଧିକାରୀ ତଥା ଶ୍ରମ ଓ କର୍ମନିଯୋଜନ ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ ପ୍ରମୁଖ ଶାସନ ସଚିବ ଆଜି କୋରାପୁଟ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଛନ୍ତି।୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଜୟପୁରଠାରେ ନିର୍ମାଣଧିନ ସଦର ମହକୁମା ହସପିଟାଲକୁ ନୂତନ ବର୍ଷରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ଫ୍ଲାଗସିପ କାର୍ଯ୍ୟକ୍ରମ ଯଥା ସୁଭଦ୍ରା, ପିଏମ କିଷାନ, ସିଏମ କିଷାନ, ପୋଷଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମନରେଗା, ପେନସନ ପ୍ରଭୃତି ଉପରେ ସମୀକ୍ଷା କରିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଉପସ୍ଥିତ ରହିଥିବା ବେଳେ ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ଆକାଭାରମ ସସ୍ୟା ରେଡ୍ଡୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ, କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ, ଯୋଜନା ଓ ପର୍ଯ୍ୟବେକ୍ଷଣ ସହକାରୀ ନିର୍ଦ୍ଦେଶକ ଅଳକା ଜେନା ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।ସମୀକ୍ଷା ବୈଠକ ପରେ ନୋଡାଲ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ। କୋରାପୁଟ ଠାରେ ନିର୍ମାଣଧିନ ୬୫୦ ଶଯ୍ୟା ବିଶିଷ୍ଟ ଅଧ୍ୟାପନା ହସପିଟାଲ ପରିଦର୍ଶନ କରିଥିଲେ। ଜୟପୁର ଠାରେ ନିର୍ମାଣଧିନ ସଦର ମହକୁମା ହସପିଟାଲ ଓ ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରିଥିଲେ । ନୋଡାଲ ଅଧିକାରୀଙ୍କ ପରିଦର୍ଶନ ସମୟରେ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ସହ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଜି.ପି.ଏଲ.ଏଫ୍. କର୍ମୀଙ୍କୁ ୬ ମାସ ହେଲା ମିଳୁନି ଦରମା

କେନ୍ଦ୍ରାପଡ଼ା, ୨୬/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବ୍ଲକର ଗ୍ରାମ ପଂଚାୟତସ୍ତରୀୟ ଗୋଷ୍ଠୀ ସମର୍ଥକ କର୍ମଚାରୀମାନଙ୍କର ୬ ମାସରୁ ଉର୍ଦ୍ଧ୍ୱ ହେଲା ପାରିଶ୍ରମିକ ପ୍ରୋତ୍ସାହନ ରାଶି ମିଳୁ ନଥିବାରୁ ସଂଘ ତରଫରୁ ଏମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଭାନେତ୍ରୀ ନିରୁପମା ମହାନ୍ତିଙ୍କ ନେତୃତ୍ୱରେ ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆରପି, କୃଷି ମିତ୍ର, ପ୍ରାଣୀ ମିତ୍ର ଏବଂ ଏଲ୍.ଏମ୍.ସି ପ୍ରମୁଖମାନେ ନିୟମିତ ଭାବରେ ବିଭିନ୍ନ ସରକାରୀ ଯୋଜନାର ରୂପରେଖ ଓ ସରକାରଙ୍କର ବିଭିନ୍ନ କାର୍ଯ୍ୟକୁ ବିଭିନ୍ନ ବିଭାଗର ମିଳିତ ସହଯୋଗରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଦୀର୍ଘମାସ ହେଲା ଏମାନେ ପାରିଶ୍ରମ ନପାଇବାରୁ ଏହି କର୍ମକର୍ତାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧହୋଇ ଏହି କର୍ମଚାରୀମାନେ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୨୬/୦୯ (ନି.ପ୍ର): ବୁଧବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଅକ୍ଟୋବର ୨ ତାରିଖ ଦିନ ପ୍ରାତଃ ୪.୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଜନ୍ତ୍ର ଦ୍ୱାରା ରାମଧୁନ ପ୍ରଚାର କରାଯିବ। ସକାଳ ୭.୦୦ ଘଟିକା ଠାରୁ ୮.୦୦ ମଧ୍ୟରେ ମହାତ୍ମା ଗାନ୍ଧୀ ବାଣୀ ସମ୍ପର୍କିତ ଏକ ସଚେତନତା ରାଲି କରାଯିବା ସହିତ ସାଇକଲ ଏବଂ ବାଇକ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗନ୍ତବ୍ୟ ସ୍ଥଳରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ଶେଷରେ ରାଲି ବିଜେବି ହାଇସ୍କୁଲରେ ଶେଷ ହେବ। ଜିଲ୍ଲାର ସମସ୍ତ ବ୍ଲକ,ଏନ. ଏ. ସି, ମୁନିସିପାଲିଟି ଅନ୍ତର୍ଗତ ଅବସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତିମାନଙ୍କରେ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତି ନିଆଯାଇ କାର୍ଯ ନିର୍ବାହି ଅଧିକାରୀ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଗଲା। ବିଜେବି ହାଇସ୍କୁଲ ଠାରେ ସର୍ବଧର୍ମ ପ୍ରାର୍ଥନା ସଭା ସକାଳ ୮.୦୦ ପରେ ସାଂସ୍କୃତିକ କାର୍ଯକ୍ରମ ପ୍ରଥମ ଶ୍ରେଣୀରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କର ଫାନ୍ସି ଡ୍ରେସ କରିବାକୁ ନିଷ୍ପତି ନିଆଗଲା। ଏହି କାର୍ଯକ୍ରମରେ କାର୍ଯ୍ୟ ନିର୍ବାହି ଅଧିକାରୀ, ରିଜାନା କବାବ, ଅଧ୍ୟାପକ, ପି.ଏନ. କଲେଜ ସୁଶାନ୍ତ କୁମାର ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧୁକାରୀ, କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ମିରାବାଇ ବେହେରା,ଏ ବି ଓ ସଂଧ୍ୟାବତୀ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ଯ ବୈଠକରେ ସ୍ୱାଗତ ଭାଷଣ ରଖିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟର ଭିତ୍ତିଭୂମି ଅନୁଧ୍ୟାନ ପାଇଁ ଓଡ଼ିଶା ଗସ୍ତରେ ବିଶ୍ୱବ୍ୟାଙ୍କ ଟିମ୍

ଭୁବନେଶ୍ୱର ୨୫ ସେପ୍ଟେମ୍ବର - ଭିତ୍ତିଭୂମି କ୍ଷେତ୍ରରେ ଓଡିଶାର ବ୍ୟାପକ ରଣନୀତି ସମ୍ପର୍କରେ ଅଧ୍ୟୟନ ଏବଂ ଏ କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ସୁପାରିଶ କରିବା ଉଦ୍ଦେଶ୍ୟରେ ଭାରତ ସରକାର, ବିଶ୍ୱବ୍ୟାଙ୍କ ସହଯୋଗରେ ଅଧ୍ୟୟନ ନିମନ୍ତେ ଓଡ଼ିଶା ସମେତ ଗୁଜରାଟ, ମଧ୍ୟପ୍ରଦେଶ ଏବଂ ମେଘାଳୟ ଭଳି ୪ ଟି ରାଜ୍ୟକୁ ଚିହ୍ନଟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବରିଷ୍ଠ ସରକାରୀ-ବେସରକାରୀ ସହଭାଗିତା (ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରସିପ୍ ) ବିଶେଷଜ୍ଞ ଓ ପରାମର୍ଶଦାତାଙ୍କୁ ନେଇ ଗଠିତ ବିଶ୍ୱବ୍ୟାଙ୍କର ଏକ ୫ ଜଣିଆ ଟିମ୍ ଗତକାଲି ମଙ୍ଗଳବାର ଲୋକସେବା ଭବନରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ । ରାଜ୍ୟ ସରକାରଙ୍କ ପ୍ରମୁଖ ଭିତ୍ତିଭୂମି ବିଭାଗମାନଙ୍କର ସଚିବ, ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ ନିର୍ଦ୍ଦେଶାଳୟ ଏବଂ ଅର୍ଥ ବିଭାଗର ଅଧିକାରୀମାନେ ମଧ ଏହି ବୈଠକରେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଘରୋଇ ଅଂଶଗ୍ରହଣ ରାଜ୍ୟ ପାଇଁ ଲାଭଦାୟକ ହେଉଥିବା ସମ୍ପର୍କରେ ମତ ରଖିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ପ୍ରତିନିଧି ଦଳକୁ ଓଡ଼ିଶାର ନୂତନ ପିପିପି ନୀତି, ପିପିପି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ ପାଇଁ ସଂସ୍ଥାଗତ ଢାଂଚା ଏବଂ ସାମାଜିକ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଘରୋଇ କ୍ଷେତ୍ରର ଅଧିକ ଅଂଶଗ୍ରହଣ ବୃଦ୍ଧି ନିମନ୍ତେ ନିକଟରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ରାଜ୍ୟବାସୀଙ୍କ ଆକାଂକ୍ଷା ଏବଂ ଜାତୀୟ ଓ ବିଶ୍ୱ ସ୍ତରରେ ଓଡିଶା ବହୁମୁଖୀ ସ୍ୱୀକୃତି ପାଇଁ “ଭିଜନ୨୦୩୬” ର ଗୁରୁତ୍ୱପୂର୍ଣ ଭୂମିକା ରହିଛି ବୋଲି ସେ ମତପୋଷଣ କରିଥିଲେ ।
ଅତୀତ ଓ ବର୍ତ୍ତମାନର ପ୍ରକଳ୍ପଗୁଡିକର ସଫଳ ରୂପାୟନ ଏବଂ ଆହ୍ୱାନ ବିଷୟରେ ଅବଗତ ହେବା ଏହି ବିଶ୍ୱବ୍ୟାଙ୍କ ଦଳର ପ୍ରାଥମିକ ଲକ୍ଷ୍ୟ ।ଏହାଦ୍ୱାରା ସେମାନେରାଜ୍ୟରେ ଅନୁସରଣ କରାଯାଉଥିବା କେତେକ ସର୍ବୋତ୍ତମ ଅଭ୍ୟାସ ଉପରେ ଆଲୋକପାତ କରିବାରେ ସକ୍ଷମ ହେବେ, ଯାହିକି, ଅନ୍ୟ ରାଜ୍ୟ ତଥା ପ୍ରମୁଖ ବୈଶ୍ୱିକ ଅଂଶୀଦାରମାନଙ୍କୁ ଜ୍ଞାନଆହରଣ ପାଇଁ ସହାୟକ ହେବ । ଏହା ବ୍ୟତୀତ ଆବଶ୍ୟକସ୍ଥଳେ ଭବିଷ୍ୟତ ପ୍ରକଳ୍ପ ପାଇଁ ଗୁରୁତ୍ୱପୂର୍ଣ ବୈଷୟିକ ପରାମର୍ଶଦାତା ସେବା ପ୍ରଦାନ ମଧ ଏହି ଟିମ୍ ର ଲକ୍ଷ୍ୟ ରହିଛି ।

## ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

ବଲାଙ୍ଗିର, ୨୬/୦୯ (ନି.ପ୍ର): ୟୁଥ୍ ରେଡ୍ କ୍ରସ୍ ଓ ଏନ୍ ଏସ ଏସ ୟୁନିଟ ର ମିଳିତ ସହଯୋଗରେ ସୁଦାମ ଚରଣ ଡିଗ୍ରୀ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରକୁ ମହାବିଦ୍ୟାଳୟର ରାଜେନ୍ଦ୍ର କୁମାର ମିଶ୍ର ଉଦ୍ ଘାଟନ କରିଥିଲେ।ଏହି ଶିବିରରେ ଏନ୍ ଏସ ଏସ ର ଜିଲ୍ଲା କାର୍ଯକ୍ରମ ଅଧିକାରୀ ଡକ୍ଟର ଅଜିତ୍ କୁମାର ଭୋଇ ଏବଂ ୟୁଥ୍ ରେଡ୍ କ୍ରସ ର ଜିଲ୍ଲା ପରାମର୍ଶ ଦାତା ଓ ଦଇତାରୀ ପୁଝାରୀ ଅତିଥି ରୂପେ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ ମହାବିଦ୍ୟାଳୟର ୟୁଥ୍ ରେଡ୍ କ୍ରସ ର ପରାମର୍ଶଦାତା ଅଧ୍ୟାପକ ପ୍ରଦୀପ୍ତ ବଲ୍ଲଭ ପାଣିଗ୍ରାହୀ ଏବଂ ଏନ୍ ଏସ ଏସ ର କାର୍ଯକ୍ରମ ଅଧିକାରୀ ଅଧ୍ୟାପକ ଯୁଧିଷ୍ଠିର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବ୍ଲଡ ବ୍ୟାଙ୍କ୍ ଅଧିକାରୀ ସହଯୋଗ କରିଥିଲେ।ଉକ୍ତ ରକ୍ତଦାନ ଶିବିର ରେ ମୋଟ୍ ୩୦ ୟୁନିଟ ରକ୍ତ ସଂଗ୍ରହ କରାଗଲା। ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଜସ୍ମିନ ନନ୍ଦ,ରାଜନୀତି ବିଜ୍ଞାନ ଅଧ୍ୟାପିକା ବର୍ଷ ପଟେଲ,ଶିକ୍ଷା ବିଭାଗ ଅଧ୍ୟାପିକ ଗାର୍ଗୀ ମିଶ୍ର, ଗ୍ରନ୍ଥାଧ୍ୟକ୍ଷ ପ୍ରିତମ କୁମାର ପଣ୍ଡା,କ୍ରୀଡା ଅଧ୍ୟାପକ ରଘୁନାଥ ଭୋଇ,କିରାଣୀ ରମାଇ ସିଂ, ପିଅନ ପ୍ରଭାତ କୁମାର ବେହେରା,ଭଗବାନ ରାଉତ୍,ରାତ୍ରି ଜଗୁଆଳି ଶିବ ପଟେଲ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଗାନ୍ଧିଜୀ ଓ ଶାସ୍ତ୍ରୀଜୀଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପୁରୀ, ୨୬/୦୯ (ନି.ପ୍ର): ଅକ୍ଟୋବର ୨ ତାରିଖରେ ପୁରୀ ଜିଲ୍ଲା ସ୍ତରୀୟ ଗାନ୍ଧିଜୀଙ୍କ ୧୫୫ ତମ ଓ ଶାସ୍ତ୍ରୀଜୀଙ୍କ ୧୨୦ ତମ ଜୟନ୍ତୀ ପାଳିତ ହେବ। ଏହାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିବା ସହ ଦୁଇ ମହାପୁରୁଷଙ୍କ ଜୟନ୍ତୀକୁ ସୁଚାରୁ ରୂପେ ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ନିଷ୍ପତି ନିଆଗଲା ଯେ, ଗାନ୍ଧୀ ଜୟନ୍ତୀ ଦିନ ପ୍ରତ୍ୟୁଷ ୪ଟା ୩୦ ରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପରିବେଷଣ କରାଯିବ। ସକାଳ ୭ଟାରେ ଗାନ୍ଧୀଘାଟ ଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ, ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ। ପରେ ସକାଳ ୮ଟା ରେ ସଂସ୍କୃତି ଭବନ ଠାରେ ଜୟନ୍ତୀ ସଭା ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯିବା ସହ ମିଷ୍ଟାନ୍ନ ବଂଟନ କରାଯିବ।

## ବାୟୁସେନା ନିଯୁକ୍ତି ସମ୍ପର୍କିତ ପରାମର୍ଶ କାର୍ଯ୍ୟକ୍ରମ

ମାଲକାନଗିରି, ୨୬/୦୯ (ନି.ପ୍ର): ବାୟୁସେନାରେ ନିଯୁକ୍ତି ସମ୍ପର୍କିତ ଏକ ବିଶେଷ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ବିପିନ ରାଉତ, ସର୍ଜେଂଟ, ବାୟୁସେନା ଉପସ୍ଥିତ ଥିଲେ। ସମ୍ମାନୀତ ଅତିଥି ମନସୀ ସେଠୀ, ଜିଲ୍ଲା ନିଯୋଜନ ନିର୍ଦ୍ଦେଶକ, ଏବଂ ଉପେନ୍ଦ୍ର ଦୀପ, ଜିଲ୍ଲା ନିୟୋଜନ ଅଧିକାରୀ ମଧ ଉପସ୍ଥିତ ଥିଲେ। ସଭାପତି ଭାବେ ମାଲକାନଗିରି ମହାବିଦ୍ୟାଳୟ ଅଧକ୍ଷ ଲିଙ୍ଗରାଜ ମିଶ୍ର ଏହି ଅବସରକୁ ଉଜାଗର କରିଥିଲେ।ମୁଖ୍ୟ ବକ୍ତା ଭାବେ ନୀରଜ କୁମାର, କର୍ପୋରାଲ, ବାୟୁସେନାରେ ନିଯୁକ୍ତି ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା ଏବଂ ଅବସର ବିଷୟରେ ତଥ୍ୟ ଦେଇ ଯୁବ ମାନଙ୍କୁ ଜାଗୃତ କରିଲେ। ସମ୍ମାନୀତ ଅତିଥି ଡକ୍ଟର ଉଦୟନାଥ ଖରା ଗଭର୍ଣ୍ଣିଂ ବଡି ସଭାପତି ମଧ ତାଙ୍କ ଉପସ୍ଥିତି ଦ୍ୱାରା କାର୍ଯ୍ୟକ୍ରମକୁ ଉତ୍ସାହିତ କରିଥିଲେ।ମଂଚ ପରିଚାଳନା ଡ ରଞ୍ଜନ କୁମାର ସ୍ୱାଇଁ ଆଇ. କ୍ୟୁ .ଏ. ସି ସଂଯୋଜକଙ୍କ ଦ୍ୱାରା ସଫଳତାର ସହିତ କରାଯାଇଥିଲା, ଏବଂ କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ସୁଶାନ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ୧୫୦ ରୁ ଉର୍ଦ୍ଧ୍ୱ ଯୁକ୍ତତିନି ଏବଂ ଯୁକ୍ତଦୁଇ ଶେଷ ବର୍ଷ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ରାସ୍ତାକଡରେ ବର୍ଜ୍ୟ ପକାଉଥିବାରୁ ୩ ଦୋକାନକୁ ବନ୍ଦ କଲା ବିଏମ୍‌ସି

ଭୁବନେଶ୍ୱର , ୨୬/୦୯ (ନି.ପ୍ର): କେନାଲ ଓ ରାସ୍ତା କଡରେ ବର୍ଜ୍ୟ ପକାଇବା ଏବଂ ସେଗୁଡିକୁ ପୋଡିବା ଅଭିଯୋଗରେ ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୩ଟି ଦୋକାନକୁ ବନ୍ଦ କରିଦିଆଯାଇଛି । ଜିଜିପି କଲୋନୀଠାରୁ ଝାରପଡା କେନାଲ ବନ୍ଧ ଭାଗବତ ସନ୍ଧାନ ଛକରେ ଥିବା ସାଇ ଆରୋଗ୍ୟମ୍ ପ୍ଲସ୍ ମେଡିସିନ ଷ୍ଟୋର ଓ ପାଥୋଲାବ, ଏଲ୍ ଜୋନ୍ ସେଲୁନ୍ ଏବଂ ସଂଗ୍ରୀତା ବେକରୀକୁ ବିଏମ୍ ସି ପକ୍ଷରୁ ବନ୍ଦ କରିଦିଆଯାଇଛି । କେନାଲ ଓ ରାସ୍ତା କଡରେ ଅଳିଆ ପକାଇବା ସହ ସେଗୁଡିକୁ ନିଆଁ ଲଗାଇ ପୋଡିଥିବାର ଠୋସ୍ ପ୍ରମାଣ ପାଇବା ପରେ ସେମାନଙ୍କ ଦୋକାନ ବନ୍ଦ କରିଦିଆଯାଇଛି । ଡେପୁଟି କମିଶନର (ପରିମଳ)ଙ୍କ ନିର୍ଦ୍ଦେଶ କ୍ରମେ ଉପସ୍ଥିତ ସାଇନ୍ ଟିମ୍ ଓ ଟିମ୍ ବିଏମ୍ ସି ଦୋକାନ ବନ୍ଦ କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ସ୍ୱଚ୍ଛତା ପକ୍ଷ ଅବସରରେ ବିଭିନ୍ନ ସ୍ଥାନରେ ଜାରି ରହିଛି ପ୍ଲଗାଥନ । ସ୍ୱଚ୍ଛତାହିଁ ସେବା ଅଭିଯାନ ଅବସରରେ ଆଜି ଐତିହାସିକ ପୀଠସ୍ଥଳୀ ଖଣ୍ଡଗିରି ଓ ଉଦୟଗିରି ଏବଂ ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଜିଜିପି କଲୋନୀଠାରୁ ୧୯ ନମ୍ବର ୱାର୍ଡର ଭଗବାନ ଟାୱାର ପର୍ଯ୍ୟନ୍ତ କେନାଲବନ୍ଧ ରାସ୍ତା, ମଳୟ ବିହାର ଏବଂ ଜଗନ୍ନାଥ ନଗରର କେତେକ ଅଂଚଳରେ ଗଣ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଣ୍ଡଗିରି ଓ ଉଦୟଗିରିଠାରେ ଅତିରିକ୍ତ କମିଶନର ଶ୍ରୀ ଶୁଭେନ୍ଦୁ କୁମାର ସାହୁଙ୍କ ସହ ସାଉଥ-ୱେଷ୍ଟ ଜୋନାଲ କମିଶନର ରୋଶନ ଶତପଥି, ସହକାରୀ କମିଶନର ଶ୍ରୀ ଏନ୍ ଗଣେଶ ବାବୁ, ସାଉଥ-ୱେଷ୍ଟ ଡିସିଙ୍କ ସହ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ବରିଷ୍ଠ ନାଗରିକ, ଆବାସିକ ସଂଗଠନ, ସ୍ୱେଚ୍ଛାସେବୀଙ୍କ ସହ ଟିମ୍ ବିଏମ୍ ସି ଗଣ ସଫେଇ କାର୍ଯ୍ୟକ୍ରମରେ ସାମିଲ ମୋଟ ୩୨୦ ଜଣ ସାମିଲ ହୋଇଥିଲେ । ଏଠାରେ ୨.୫ ମେଟ୍ରିକ ଟନ ବର୍ଜ୍ୟ ସଂଗ୍ରହ କରାଯାଇଛ ।
୧୮ ଓ ୧୯ ନମ୍ବର ୱାର୍ଡର ପ୍ରାୟ ୩ କିଲୋମିଟର ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଗଣସଫେଇରେ ୮ ଟ୍ରିପ୍ ବର୍ଜ୍ୟ ସଂଗ୍ରହ କରାଯାଇଥିଲା । ଡେପୁଟି କମିଶନର (ପରିମଳ) ଡକ୍ଟର ମନୋରଂଜନ ସାହୁ, ନର୍ଥ ଜୋନ୍ ଡେପୁଟି କମିଶନର ପ୍ରୀୟଦର୍ଶନୀ ଜେନାଙ୍କ ସହ ୧୮ ନମ୍ବର କର୍ପୋରେଟର ବିପ୍ଳବ ବେହେରା ଉପସ୍ଥିତ ଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ଶହ ଶହ ନାଗରିକ, ଆବାସିକ ସଂଗଠନ, ସ୍ୱେଚ୍ଛାସେବୀ, ବିଭିନ୍ନ ସଂଗଠନ, ସ୍ୱଚ୍ଛସାଥୀ, ସ୍ୱଚ୍ଛକର୍ମୀ, ସ୍ୱଚ୍ଛ ସୁପରଭାଇଜର, ସାନିଟାରୀ ଇନସ୍ପେକ୍ଟର ସାମିଲ ହୋଇଥିଲେ । ଗଣ ସଫେଇ କରିବା ସହ ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ ଲୋକମାନଙ୍କୁ ସଚେତନ କରାଇଥିଲେ । ଘରୁ ଓ ଦୋକାନରୁ ବାହାରୁ ଥିବା ବର୍ଜ୍ୟକୁ ଏଣେ ତେଣେ ନ ପକାଇ ଓଦା ଓ ସୁଖିଲା ବର୍ଜ୍ୟ ଅଲଗା ଅଲଗା କରି ବିଏମ୍ ସି ଗାଡିକୁ ଦେବାକୁ ସ୍ଥାନୀୟ ଦୋକାନୀ ଓ ବାସିନ୍ଦାମାନଙ୍କୁ ବୁଝାଇଥିଲେ । ସେହିପରି ବିଏମ୍ ସି ପକ୍ଷରୁ ବିଭିନ୍ନ ଖାଓ ଗଳି ଓ ଫୁଡ୍ ଷ୍ଟ୍ରିଟ୍ ଅଂଚଳଗୁଡିକରେ ଆଜି ସଫେଇ କରାଯାଇଥିଲା । ସେଗୁଡିକ ମଧ୍ୟରେ ସହିଦ ନଗର ଖାଓ ଗଳି, ସତ୍ୟ ନଗର ନ୍ୟୁ ବଜାର ସମ୍ମୁଖ, ୯ ନମ୍ବର ଖାଓଗଳି, ଆଦି ଅଂଚଳରେ ୧୧୦ ଜଣ ଦୋକାନୀ ରହିଥିଲେ । ଜାଗମରା ଫୁଡ୍ ପାର୍କରେ ୨୦ ଦୋକାନ ଅଛି । ଏଠାରେ ମଧ ଗଣ ସଫେଇରେ ପ୍ରାୟ ୨୦ ଜଣ ସ୍ୱେଚ୍ଛାସେବୀ ସଫେଇ କରିଥିଲେ। ଜନପଥ, ରାମମନ୍ଦିର, ମାଉସୀ ମା’ ମନ୍ଦିର ନିଟକରେ ଥିବା ଫୁଡ ଷ୍ଟ୍ରୀଟରେ ଗଣ ସଫେଇ କରାଯାଇଥିଲା । ଏହି ସବୁ ସ୍ଥାନରେ ଭେଣ୍ଡରମାନେ ସଫେଇରେ ଯୋଗଦେଇଥିଲେ । ଏହି ଅବସରରେ ଟିଟିଏସରେ ସ୍ୱଚ୍ଛ କର୍ମୀଙ୍କ ମଧ୍ୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗୀତ, ନୃତ୍ୟ ଏବଂ ବିଭିନ୍ନ ଖେଳ କରାଯାଇଥିଲା । ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବି ଏମ୍ ସି ପକ୍ଷରୁ କୁହାଯାଇଛି ।

# ଶରୀର ଓ ପ୍ରୋଟିନ



ଖାଇବାବେଳେ କ'ଣ ଖାଇବୁ ଓ କେତେ ଖାଇବୁ ତାହା ଆମେ ସବୁବେଳେ ହିସାବ ରଖୁ। କେତେବେଳେ କ'ଣ ଖାଇବୁ ତାହାର ବି ଏକ ତାଲିକା ରଖିଥାଉ, କିନ୍ତୁ କେଉଁ ଖାଦ୍ୟରେ କେତେ ପ୍ରୋଟିନ ରହିଛି ତାହା ଆମକୁ ଜଣାନଥାଏ। ଫ୍ୟାଟ୍ କେମିତି କମ ଖାଇ ସ୍ଲିମ ରହିବୁ ସେ କଥାକୁ ସବୁବେଳେ ନଜର ଦେଇ ଶରୀର ପାଇଁ ଆବଶ୍ୟକ ପ୍ରୋଟିନକୁ ଅଣଦେଖା କରୁ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୦ ଜଣ ଭାରତୀୟଙ୍କ ମଧ୍ୟରୁ ୯ ଜଣଙ୍କ ଖାଦ୍ୟରେ ଆବଶ୍ୟକ ମୁତାବକ ପ୍ରୋଟିନ ନଥାଏ। ୯୦ ପ୍ରତିଶତ ନିରାମିଷାଶୀଙ୍କ ଖାଦ୍ୟରେ ପ୍ରୋଟିନ ଅଭାବ ରହିଛି । ଅନ୍ୟ ପକ୍ଷରେ, ଆମିଷ ଖାଉଥିବ। ୮୫ ପ୍ରତିଶତ ଲୋକଙ୍କ ଖାଦ୍ୟରେ ଏହାର ଅଭାବ ରହିଥିବା ଲକ୍ଷ୍ୟ କରାଯାଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଦିଲ୍ଲୀରେ ୯୯ ପ୍ରତିଶତ ଲୋକଙ୍କର ପ୍ରୋଟିନ ଅଭାବ ରହିଥିବା ଦେଖାଯାଉଛି।

ଅତି ଦରକାରୀ

ପ୍ରୋଟିନ ଅଭାବ ରହିଲେ ଅଳସୁଆମି ଓ ଦୁର୍ବଳତା ଲକ୍ଷଣ ପ୍ରକାଶ ପାଏ। ଚୁଟି ଝଡ଼ିଯାଏ ଏବଂ ମାଂସପେଶୀର ଦୃଢ଼ତା ହ୍ରାସ ପାଏ। ଏଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି। ଆମେ ଭାବୁ ଯେ- କେବଳ ବଡ଼ି ବିଲ୍ଡରଙ୍କ ପ୍ରୋଟିନ ବେଶୀ ଦରକାର, ଆମର ନୁହେଁ- କିନ୍ତୁ ଏଭଳି ଚିନ୍ତାଧାରା ଠିକ୍ ନୁହେଁ। ଏହା ସମସ୍ତଙ୍କ ପାଇଁ ଦରକାର। କାରଣ ପ୍ରୋଟିନ୍ ଶରୀରର ବିଲ୍ଡିଙ୍ଗ୍ ବ୍ଲକ୍। ସମସ୍ତ ମାଂସପେଶୀ ଗଠନ ଓ କ୍ଷତିକୁ ଭରଣା କରିବାରେ ପ୍ରୋଟିନ୍‌ର ଭୂମିକା ବି ରହିଛି। ଏହି ମାକ୍ରୋନ୍ୟୁଟ୍ରିଏଣ୍ଟ୍ ଯାହା ଶରୀର ପ୍ରତିଦିନ ଯଥେଷ୍ଟ ପରିମାଣରେ ଆବଶ୍ୟକ କରେ। ଏହା ଶରୀରରେ ଠିକ୍ ରହିଲେ ଶରୀର ସଠିକ ଭାବେ କାର୍ଯ୍ୟ କରେ। ଖାଦ୍ୟରେ ପ୍ରୋଟିନ୍ ଶରୀର ଭିତରକୁ ଯିବାପରେ ତାହା ଆମିନୋଏସିଡରେ ପରିଣତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗେ। ଚୁଟିଠୁ ଆରମ୍ଭ କରି ନଖ ଓ ମାଂସପେଶୀଠୁ ଆରମ୍ଭ କରି ବିଭିନ୍ନ ଅଙ୍ଗ ସବୁଠି ପ୍ରତ୍ୟେକ କୋଷରେ ପ୍ରୋଟିନ ରହିଛି। ଏହା ଶରୀର ଗଠନରେ ଭୂମିକା ନିଭାଉଥିବାରୁ ଏହାକୁ ଷ୍ଟ୍ରକ୍‌ଚରାଲ ପ୍ରୋଟିନ୍ କୁହାଯାଏ। ଏହି ପ୍ରୋଟିନ୍ ଅଭାବରେ ଚାଲିବା, ଦୌଡ଼ିବା ଏପରିକି ଠିଆହେବା ବି କଷ୍ଟକର। ଶରୀରରେ ମିଳୁଥିବା ଯଥେଷ୍ଟ ପରିମାଣର ପ୍ରୋଟିନ ହେଉଛି କୋଲାଜେନ୍। ଏହା ତ୍ୱଚା, ଲିଗାମେଣ୍ଟ, ପେଶୀରଜ୍ଜୁ ଓ ଅସ୍ଥିରେ ରହିଥାଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ ତଥା ଫିଟନେସ ଏକ୍ସପର୍ଟ ଡକ୍ଟର ବିଭାଗ ସେଠୀ।

ନ୍ୟୁଟ୍ରିଷ୍ଟ ବି ନ୍ୟୁଟ୍ରିଷ୍ଟକୁ ଶରୀରରେ ବିଭିନ୍ନ ଅଙ୍ଗକୁ ନେବା ଆଣିବାରେ ସହାୟକ ହୋଇଥାଏ। ରକ୍ତର ଲୋହିତ ରକ୍ତ କଣିକାରେ ଥିବା ଏକ ପ୍ରକାରର ପ୍ରୋଟିନ ହିମୋଗ୍ଲୋବିନ ଫୁସ୍‌ଫୁସ୍‌ରୁ ଅମ୍ଳଜାନ ବିଭିନ୍ନ କୋଷକୁ ନେଇଥାଏ। ହର୍ମୋନାଲ ପ୍ରୋଟିନ୍ ଇନସୁଲିନ ଓ ଅକ୍ସିଟୋସିନ ବ୍ଲଡ ସୁଗାର କନସନ୍‌ଟ୍ରେସନ୍‌କୁ ନିୟନ୍ତ୍ରଣ କରେ।

ଓଜନ କମାଇଦିଏ

ମେଦ ଓ ଓଜନ ହ୍ରାସ କରିବାରେ ପ୍ରୋଟିନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶରୀର ଆବଶ୍ୟକ କରୁଥିବା ପ୍ରୋଟିନ ପାଇଲେ ତାହା ଭୋକ କମାଇଦିଏ, ଖାଦ୍ୟହଜମ କରିବାରେ ସାହାଯ୍ୟ କରେ ଓ ବ୍ଲଡ ସୁଗାର ସ୍ତର ସ୍ଥିର ରଖେ। ଖାଦ୍ୟ ଖାଇବାର ଆବେଗ ଯେତେବେଳେ କମ୍ ରହେ ସେତେବେଳେ ଆମେ ପୂର୍ଣ୍ଣତା ଅନୁଭବ କରୁ ଓ ଖାଦ୍ୟ ଖାଇବାରେ ତୃପ୍ତିଲାଭ କରୁ। ଓଜନ କମିବା ପ୍ରକ୍ରିୟାରେ ଶରୀର ମାଂସପେଶୀ ଓ ଫ୍ୟାଟ କ୍ଷୟ କରେ ଯାହାର ଭରଣା ଲାଗି ଆମକୁ ଆବଶ୍ୟକ ପ୍ରୋଟିନ ଖାଇବାକୁ ପଡ଼େ ବୋଲି କହନ୍ତି ଡ. ସେଠୀ। ଓଜନ ହ୍ରାସ କରିବା ପାଇଁ ବ୍ୟାୟାମ କରିବାଦ୍ୱାରା ମାଂସପେଶୀର କ୍ଷତି ହେବା ଆରମ୍ଭ ହୋଇଯାଏ ଓ ତାହାକୁ ଶକ୍ତିଶାଳୀ କରିବା ପାଇଁ ଆହୁରି ଅଧିକ ପ୍ରୋଟିନ ଦରକାର ହୁଏ। ଅଧିକ ପ୍ରୋଟିନ ଖାଦ୍ୟରେ ଖାଇଲେ ତାହା ହଜମ ହେବାକୁ ଅଧିକ କ୍ୟାଲୋରୀ ଆବଶ୍ୟକ କରେ।

ତ୍ୱଚାରେ ଚମକ ଆଣେ

ତ୍ୱଚା ଓ କେଶରେ ଚମକ ଚାହୁଁଥିଲେ ପ୍ରୋଟିନ ଉପରେ ଗୁରୁତ୍ୱ ଦିଅନ୍ତୁ। ତ୍ୱଚାପାଇଁ କୋଲାଜେନ ପ୍ରୋଟିନ ଆବଶ୍ୟକ। ମୃତ କୋଷ ଜାଗାରେ ନୂତନ କୋଷ ତିଆରି କରିବାରେ, ତନ୍ତୁ ଗଠନ ଓ ରିପେୟାର କରିବାରେ ଏହାର ଆବଶ୍ୟକତା ଢ଼େର୍ ବେଶୀ। ପ୍ରୋଟିନ ଆମିନୋ ଏସିଡ ଓ ଗ୍ଲୁଟାଥାଇଓନର ଉତ୍ସ। ଗ୍ଲୁଟାଥାଇଓନ ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଓ ଏହା ବୟସ ବୃଦ୍ଧିର ପ୍ରଭାବକୁ ରୋକିଥାଏ। ବୟସ ବୃଦ୍ଧିହେବା ସମୟରେ ଏହା ମାଂସପେଶୀର କ୍ଷୟକୁ ରୋକି ତାହାକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।

କେତେ ଖାଇବେ ?

ନର୍ମାଲ ବଡ଼ି ୱେଟ ପାଇଁ ପ୍ରୋଟିନ୍ ୦.୮ଗ୍ରାମ୍/ କେଜି ରହିବା ଦରକାର। ୭୫କେଜି ଓଜନର ବ୍ୟକ୍ତିଙ୍କ ଲାଗି ଦିନକୁ ୫୬ ଗ୍ରାମ୍, ୬୦ କେଜି ମହିଳାଙ୍କ ପାଇଁ ୪୮ ଗ୍ରାମର ପ୍ରୋଟିନ ଦରାକର। ଏକ ପ୍ରକାର ଉନ୍ନତ ଧରଣର ଖାଦ୍ୟରେ ୫୦ ପ୍ରତିଶତ କାର୍ବୋହାଇଡ୍ରେଟ, ୩୦-୩୫ ପ୍ରତିଶତ ପ୍ରୋଟିନ, ଫ୍ୟାଟ ୧୦ ପ୍ରତିଶତ ଓ ତନ୍ତୁ ୫ ପ୍ରତିଶତ ରହିବା ଉଚିତ। ଏହି ପରିମାଣଠୁ ବେଶୀ ହେଲେ ତାହା କ୍ଷତିକାରକ ବୋଲି ମନେ ରଖନ୍ତୁ। ବେଶୀ ପ୍ରୋଟିନ ଖାଦ୍ୟରେ ରହିଲେ ତାହା ଏସିଡିଟି ଓ ଡିହାଇଡ୍ରେସନର କାରଣ ପାଲଟେ। କିଡନୀ ସମସ୍ୟା, ବ୍ରଣ ଓ ଚୁଟି ଝଡ଼ିବା ସମସ୍ୟା ଦେଖାଦିଏ। ସବୁବେଳେ ଡିନର କି ଲଞ୍ଚରେ ବେଶୀ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରିବା ଅନୁଚିତ। କେବଳ ଥରେ ଭଲ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାରେ ଶରୀର ଏହାକୁ ଭଲ ଭାବେ ଉପଯୋଗ କରିପାରେ। ବେଳେବେଳେ ମାଂସ ସହ ଦହି ଖାଇବା ହୁଏତ ଭଲ ବୋଲି କେହି ଭାବୁଥାଇପାରନ୍ତି, କିନ୍ତୁ ଏହା ଏସିଡିଟି ସହ ଅସ୍ଥିସୁଶୀରତା ସୃଷ୍ଟି କରିଥାଏ। ଏହା ସହ ଆହୁରି ବହୁତ ରୋଗୁ ମଧ୍ୟ ଆମନ୍ତ୍ରଣ କରେ। କାର୍ବୋହାଇଡ୍ରେଟ ଓ ଫାଇବରଯୁକ୍ତ ଖାଦ୍ୟରେ ପ୍ରୋଟିନ ଖାଇଲେ ତାହା ସହଜରେ ହଜମ ହୋଇଯାଏ।

ଅନେକ ସମୟରେ ଆମେ ପ୍ରୋଟିନ ସପ୍ଲିମେଣ୍ଟ ନେଇଥାଉ ଓ ତାହା ନିଜ ଇଚ୍ଛାରେ ଗ୍ରହଣ କରୁ, ଯାହା ଠିକ୍ ନୁହେଁ। ସବୁବେଳେ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶରେ ପ୍ରୋଟିନ ସପ୍ଲିମେଣ୍ଟ ନେବା ଆବଶ୍ୟକ। ସପ୍ଲିମେଣ୍ଟରେ ଶରୀରକୁ ବିକାଶ କରାଇବାରେ ଭୂମିକା ନେଉଥିବା ହର୍ମୋନ ଓ କୃତ୍ରିମ ସୁଇଟନର୍ ରହିଥାଏ ଯାହା କ୍ଷତି କରିପାରେ। ଏଣୁ ଜଣେ ନ୍ୟୁଟ୍ରିସନିଷ୍ଟ ହିଁ କହିପାରିବେ ଆପଣଙ୍କ ପାଇଁ କେତେ ସପ୍ଲିମେଣ୍ଟ ଦରକାର। ଏହା ସହ ବ୍ୟାୟାମ ବି କରିବା ଜରୁରୀ। ନଚେତ ପ୍ରୋଟିନ୍ ଫ୍ୟାଟରେ ପରିଣତ ହୋଇଯାଏ।

ପାନୀୟ

ଗ୍ରୀନ ମଟର ୪୦୦ ଗ୍ରାମ, ତରଭୁଜ ୨୦୦ ଗ୍ରାମ, ମହୁ ୩୦ ଗ୍ରାମ ଓ ବରଫ ଖଣ୍ଡ ୧୦୦ଗ୍ରାମ ନେଇ ସେଥିରେ ପୋଦିନା ପତ୍ର ପକାଇ ତାହାକୁ ଗ୍ରାଇଣ୍ଡ କରି ପିଅନ୍ତୁ।

ଟୋଫୁ (ସୋୟାବିନ୍‌ରୁ ପ୍ରସ୍ତୁତ) ୫୦୦ଗ୍ରାମ, ସୋୟାମିଲ୍କ ୫୦ମିଲି, ଜିରା ୫ ଗ୍ରାମ, ବରଫ ୧୦୦ଗ୍ରାମ ଓ ମହୁ ୬୦ ଗ୍ରାମକୁ ଗ୍ରାଇଣ୍ଡ କରି ସେଥିରେ, କାଲିଫର୍ଣ୍ଣିୟା ପ୍ରୁନେସ ଡାଇସ (ଏକ ପ୍ରକାର ପ୍ରୋଟିନ ପ୍ରଡକ୍ଟ) ମିଶାଇ ପିଅନ୍ତୁ।

ଖାଦ୍ୟ

ସକାଳେ ଜଳଖିଆରେ ଅଣ୍ଡା ଖାଆନ୍ତୁ ସିଝା, ଅଧା ଫ୍ରାଏ ବା ଓମ୍‌ଲେଟ କରି ଖାଇପାରିବେ। ଓମ୍‌ଲେଟ ଅଲିଭ ଅଏଲରେ ହେଲେ ଭଲ।

ଛେନା ଓଲହୁଣି ପ୍ରତିଦିନ ଖାଆନ୍ତୁ। ଏଥିରେ ପ୍ରଚୁର କ୍ୟାଲସିୟମ ରହିଛି। ଏହାକୁ ବ୍ରେଡ ସହ ଖାଇଲେ ଭଲ ଲାଗେ। ସ୍ନାକ୍ସରେ ବି ଖିଆଯାଇ ପାରିବ।

ମଟରରୁ ପ୍ରସ୍ତୁତ ଲହୁଣି ନିରାମିଷାଶୀଙ୍କ ପାଇଁ ଖୁବ୍ ଦରକାରୀ।

ବୁଟ ଛତୁଆରେ ପ୍ରଚୁର ପ୍ରୋଟିନ ଓ ଫାଇବର ରହିଛି। ଏଥିରେ ଆଳମଣ୍ଡ ମିଶାଇ ଖାଇଲେ ଆହୁରି ସ୍ୱାଦିଷ୍ଟ ହୋଇଯାଏ। ଗାଜର, କାକୁଡ଼ି, ଗୋଲମରିଚ, ଟମାଟୋ ଏବଂ କିଛି ଶସ୍ୟ ଜାତୀୟ ଖାଦ୍ୟ ମିଶାଇ ଖାଆନ୍ତୁ।



କୁକୁଡ଼ା ମାଂସ ଓ ମାଛକୁ ଗ୍ରୀଲ୍‌ଡ, ବେକ୍ ଓ ରୋଷ୍ଟ୍ କରି ଖାଆନ୍ତୁ। ଅଧିକ ଫ୍ରାଏ କଲେ ସେଥିରେ ଫ୍ୟାଟ୍ ଭାଗ ବୃଦ୍ଧିପାଏ ଓ କ୍ୟାଲୋରି କମିଯାଏ। ଗ୍ରୀଲ୍‌ଡ ଚିକେନ ଓ ମାଛ ଡିନର ପାଇଁ ସବୁଠୁ ସ୍ୱାସ୍ଥ୍ୟପ୍ରଦ।

# ୟଲଗୁରେଶ ହନୁମାନ୍



କର୍ଣ୍ଣାଟକର ଐତିହାସିକ ନଗରୀ ବୀଜାପୁର ନିକଟସ୍ଥ ୟଲଗୁର 'ୟଲଗୁରେଶ ହନୁମାନ୍ ମନ୍ଦିର' ପାଇଁ ଭାରତ ପ୍ରସିଦ୍ଧ। କୃଷ୍ଣା ନଦୀ କୂଳରେ ୟଲଗୁର ଅବସ୍ଥିତ। କିମ୍ବଦନ୍ତି ଅନୁଯାୟୀ ଏଠାରେ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଡ଼ିଥିଲା। 'ୟଲଗୁରେଶ' ଅର୍ଥ 'ସାତ ଗାଁର ଭଗବାନ୍'। ଏହି ଅ*ଳରେ ମୁସଲମାନ ଆକ୍ରମଣ ବେଳେ ୟଲଗୁରେଶ ପ୍ରତିମାଙ୍କୁ ଅନ୍ୟତ୍ର ନେଇ ଲୁଚାଯାଇଥିଲା। ଏହି ସମୟରେ ଅସାବଧାନତା ଯୋଗୁଁ ପ୍ରତିମା ଖଣ୍ଡ-ବିଖଣ୍ଡିତ ହୋଇଯାଇଥିଲା। ଏହା ମୁଖ୍ୟ ପୂଜକଙ୍କୁ ବ୍ୟଥିତ କରିଥିଲା। କିଛି କାଳ ପରେ ଖଣ୍ଡିତ ପ୍ରତିମାଙ୍କୁ ମୂଳ ମନ୍ଦିରକୁ ଫେରାଇଆଣି, ଗର୍ଭଗୃହରେ ରଖି, ଦ୍ୱାର ବନ୍ଦ କରି, ବାହାରେ ସାତ ଦିନ ପୂଜା-ପାଠ କରିବା ନିମନ୍ତେ ତାଙ୍କୁ ସ୍ୱପ୍ନାଦେଶ ହେଲା। ପୂଜକ ସ୍ୱପ୍ନାଦେଶ ପାଳନ କଲେ। ଛଅ ଦିନ ବିତିଗଲା। ସପ୍ତମ ଦିନ ପୂଜକ କୌତୂହଳୀ ହୋଇ ଦ୍ୱାର ଖୋଲିଦେଲେ। ସେତେବେଳକୁ କେବଳ ନିମ୍ନାଂଶ ଛଡ଼ା ଭଙ୍ଗା ପ୍ରତିମାର ଅବଶିଷ୍ଟ ଅଂଶ ଯୋଡ଼ି ହୋଇସାରିଥିଲା। ୟଲଗୁରେଶ ହନୁମାନଙ୍କ ଉଚ୍ଚତା ସାତ ଫୁଟ୍। ପ୍ରସ୍ତର ଓ ଧାତୁ ନିର୍ମିତ ପ୍ରତିମା ଅତି ସୁନ୍ଦର।

# ସ୍ୱାସ୍ଥ୍ୟ ଉପରେ ଗନ୍ଧର ପ୍ରଭାବ




ପଶୁ-ପକ୍ଷୀମାନଙ୍କ ମଧ୍ୟରେ ଗନ୍ଧ ବାରିବାର ଶକ୍ତି ମନୁଷ୍ୟମାନଙ୍କଠାରୁ ଅଧିକ ତୀବ୍ର। ସେଥିପାଇଁ ସେମାନଙ୍କର ରେପ୍ଟିଲିୟନ ବ୍ରେନ ଅଧିକ ବିକଶିତ। ଏହି ଗନ୍ଧ ଆଘ୍ରାଣ ସାମର୍ଥ୍ୟ ସାହାଯ୍ୟରେ ସେମାନଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ତଥା ବ୍ୟବହାର ନିୟନ୍ତ୍ରିତ ହୋଇଥାଏ। ହିଂସ୍ର ପଶୁମାନେ ଗନ୍ଧବାରିକା ସାମର୍ଥ ଯୋଗୁଁ ଜଙ୍ଗଲରେ ସେମାନଙ୍କର ଶିକାରକୁ ଖୋଜି ବାହାର କରନ୍ତି। କୁକୁରମାନେ ନିଜର ପ୍ରବଳ ଆଘ୍ରାଣ ଶକ୍ତି ଯେଗୁଁ ସନ୍ଦିଗ୍ଧ ବ୍ୟକ୍ତି ବା ଚୋର ଧରିବାକୁ ସମର୍ଥ ହୋଇଥାନ୍ତି। ଏହାଛଡ଼ା, କୁକୁର, ଘୋଡ଼ା ଓ ମେଣ୍ଢା ଆଦି ପଶୁମାନେ ନିଜର ଆଘ୍ରାଣ ଓ ଶୁଙ୍ଘିବା ଶକ୍ତି ଦ୍ୱାରା ଯୌନସାଥୀ ଚୟନ କରିପାରନ୍ତି। ତେଣୁ ପଶୁ-ପକ୍ଷୀଙ୍କ ମଧ୍ୟରେ ସୁଗନ୍ଧ ବା ଗନ୍ଧ ଏକ ପ୍ରମୁଖ ନିୟନ୍ତ୍ରକ ତତ୍ତ୍ୱ। ପଶୁପକ୍ଷୀଙ୍କ ଭଳି ମନୁଷ୍ୟମାନଙ୍କଠାରେ ମଧ୍ୟ ସୁଗନ୍ଧ ଏକ ପ୍ରମୁଖ ନିୟନ୍ତ୍ରକ ତତ୍ତ୍ୱଭଳି କାର୍ଯ୍ୟ କରିଥାଏ। ବୈଜ୍ଞାନିକମାନଙ୍କ ମତରେ ମନୁଷ୍ୟଠାରେ ଅତିକମରେ ୪୦୦୦କିସମର ଏବଂ ଅତିବେଶୀରେ ୧୦,୦୦୦ପ୍ରକାରର ଗନ୍ଧ ବାରିବା କ୍ଷମତା ରହିଛି। ଜର୍ଜଟାଉନ ୟୁନିଭରସିଟି ମେଡିକାଲ ସେଣ୍ଟର ରବର୍ଟ ହେନକନିଙ୍କ ମତାନୁସରେ ଗନ୍ଧ ଦ୍ୱାରା ମାନସିକ ବିଚଳିତ ଅବସ୍ଥା ଓ ଦୁଃଶ୍ଚିନ୍ତାକୁ ଅନେକାଂଶରେ କମ କରାଯାଇପାରିବ। ଶ୍ରମିକମାନଙ୍କର କାର୍ଯ୍ୟକ୍ଷମତା ବଢ଼ାଯାଇପାରିବ। ଅପରାଧିମାନଙ୍କର ହିଂସାଚରଣ ଓ ଅପରାଧ ପ୍ରବଣତାକୁ ଅନେକାଂଶରେ କମ କରାଯାଇପାରିବ। ଗନ୍ଧଶକ୍ତି ମାଧ୍ୟମରେ ମନଃସ୍ଥିତି ଓ ପରିସ୍ଥିତିକୁ ପ୍ରଭାବିତ କରୁଥିବା ଏହି ବିଦ୍ୟାକୁ ଷ୍ଫୋଜିୟାଲୋଜି ନାମ ଦିଆଯାଇଛି ଏବଂ ଏହି ତତ୍ତ୍ୱ ଆଧାରରେ ଏକ ନୂଆ ଚିକିତ୍ସା ପଦ୍ଧତି 'ଆରୋମା ଥେରାପୀ' ପ୍ରଚଳିତ ହୋଇଛି। ଯେଉଁଥିରେ ବିଭିନ୍ନ ବନସ୍ପତିର ସତ୍ତ୍ୱ, ଫୁଲର ଅର୍କ ଏବଂ ତେଲର ଗନ୍ଧ ପ୍ରୟୋଗ ଦ୍ୱାରା ଚିକିତ୍ସା କରାଯାଉଛି।

# ଲାଭ ଦେବ ସେବତୀ



ସେବତୀ ଫୁଲର ଚାହିଦା ସୁବୁବେଳେ ରହି ଆସିଛି। ସେବତୀ ଗଛକୁ ସହଜରେ ଘର ବଗିଚାରେ, ଅଗଣଶାରେ ଓ ଛାତ ଉପରେ ରଖି ଫୁଲ ଫୁଟାଇ ପାରିବ। ଏହା ସହ ବ୍ୟାବସାୟିକ ଭାବେ କୁଣ୍ଡରେ ତିଆରି କରି ବିକ୍ରି କରି ଜଣେ ଚାଷୀ ମଧ୍ୟ ଯଥେଷ୍ଟ ଲାଭବାନ୍ ହୋଇପାରିବ।

ସେବତୀର ପ୍ରକାର ଭେଦ: ସେବତୀ ଦୁଇ ପ୍ରକାର ବରଷକିଆ ଓ ବହୁ ବର୍ଷୀୟା। ବରଷକିଆ ସେବତୀ ମଧ୍ୟରେ କ୍ରାଇଜାନଥେମମ କରୋନାରୀଅମର ଆଦର ବହୁତ। ଫୁଲ ଅନେକ ପାଖୁଡ଼ା ଯୁକ୍ତ, ରକ୍ତ ଧଳା, ହଳଦିଆ, ଲାଲ ଖଇରିଆ କିମ୍ବା ମିଶାମିଶା। ମଞ୍ଜିରୁ ଗଛ ସହଜରେ କରି ହୁଏ। ଫୁଲ ଆକାରରେ ଗେଣ୍ଡୁ ସହିତ ମିଶିଯାଏ। ଗେଣ୍ଡୁ ସହିତ ମିଶାଇ ମାଳ କଲେ ସୁନ୍ଦର ଦେଖାଯାଏ। ଚାଷର ପଦ୍ଧତି ମଧ୍ୟ ଗେଣ୍ଡୁ ଫୁଲର ଚାଷ ପରି।

ବହୁ ବର୍ଷୀୟ ସେବତୀ: ଏଇ ଶ୍ରେଣୀର କ୍ରାଇଜାନଥେମମ, ଇଣ୍ଡିକମ, କ୍ରାଇମ-ନଥେମମ ମାକ୍ସିମମ ଆଦି ଆସିଥାଏ। ସେବତୀ ଗଛର ଫୁଲ ଫୁଟି ସାରିବା ପରେ ଏପ୍ରିଲ ମାସରେ ଏହାର ଉପର ଅଂଶ କାଟି ଦିଆଯାଏ। ଏକ ଗଛରେ ମୂଳରୁ ନୂଆ ଡାଳ ବାହାରେ। ପରେ ଜୁନ୍ ଜୁଲାଇ ମାସରେ ଏହା ଉପରୁ ୮-୧୦ ସେମି ଅଗ୍ରଭାଗ କାଟି ଚେର ବୃଦ୍ଧିକରକ ଗୁଣ୍ଡ ଉପଚାର କରି ନୂଆ ଚାରା ଗଛ ତିଆରି କରିହୁଏ। ଏବେ ବ୍ୟାବସାୟିକ ନର୍ସରିମାନେ ବିଭିନ୍ନ କିସମର ସେବତୀର ଚାରା ବିକ୍ରି କରୁଛନ୍ତି।

ଚାଷ ପ୍ରଣାଳୀ: ଜୁଲାଇ ମାସରେ ସେବତୀ ଫୁଲ ଚାରା ଗଛକୁ ଫୁଲ କୁଣ୍ଡରେ କିମ୍ବା ଫୁଲ ପଟାଳିରେ ଲଗାଯାଇପାରେ। ଆଜିକାଲି କୁଣ୍ଡରେ ସମସ୍ତେ ସେବତୀ ଲଗାଉଛନ୍ତି ସଠିକ ମୃତ୍ତିକା ନପାଇଲେ ଗଛ ଭଲ ବଢ଼େ ନାହିଁ। ଏଥିପାଇଁ ଦୋରସା ମାଟି ୧ ଭାଗ, ପୁରୁଣା ସଢ଼ା ଗୋବର ଖତ କିମ୍ବା ଭର୍ମି କମପୋଷ୍ଟ ୨ ଭାଗ, ସଢ଼ା ପତ୍ର କମପୋଷ୍ଟ ଗୁଣ୍ଡ ୨ ଭାଗ ସହିତ କିଛି ଏସଏସପି ସାର (ପାଞ୍ଚ ଝୁଡ଼ି ମିଶ୍ରଣରେ ୧୦ ଚାମଚ ଏସଏସପି) ଏଇ ମିଶ୍ରଣ ସହିତ ଜୁଲାଇ ମାସରେ ଚାରା ଗଛ ଲଗାଇ ଦିଆଯାଏ। ଏହାପରେ ଅଗଷ୍ଟ ମାସ ଶେଷ ଆଡ଼କୁ ଜିଆଖତ, ପାଉଁଶ ଓ ନିମ୍ବପିଡ଼ିଆର ମିଶ୍ରଣରୁ ୨-୩ ମୁଠା କୁଣ୍ଡର ଉପରି ଭାଗରେ ଦିଆଯାଏ। ଗମଲାରେ ପୋତିବା ପରେ ଗଛରେ ନୂଆ ପତ୍ର ବାହାରେ। ଗଛରେ ୮ରୁ ୧୦ଟି ନୂଆ ପତ୍ର ବାହାରିବା ପରେ ଅଗ୍ର ମୁକୁଳାକୁ ନଖ ଦ୍ୱାରା ଛିଣ୍ଡାଇ ଦିଆଯାଏ। ଯଦ୍ୱାରା ଗଛରେ ଅଧିକରୁ ଅଧିକ ଡାଳ ସୃଷ୍ଟି ହୋଇ ଗଛ ଏକ ନିର୍ଦ୍ଦିଷ୍ଟ ଆକୃତି ଧାରଣ କରେ।

ଡି ସକରିଙ୍ଗ: ଗଛର ମାଟିତଳ ଅଂଶରୁ ବାହାରୁଥିବା ନୂଆ ଡାଳକୁ ସକର କୁହାଯାଏ। ଏମାନେ ଗଛର ଖାଦ୍ରକୁ ଭାଗ କରିଦିଅନ୍ତି। ଏପରି ଡାଳ ବାହାରିଲେ ତାହାକୁ ମାଟି ଦିଆଯାଏ। ଏହି କାର୍ଯ୍ୟକୁ ଡି ସକରିଙ୍ଗ କୁହାଯାଏ। ଏହାଦ୍ୱାରା ୨ଟି ଲାଭ ହୁଏ। ମୂଳ ଗଛ ବଳବାନ୍ ହୁଏ। ସକରରୁ ନୂଆ ଗଛ ତିଆରି କରି ହୁଏ।

ଷ୍ଟେକିଙ୍ଗ: କୁଣ୍ଡରେ ଥିବା ସେବତୀ ଗଛ ଡାଳ ପବନରେ ଆନ୍ଦୋଳିତ ହୋଇ ଭାଙ୍ଗି ଯିବାର ସମ୍ଭାବନା ଥାଏ। କୁଣ୍ଡ ଚାରିପଟେ ୪ଟି ଛୋଟ ବାଉଁଶ କାଠି ପୋତି ଗଛ ଚାରିପଟେ ସୂତା ବାନ୍ଧି ଗଛ ଡାଳମାନଙ୍କୁ ଆଶ୍ରା ଦିଆଯାଏ। ଏହି ପଦ୍ଧତିକୁ ଷ୍ଟେକିଙ୍ଗ କୁହାଯାଏ।

ଲାଭ କ୍ଷତି: ସେବତୀର ଫୁଲ କିଆରି ଫୁଲ ବିକ୍ରି କରିବା ପାଇଁ କିମ୍ବା ଘର ଆଗଣା କିମ୍ବା ପାର୍କର ଶୋଭା ବଢ଼ାଇବା ପାଇଁ କରାଯାଏ। ଗଛକୁ ଗଛ ଦୂରତା ୩୦ ସେମି X ୩୦ ସେମି ରହେ। ଫୁଲ ତୋଡ଼ା ଓ ମାଳ ପାଇଁ ଏହାର ବ୍ୟବହାର କରାଯାଏ। ଫୁଟିବା ଫୁଲର କୁଣ୍ଡ ୫୦ରୁ ୨୦୦ଟଙ୍କା ମଧ୍ୟରେ ବିକ୍ରି ହୁଏ। ୧୦୦୦ଟି ମା' ଗଛ ରଖି ଥିବା ଚାଷୀ ଗୋଟିଏ ଋତୁରେ ୨୦୦୦ରୁ ଅଧିକ ଫୁଲକୁଣ୍ଡ ପ୍ରସ୍ତୁତ କରି ୨ ଲକ୍ଷରୁ ଅଧିକ ଲାଭ କରିପାରିବ।



# ଚାଖିଲେ ୨୫ ଲକ୍ଷ

କଥାଟା ମଗଜରେ ପଶୁନଥିବ। ଲୋକମାନେ କେବଳ ପାଟି ସୁଆଦ ପାଇଁ ବହୁ ଅର୍ଥ ବ୍ୟୟ କରିଦେଉଛନ୍ତି। ତା'ଛଡ଼ା ଆଜିକାଲି ଲୋକଙ୍କ ପାଖରେ ପଇସାର କୋଉ ଅଭାବ ରହିଛି ଯେ। ହେଲେ ଏଠାରେ ଏମିତି ଏକ ଡିସ୍ କଥା ପଡ଼ିଛି, ଯାହାକୁ ଖାଲି ଚାଖିବାକୁ ଦେବାକୁ ପଡୁଛି ୨୫ ଲକ୍ଷ। ଏହି ଡିସ୍ ପ୍ରସ୍ତୁତ ହୋଇଛି ଦୁର୍ଲଭ ଆଲବିନୋ ମାଛର ଅଣ୍ଡା ଏବଂ ୨୨ କ୍ୟାରେଟ ସୁନାରୁ। ବର୍ତ୍ତମାନ ସମୟରେ ଗୋଟିଏ ଚାମଚ ଆଲବିନୋ ମାଛ ଅଣ୍ଡାର ମୂଲ୍ୟ ହେଉଛି ୨୪ ଲକ୍ଷ ୮୫ ହଜାର ଟଙ୍କା। ନ୍ୟୁୟର୍କ ସମେତ ବହୁ ବଡ଼ବଡ଼ ରେଷ୍ଟୁରାଣ୍ଟରେ ଏହି ଡିସ୍ ମିଳିଥାଏ। ଏଠାରେ ସୂଚାଇ ଦେବା ଜରୁରୀ ଯେ ଏହି ଡିସ୍‌ର ସମ୍ପୂର୍ଣ୍ଣ ନାମ ହ୍ୱାଇଟ୍ ଗୋଲ୍ଡ ଆଲବିନୋ କ୍ୟାଭିଅର। କିଛିଲୋକ ଏହାକୁ ବ୍ରେଡ ଏବଂ ବଟର ସହିତ ଖାଇବାକୁ ପସନ୍ଦ କରନ୍ତି। ଏହି ଡିସ୍ ପ୍ରସ୍ତୁତ କରିବାରେ ଓସ୍ତାଦ ହେଉଛନ୍ତି ଅଷ୍ଟ୍ରେଲିଆର ଫିସ୍ ଫାର୍ମର ୱାଲ୍ଟର ଗୃଏଲ ଏବଂ ତାଙ୍କ ୨୫ ବର୍ଷର ପୁଅ ପାଟ୍ରିକ। ଏହି ଡିସ୍ ବିଷୟରେ ପାଟ୍ରିକଙ୍କ କହିବା କଥା ହେଲା ଯେଉଁ ମାଛ ଦ୍ୱାରା ଏହି ଡିସ୍ ପ୍ରସ୍ତୁତ ହେଉଛି ସେହି ମାଛ ମିଳିବା ଅତି କଷ୍ଟକର। ତେଣୁ ଏହାର ମୂଲ୍ୟ ଏତେ ଅଧିକ।

# ବମ୍ବେ ମିଠେଇ: ପାଟିକୁ ମିଠା, ଦେହକୁ ପିତା

ଆଖିକୁ ଆକର୍ଷଣୀୟ ଓ ବଡ଼ ଦିଶୁଥିବା ବମ୍ବେ ମିଠେଇ ପ୍ରତି ବିଶେଷ କରି ପିଲାମାନଙ୍କର ଆଗ୍ରହ କହିଲେ ନସରେ। ତେବେ ଚିନିରୁ ପ୍ରସ୍ତୁତ ହେଉଥିବା ଏହି ମିଠା ସାମଗ୍ରୀକୁ ପୁଡୁଚେରି ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ହାଲୁକା ମିଷ୍ଟାନ୍ନକୁ ପ୍ରସ୍ତୁତ କରିବାରେ ଏକ ବିଷାକ୍ତ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୁଡୁଚେରି ଉପରାଜ୍ୟପାଳ ତାମିଲସାହି ସୌନ୍ଦରାରାଜନ୍ ଗତ ଗୁରୁବାର ନିଜେ ଏହି ମର୍ମରେ ଏକ ଭିଡିଓ ବାର୍ତ୍ତା ତାଙ୍କ ସରକାରୀ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଛାଡ଼ି ଜନସାଧାରଣଙ୍କୁ ସତର୍କ କରାଇଛନ୍ତି। ସହରର ଗଳିକନ୍ଦିରେ ବୁଲାବିକାଳି ବିକୁଥିବା ଏହି ଲୋଭନୀୟ ବମ୍ବେ ମିଠେଇକୁ କିଣିବାରୁ ଲୋକେ ନିବୃତ୍ତ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି। ସୂଚନାନୁଯାୟୀ, ଏହି ମିଠା ପ୍ରସ୍ତୁତିରେ 'ରୋଡାମାଇନ୍-ବି' ନାମକ ଏକ ପ୍ରକାର ରାସାୟନିକ ପଦାର୍ଥ ମିଶୁଛି ଯାହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜାଣିପାରିଛନ୍ତି। 'ଆରଏଚ୍‌ବି' ନାମରେ ପରିଚିତ ଏହି ରାସାୟନିକ ସାଧାରଣତଃ ରଙ୍ଗ ଭାବରେ ବ୍ୟବହୃତ ହୋଇଥାଏ। ତେବେ ବମ୍ବେ ମିଠେଇ ସହ ମିଶି ଏହା ଆମ ଶରୀରକୁ ପ୍ରବେଶ କଲେ ତାହା ବିଭିନ୍ନ କୋଷ ଓ ତନ୍ତୁଠାରେ ଜାରକ କ୍ରିୟାରେ ବାଧା ଉପୁଜାଇଥାଏ। ଏପରିକି ଶରୀରରେ ଏହାର ଦୀର୍ଘକାଳୀନ ଅବସ୍ଥାନ ଯକୃତକୁ ଅକାମୀ କରିଦେବା ସହ କର୍କଟ ପରି ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ଏନ୍‌ଆଇଏଚ୍) ସୂତ୍ରରୁ ଜଣାଯାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସମସ୍ୟା ବଳୟରେ ନିର୍ବାଚନ

'ଏକ ଦେଶ ଏକ ନିର୍ବାଚନ' ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ପ୍ରସ୍ତାବକୁ କେନ୍ଦ୍ର ମନ୍ତ୍ରିମଣ୍ଡଳ ଇତିମଧ୍ୟରେ ମଞ୍ଜୁରୀ ପ୍ରଦାନ କରିଛି। ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ଗଣତନ୍ତ୍ରକୁ ସମୃଦ୍ଧ କରିବା ସହ ଗଣତାନ୍ତ୍ରିକ ଭାଗିଦାରୀ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ବିଜେପି ଓ ଏନଡିଏର ସହଯୋଗୀ ଦଳ ମଧ୍ୟ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଗତ ଲୋକସଭା ନିର୍ବାଚନ ପୂର୍ବରୁ ଏହି ପ୍ରସଙ୍ଗରେ ଅନୁଧ୍ୟାନ ପାଇଁ ବିଜେପି)ନେତୃତ୍ୱାଧୀନ ଏନଡିଏ ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। କମିଟି ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ପ୍ରସ୍ତାବ ଅନୁଯାୟୀ ଦେଶରେ ଲୋକସଭା ଓ ବିଧାନସଭା ନିର୍ବାଚନ ଏକକାଳୀନ ହେବ। ସାଧାରଣ ନିର୍ବାଚନ ଶେଷ ହେବାର ୧୦୦ ଦିନ ମଧ୍ୟରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସ୍ୱାୟତ୍ତ ଶାସନ ସଂସ୍ଥା ନିମନ୍ତେ ନିର୍ବାଚନ ହେବ। ଏଥିସହ ଏକକ ଭୋଟର ତାଲିକା ପ୍ରସ୍ତୁତିର ବ୍ୟବସ୍ଥା ମଧ୍ୟ ରହିଛି। ଏବେ ହରିୟାଣା ଓ ଜମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ଚାଲିଛି। ଏହି ନିର୍ବାଚନର ଫଳାଫଳକୁ ଅପେକ୍ଷା ନକରି ଆକସ୍ମିକ ଭାବେ ସରକାର 'ଏକ ରାଷ୍ଟ୍ର ଏକ ନିର୍ବାଚନ' ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ବୋଧହୁଏ ୧୦୦ ଦିନର ସଫଳତା ଦର୍ଶାଇବାକୁ ଯାଇ ସରକାର ତରବରିଆ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ଦେଶର ୩୨ଟି ରାଜନୈତିକ ଦଳ ଏକତ୍ର ନିର୍ବାଚନକୁ ସମର୍ଥନ କରିଥିବା କୋବିନ୍ଦ କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ କଂଗ୍ରେସ, ଆପ୍, ଡିଏମକେ, ତୃଣମୂଳ କଂଗ୍ରେସ ଓ ବାମପନ୍ଥୀ ଦଳ ଏହାକୁ ସମର୍ଥନ କରିନାହାନ୍ତି। କୋବିନ୍ଦ କମିଟି ରିପୋର୍ଟ ଅନୁଯାୟୀ ଏକସଙ୍ଗେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଏକାଧିକ ସମ୍ବିଧାନ ସଂଶୋଧନର ଆବଶ୍ୟକତା ରହିଛି। କେତେକ କ୍ଷେତ୍ରରେ ସମ୍ବିଧାନ ସଂଶୋଧନ ନିମନ୍ତେ ରାଜ୍ୟସଭା ଓ ଲୋକସଭାରେ ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ଆଉ କିଛି ସଂଶୋଧନରେ ବହୁମତର ଆବଶ୍ୟକତା ରହିଛି। ସେହିପରି ଏକତ୍ର ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ସ୍ୱାୟତ୍ତ ଶାସନ ସଂସ୍ଥା ନିର୍ବାଚନ ପାଇଁ ଦେଶର ଅର୍ଦ୍ଧାଧିକ ରାଜ୍ୟଙ୍କ ଅନୁମୋଦନ ଦରକାର। ଅର୍ଥାତ ସଂସଦୀୟ ସମ୍ବିଧାନ ସଂଶୋଧନକୁ ବିଭିନ୍ନ ରାଜ୍ୟ ବିଧାନସଭା ଅନୁମୋଦନ କରିବା ଆବଶ୍ୟକ। ଦେଖିବାକୁ ଗଲେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଦେଶ ପାଇଁ କିଛି ନୂଆ କଥା ନୁହେଁ। ପୂର୍ବରୁ ଲୋକସଭା ଓ ବିଧାନସଭା ନିର୍ବାଚନ ଏକତ୍ର ହେବାର ଦୃଷ୍ଟାନ୍ତ ରହିଛି। ୧୯୬୭ ନିର୍ବାଚନ ପର୍ଯ୍ୟନ୍ତ ଚାଲି ଆସିଥିବା ଏକତ୍ର ନିର୍ବାଚନ ବ୍ୟବସ୍ଥାଟି ବିଭିନ୍ନ କାରଣରୁ ଭାଙ୍ଗିଯାଇଛି। ଅନାସ୍ଥା ପ୍ରସ୍ତାବ ବା ଆଗୁଆ ନିର୍ବାଚନ ପ୍ରସ୍ତାବରୁ ସରକାର ଭାଙ୍ଗିଥାଏ। କେଉଁଠି ରାଷ୍ଟ୍ରପତି ଶାସନ ଜାରି କାରଣରୁ ମଧ୍ୟ ଏ ସମସ୍ୟା ଦେଖା ଦେଇଥାଏ। ୧୯୫୧ ମସିହାରେ ସ୍ୱାଧୀନୋତ୍ତର ଭାରତରେ ପ୍ରଥମ ସାଧାରଣ ନିର୍ବାଚନ ହୋଇଥିଲା। ଉଭୟ ବିଧାନସଭା ଓ ଲୋକସଭା ପାଇଁ ଭାରତବାସୀ ଏକକାଳୀନ ମତଦାନ କରିଥିଲେ। ଏହି ନିର୍ବାଚନ ଅବଧି ଦେଶରେ ଅକ୍ଟୋବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟରେ ଭୋଟରଙ୍କ ସଂଖ୍ୟା ଥିଲା ୧୭ କୋଟି ଓ ଲୋକସଭା ଆସନ ସଂଖ୍ୟା ଥିଲା ୪୮୯। ୧୯୫୭ ମସିହାରେ ଅନୁଷ୍ଠିତ ଦ୍ୱିତୀୟ ଲୋକସଭା ନିର୍ବାଚନ ପ୍ରକ୍ରିୟା ଫେବୃୟାରୀ ୨୪ ତାରିଖରୁ ଜୁନ ୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୧୯୬୨ ମସିହାରେ ଅନୁଷ୍ଠିତ ତୃତୀୟ ସାଧାରଣ ନିର୍ବାଚନ ପାଇଁ ମତଦାନ ଫେବୃୟାରୀ ୧୯ ଓ ୨୫ ତାରିଖରେ ଅନୁଷ୍ଠିତ ହେବା ସହ ୧୯୬୭ ମସିହାରେ ଅନୁଷ୍ଠିତ ଚତୁର୍ଥ ସାଧାରଣ ନିର୍ବାଚନ ମତଦାନ ଫେବୃୟାରୀ ୧୭ ଓ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ତେବେ ୧୯୬୭ ମସିହାରେ ଗଠିତ ୪ର୍ଥ ଲୋକସଭା ସଂଖ୍ୟାଲଘୁ ହୋଇଯିବା କାରଣରୁ ମଧ୍ୟବର୍ତ୍ତୀ ନିର୍ବାଚନର ଆବଶ୍ୟକତା ପଡ଼ିଲା। ଫଳରେ ୪ ବର୍ଷରେ ଅର୍ଥାତ ୧୯୭୧ ମସିହାରେ ନିର୍ବାଚନ ହୋଇଥିଲା। ସେହିପରି ଓଡ଼ିଶାରେ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳ ମଧ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଭାଙ୍ଗି ଯାଇଥିଲା। ଫଳରେ ୪ ବର୍ଷରେ ଏହି ଦୁଇ ନିର୍ବାଚନ ୧୯୭୧ ମସିହାରେ ହୋଇଥିଲା। ଅନୁରୂପ ଭାବେ ୨୦୧୮ ମସିହାରେ ତେଲଙ୍ଗାନା ସରକାର ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ଭାଙ୍ଗି ପୁନର୍ବାର ମତଦାନ ଲୋଡ଼ିଲେ। ତେଲଙ୍ଗାନା ବିଧାନସଭା କାର୍ଯ୍ୟକାଳ ୨୦୧୯ ମସିହାରେ ଶେଷ ହେବାର ଥିଲା। ୨୦୦୦ ମସିହାରେ ଓଡ଼ିଶାରେ ଦ୍ୱାଦଶ ବିଧାନସଭା ଗଠନ ହୋଇଥିଲା। ଏହାର କାର୍ଯ୍ୟକାଳ ୨୦୦୫ ମସିହାରେ ଶେଷ ହୋଇଥା'ନ୍ତା। କିନ୍ତୁ ବିଧାନସଭା ଆଗୁଆ ଭାଙ୍ଗି ଦିଆଯାଇ ୨୦୦୪ ମସିହାରେ ଓଡ଼ିଶାରେ ତ୍ରୟୋଦଶ ବିଧାନସଭା ପାଇଁ ମତ ଲୋଡ଼ାଗଲା। ଦେଶର ନିର୍ବାଚନ ଧାରାରେ ଏପ୍ରକାର ଅନେକ ଦୃଷ୍ଟାନ୍ତ ରହିଆସିଛି, ଯାହା ସମ୍ବିଧାନ ବହିର୍ଭୂତ ମଧ୍ୟ ନୁହେଁ। ତେଣୁ ଏବେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ଭବିଷ୍ୟତରେ ଏପ୍ରକାର ପରିସ୍ଥିତି ନଉପୁଜିବାର କିଛି ନିଶ୍ଚିତତା ନାହିଁ। କାରଣ ସଂଘୀୟ ନିର୍ବାଚନ ବ୍ୟବସ୍ଥାରେ ସରକାର ଯେକୌଣସି ସମୟରେ ଭାଙ୍ଗିବାର ବା ବରଖାସ୍ତ କରାଯିବାର ବ୍ୟବସ୍ଥା ରହିଛି।

## ଓଡ଼ିଶା : ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ



### ଯଶସ୍ୱିନୀ ପଟ୍ଟନାୟକ

ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର। ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୁର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ। ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ। ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ। ଭାରତର ଭାସ୍କର୍ଯ୍ୟ ଏବଂ କଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେଦୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ। କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି।

ପର୍ବପର୍ବାଣି : ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ। ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ। ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି। ଓଡ଼ିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ।

ସମୁଦ୍ରତଟ : ଓଡ଼ିଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ। ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ। ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି।

ପର୍ଯ୍ୟଟନସ୍ଥଳୀ : ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି। ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି।

ତୀର୍ଥସ୍ଥଳୀ : ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ। ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ। ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରୀ ପୁରୀରେ ରୁଣ୍ଡ ହୋଇଥାନ୍ତି। ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ୍ୟ ଆସିଥାନ୍ତି। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ।

ବନ୍ୟଜନ୍ତୁ : ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ। ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ। ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି। ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ। ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ। ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ। ଦ

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ

### ପର୍ଯ୍ୟଟନ ଓ ଶାନ୍ତି

*ବର୍ତ୍ତମାନ ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିରନ୍ତର ଭାବେ ଅଗ୍ରସର ହେଉଥିବା ଏବଂ ଅର୍ଥନୀତିକୁ ବିକାଶ କରୁଥିବା କ୍ଷେତ୍ର। ପର୍ଯ୍ୟଟନ ବିକଶିତ ଦେଶଗୁଡ଼ିକ ପାଇଁ ଆୟର ମୁଖ୍ୟ ଉତ୍ସ ଭାବେ ଉଭା ହୋଇଛି। ପର୍ଯ୍ୟଟକ ଓ ପର୍ଯ୍ୟଟନକୁ ଯୋଡ଼ିବା, ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁକୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥାଏ। ଏଥରର ବାର୍ତ୍ତା ରହିଛି 'ପର୍ଯ୍ୟଟନ ଓ ଶାନ୍ତି'। ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂସ୍ଥା ଦ୍ୱାରା ୧୯୮୦ ମସିହାରୁ ଏହି ଦିନଟି ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳିତ ହେଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ପର୍ଯ୍ୟଟନ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ମୂଲ୍ୟବୋଧକୁ ସାରା ବିଶ୍ୱରେ ଲୋକଙ୍କ ନିକଟରେ ପହଞ୍ଚାଇବା। ଏହିଦିନ ୟୁଏନ୍‌ଡବ୍ଲ୍ୟୁଟିଓର ଜେନେରାଲ ସେକ୍ରେଟାରି ସମସ୍ତ ଜନସାଧାରଣଙ୍କୁ ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥାନ୍ତି। ବିଭିନ୍ନ ପର୍ଯ୍ୟଟନ ଉଦ୍ୟୋଗ, ପର୍ଯ୍ୟଟନ ସହ ସଂପୃକ୍ତ ସଂସ୍ଥା, ସରକାରୀ ଏଜେନ୍ସି ପ୍ରମୁଖ ଏହାକୁ ଆଗ୍ରହର ସହ ମଧ ପାଳନ କରିଥାନ୍ତି। ଏହିଦିନ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତ ଓ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ରିହାତିରେ ଟିକେଟ ଏବଂ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଇଥାଏ।*

## ଲେଖା ଚୋରୀ ଓ ଚୋର ପ୍ରସଙ୍ଗ



### ଦିପ୍ତିମୟୀ ନାୟକ

ଆଗରୁ ଆପଣମାନେ ମନ ଚୋର, ସୁନାଗହଣା ଚୋର, ଗାଡି ମୋଟର ଚୋର, ଟଙ୍କା ପଇସା ଚୋର, ପାଠ ଚୋର ଏମିତିକି ଅନେକ ଯାବତୀୟ ଚୋରଙ୍କ ବିଷୟରେ ଶୁଣିଥିବେ କିନ୍ତୁ ସମ୍ପାଦକୀୟ ଚୋରଙ୍କ ବିଷୟରେ ଆପଣମାନେ କେବେ ଶୁଣିନଥିବେ । କାହିଁକି ନା ଏ ଚୋର ମାନେ ହେଲେ ଅତି ଭଦ୍ରାମି ଚୋର । ଏମାନେ ଅତି ଭଦ୍ରାମି ସହକାରେ ଆପଣଙ୍କ ଲେଖାକୁ ପଢିବେ ଶେଷରେ ଆପଣଙ୍କ ଲେଖାକୁ ଚୋରି କରି ନିଜ ନାଁରେ ଛାପିବେ କିନ୍ତୁ ମୁହଁ ଟାଣରେ କହିବେ । ଆମେ ଚୋର ନୁହେଁ ଯେ କାହା ଲେଖାକୁ ଚୋରି କରିବୁ । ଆମେ ଲେଖକ ନିଜେ ଲେଖିପାରିବୁ ହେଲେ କାହା ଲେଖାକୁ ଆମେ କେବେବି ଚୋରି କରିବୁ ନାହିଁ । ବାସ୍ତବରେ ଏହି ଚୋର ମାନଙ୍କ ଦୃଢବିଶ୍ୱାସ ହିଁ ଏହି ଚୋର ମାନଙ୍କୁ ସଫଳତାର ଶୀର୍ଷକରେ ପଂହଁଚାଇ ଦେଇଛି । ବେକରେ ଖଣ୍ଡେ ଖଣ୍ଡେ ଉପଢୌକନ ହାତରେ ଖଣ୍ଡେ ମାନପତ୍ର ଧରିବାର ସୁଯୋଗ ମିଳିପାରିଛି କିନ୍ତୁ ପ୍ରକୃତ ଲେଖକଟିକୁ କଣ ମିଳିଛି ଯଦି ଆମେ ନିଜକୁ ପ୍ରଶ୍ନ କରିବା ତେବେ ହୁଏତ ଆମେ ଜାଣିପାରିବା ଲେଖକ ଲେଖି ଚାଲିଛି ପ୍ରଶଂସା ଆଉ କିଏ ପାଉଛି।

ଯଦି କୌଣସି ବ୍ୟକ୍ତିଙ୍କୁ ଉକ୍ତ ଲେଖକ ଜଣଙ୍କର ଲେଖା ଭଲଲାଗିଛି ତେବେ ଭଲ କଥା କିନ୍ତୁ ଚୋରି କରିବା ଅଭାଦ୍ରାମୀର କଥା । ଯଦି କିଛି ଲେଖା ଆବଶ୍ୟକ ତେବେ ଆପଣ ଉକ୍ତ ଲେଖକ ଜଣଙ୍କୁ ତାଙ୍କ ଲେଖା ମାଗନ୍ତୁ । ସେ ଖୁସି ଖୁସିରେ ତାଙ୍କ ଲେଖା ଦେଇଦେବେ କିନ୍ତୁ ଏମିତି ଚୋରି କଲେ ସେ କଦାପି ସହ୍ୟ କରିପାରିବେ ନାହିଁ କାରଣ ତାଙ୍କ ଲେଖା ହିଁ ତାଙ୍କ ଜୀବନର ଏକ ଅଂଶ ପାଲଟିଯାଇଥାଏ । ହୁଏତ ସେ ନଖାଇଲେ ଚଳିଯିବ କିନ୍ତୁ ଲେଖା ଛାଡିଦେଲେ ତାଙ୍କ ପ୍ରାଣ ସେଇଠୁ ଅଟକିଯିବ ।

ତେବେ ବର୍ତ୍ତମାନ ସମୟରେ ସମ୍ପାଦକୀୟ ଚୋରଙ୍କର ଆବିର୍ଭାବ ହୋଇଛି । ଯେଉଁମାନେ ସମାଜକୁ ନିରୀକ୍ଷୀ ଦେଖିନାହାଁନ୍ତି । ଯେଉଁମାନେ ସମାଜରେ ରହୁଥିବା ଲୋକଙ୍କ ସହ ଭଲଭାବରେ ମିଶିନାହାଁନ୍ତି । ସେମାନେ ସମାଜ ବିଷୟରେ ଟିପ୍ପଣୀ ଦେଉଥିବାର ଦେଖିଲେ ବହୁତ ଆଶ୍ଚର୍ଯ୍ୟ ଲାଗେ । ଅନେକ ସମୟରେ ଦେଖିବାକୁ ମିଳେ ଧନ ବଳ ଓ ସଫଳତା ପ୍ରଦର୍ଶିତ କରି ଅଯାଚିତ ସମ୍ମାନର ଅଧିକାରୀ ହୋଇଥାଆନ୍ତି ଏହି ଲେଖକ । ଠିକ ସେମିତି ଗତକିଛି ଦିନ ତଳେ ଏହି କଥାକୁ ନେଇ ମୁଁ ଟିକେ ଦ୍ୱନ୍ଦରେ ପଡିଯାଇଥିଲି ଏବଂ ଏ ସମ୍ପର୍କରେ ଲୋକଙ୍କ ମତାମତ ନେବାପାଇଁ ସାମାଜିକ ଗଣମାଧ୍ୟମରେ ଲେଖିଥିଲି ଚୋରି କର ବଡ଼ ହୁଅ ସମ୍ପାଦକୀୟ ଚୋର । ଏକଥା ଲେଖିବାରେ ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା । ଏକଥା ଏଥିପାଇଁ ଲେଖିଥିଲି ଅନେକ ସମୟରେ ଅନେକ ଲେଖକ ଲେଖିକା ମାନଙ୍କର ଲେଖା ଚୋରି ହେଉଛି ଏବଂ ପ୍ରକୃତ ଲେଖକଟିର ସର୍ତ୍ତା ହଜିଯାଉଛି । ଯଦି ଏଭଳି ହୁଏ ଲେଖା ମରିବନି କିନ୍ତୁ ଲେଖକ ଜଣଙ୍କର ମନୋବଳ ମରିଯିବି । ଶେଷରେ ଲେଖକ ହଜିଯିବ ଆଉ ସମ୍ପାଦକୀୟ ଚୋରଙ୍କ ସଂଖ୍ୟା ବଢିବ । ଅସଲ ତଥ୍ୟ ଲୁଚିବ ଗୁଜବ ଖବର ଖାଲି ଘୁରି ବୁଲିବ । ଜଣେ ଯଦି କିଛି ଭାବିବନି । ନିଜସ୍ୱ ବୁଦ୍ଧି କିଛି ଖଟେଇବନି କି କିଛି ଲେଖିବନି । ତେବେ ସେ କଣ ହୃଦୟଙ୍ଗମ କରି ଲେଖିବ । ବାସ ଅନ୍ୟର ଲେଖା ଚୋରି କରି ପ୍ରଶଂସାପତ୍ର ଖାଲି ଗୋଟେଇବ ହେଲେ ତା ମୁଣ୍ଡରେ ଖାଲି ଗୋବର ରହିଥିବ । ଲୋକ ଲୋଚନରେ ଯଦି ପ୍ରକୃତ ଲେଖକକୁ ଦେଖିବ । ତାଙ୍କର ସେହି ଲେଖା ଲେଖିବାର ପ୍ରକୃତ ଉଦ୍ଦେଶ୍ୟ କଣ ଥିଲା ବୋଲି ଯଦି ପ୍ରଶ୍ନ ପଚାରିବ । ସେ ସରଳ ଭାବରେ ଉତ୍ତର ଦେଇଦେବେ ହେଲେ ସମ୍ପାଦକୀୟ ଚୋର ମାନେ ଲୋକଙ୍କ ପ୍ରଶ୍ନ ଶୁଣିଲେ ଅନ୍ୟ କେଉଁଆଡେ ମୁହଁ ବୁଲେଇବେ । ଆଉ ନିଜକୁ ଅଭିଜ୍ଞ ଲେଖକ କହି ସବୁଠି ମଥା ଉପରକୁ କରି ଚାଲୁଥିବେ । ଅନେକ ସମୟରେ ଦେଖିଛି ନିଜକୁ ଅଭିଜ୍ଞ କହି ଅନ୍ୟର ଲେଖାକୁ ଚୋରି କରୁଥିବାର । ଏଠି ପ୍ରତିଭାକୁ ହତ୍ୟା କରି କିଛି ସମ୍ପାଦକୀୟ ଚୋରଙ୍କୁ ପ୍ରତିଭା ଲେଖକ ଲେଖିକା ମାନଙ୍କ ସ୍ଥାନ ଦିଆଯାଉଛି । ଆଉ ଚୋର ମୁହଁ ଟାଣରେ କହୁଛି ମୁଁ ଏହି ଲେଖା ଲେଖିଛି । ହୁଏତ କିଛି ସମ୍ପାଦକୀୟ ଲେଖାରୁ ତମେ ସେହି ଲେଖକର ନାଁ ହଟେଇ ତୁମେ ସେହି ସମ୍ପାଦକୀୟ ପୃଷ୍ଠାରେ ତମେ ତୁମ ନାଁ ଯୋଡି ପାର କିନ୍ତୁ ଲେଖକ ଭାବନା ତୁମେ କେବେ ଛଡେଇ ଆଣିପାରିବନି । ହୁଏତ ସେଦିନ ମୁଁ ଟିକେ ଭାବୁକ ହୋଇଯାଇଥିଲି ସେଥିପାଇଁ ଚୋରି କର ବଡ଼ ହୁଅ ସମ୍ପାଦକୀୟ ଚୋର ବୋଲି ଲେଖିଦେଇଥିଲି କିନ୍ତୁ ଜଣେ ସାର ତାଙ୍କର ମତ ଦେଇଥିଲେ । ଏଥିରେ ଅସୁବିଧା କେଉଁଠି ରହିଲା । ଲେଖା ଲେଖାଯାଏ ସମାଜ ପାଇଁ, ସମାଜର ହିତ ପାଇଁ, ଆଜକା ପେପର କାଲକା ଠୁଙ୍ଗୀ । ଯଦି ତୁମ ଲେଖାକୁ କେହି ଚୋରି କରୁଛି ତାକୁ ତା ନାଁରେ ଯଦି ପ୍ରଚାର କରୁଛି ତାହାଲେ ଏହା ବହୁତ ଭଲ କଥା । ଏଥିସହିତ ସେ ମୋତେ ଗୋଟେ ଭଲ ଉଦାହରଣ ଦେଇ କହିଥିଲେ। ମୁଁ ଛୋଟବେଳେ ଅନେକ ଡ୍ରାମାରେ ବିଭିନ୍ନ ଭୂମିକାକୁ ନେଇ ଅଭିନୟ କରିଛି ଯେମିତିକି ରାମ, ଲକ୍ଷ୍ମଣ, ରାବଣ, କୃଷ୍ଣ, ଅର୍ଜୁନ, ଅକ୍ରୁର ଏମିତି ବିଭିନ୍ନ ଭୂମିକାରେ ଅଭିନୟ କରିଛି । କାହିଁ ସେମାନେ ମୋତେ କେବେ କହି ନାହାଁନ୍ତି ତୁମ ଆମ ନକଲ କାହିଁକି କରୁଛୁ । ମୋତେ ଏମିତି ଅଭିନୟ କରିବାକୁ ଭଲ ଲାଗୁଥିଲା ତେଣୁ ମୁଁ ବିଭିନ୍ନ ଭୂମିକାକୁ ଗୁରୁତ୍ୱ ଦେଉଥିଲି ଆଉ ସେହି ଅନୁଯାୟୀ ମୁଁ ଡ୍ରାମାରେ ଅଂଶ ଗ୍ରହଣ କରୁଥିଲି । ଠିକ ସେମିତି ଯଦି କେହି ତୁମ ଲେଖାକୁ ଚୋରି କଲେଣି ତେବେ ତୁମେ ଖୁସି ହୋଇଯାଅ ତୁମେ ସଫଳତାର ଶୀର୍ଷକରେ ପହଂଚି ଗଲଣି । ଏଥିରେ ଦୁଃଖ କରିବାର କିଛି କଥା ନାହିଁ ବରଂ ଖୁସି ହୁଅ ଲେଖିବା ଜାରି ରଖ । ସେ ଏକଥା ମଧ୍ୟ କହିଥିଲେ ଏ ଦୁନିଆ ଯାକରେ ଅଧାରୁ ଅଧିକ ସମ୍ପାଦକୀୟ ଚୋର ବାହାରିବେ । ସେଥିରେ ତୁମେ ଉଦାସ ହେବା ଉଚିତ ନୁହେଁ । ସେଇଠୁ ମୁଁ ସାରଙ୍କୁ କହିଲି ଏହା କେବଳ ମୋ କ୍ଷେତ୍ରରେ ହୋଇନି ଏହା ଅନେକ ଲେଖକଙ୍କ କ୍ଷେତ୍ରରେ ଘଟିଛି । ମୋ ଲେଖା ଚୋରି ହେଲା ଠିକ ଅଛି କିନ୍ତୁ ଅନ୍ୟ ଲେଖକ ମାନେ ଯେଉଁ ଲେଖୁଛନ୍ତି ତାଙ୍କ ଲେଖାକୁ ଏମିତି ଚୋରି କରିବା କଣ ଠିକ କି । ଆପଣ କୁହନ୍ତୁ ଆପଣ ଯେଉଁ କହିଲେ ଏହା ଖୁସିର କଥା।

ସତ କହିବାକୁ ଗଲେ ଏମିତି କିଛି ଲେଖକ ଅଛନ୍ତି ଯେଉଁମାନେ ଅନେକ ସମୟରେ ନିଜକୁ ଅଭିଜ୍ଞ କହି ଅନ୍ୟର ଲେଖାକୁ ଚୋରେଇ ନିଜ ନାଁ କହିବାର କୌଶଳ ଜାଣନ୍ତି । ନୂଆ ଲେଖକ ଲେଖିକା ମାନଙ୍କ ଲେଖାକୁ ସତେ ଯେମିତି ଏମାନେ ତଣ୍ଟି ଚିପି ହତ୍ୟା କରନ୍ତି । ହେଲେ ସେମାନେ ଭୁଲି ଯାଇଥାନ୍ତି ସେମାନେ ଅନ୍ୟର ସମ୍ପାଦକୀୟ ଲେଖାକୁ ଚୋରି କରି ନିଜସ୍ୱ ଢଙ୍ଗରେ ସମ୍ପାଦକୀୟ ଲେଖିବା ପ୍ରଣାଳୀଙ୍କୁ ହତ୍ୟା କରିଥାନ୍ତି । ହୁଏତ ସମ୍ପାଦକୀୟ ଚୋରଙ୍କ ମୁହଁ ଟାଣ ହୋଇଥାଏ କିନ୍ତୁ ପ୍ରକୃତ ଲେଖକ ତାଙ୍କ ଲେଖିବା ଜାରି ରହିଥାଏ ।

ତେଣୁ ଲେଖକର ଲେଖା ସ୍ୱତନ୍ତ୍ର ହୋଇଥାଏ । ସେ ଲେଖାକୁ ଯେତେ ଯିଏ ଚୋରେଇ ନିଜ ନାଁରେ ଛାପିଲେ ମଧ୍ୟ ନିଜ ଜ୍ଞାନର ବିକାଶ ହୁଏନି ବରଂ ସମାଜ ଆଗରେ ଆପଣଙ୍କୁ ସମ୍ପାଦକୀୟ ଚୋରର ଆଖ୍ୟା ମିଳିଥାଏ । ସବୁବେଳେ ନିଜସ୍ୱ ଢଙ୍ଗରେ ଲେଖନ୍ତୁ ସମାଜକୁ ସଚେତନର ବାର୍ତ୍ତା ଦିଅନ୍ତୁ । ଗୋଟେ ପ୍ରକୃତ ଲେଖକ ଯେମିତି ସବୁବେଳେ ସଜାଗ ରୁହେ ସେ ସମାଜକୁ କେମିତି ନୂଆ ବାର୍ତ୍ତା ଦେବ । କିପରି ଲୋକଙ୍କ ସମସ୍ୟା କିଛି ଦୂର ହେବ ଠିକ ସେହିପରି ଯେଉଁମାନେ ସମ୍ପାଦକୀୟ ପୃଷ୍ଠାରୁ ଅନ୍ୟର ଲେଖାକୁ ଚୋରି କରୁଛନ୍ତି ସେମାନେ ଅନ୍ୟର ଲେଖାକୁ ଚୋରି ନକରି ନିଜେ କିଛି ଲେଖିବାକୁ ଚେଷ୍ଟା କରନ୍ତୁ । ଆଗ ଲୋକଙ୍କ ସହ ମିଶନ୍ତୁ । ଲୋକଙ୍କ ଭାବନାକୁ ବୁଝନ୍ତୁ । ନିଜେ ସଜାଗ ରହିବା ସହ ଅନ୍ୟ ମାନଙ୍କୁ ପ୍ରତ୍ୟେକଟି କ୍ଷେତ୍ରରେ ସଜାଗ ରହିବାକୁ ନିଜ କଲମ ଚାଳନା କରନ୍ତୁ । ହେଲେ କିଛିଟା ସମ୍ମାନ ପାଇବା ପାଇଁ ଅନ୍ୟର ସମ୍ମାନକୁ କିଣିବାକୁ ଚେଷ୍ଟା କରନ୍ତୁନି । ନିଜ ଜ୍ଞାନକୁ କେବେ ବିକି ହୁଏନି । ଅନ୍ୟର ସମ୍ମାନକୁ କେବେ ନିଜ ସମ୍ମାନ ବୋଲି କହି ହୁଏନି କିନ୍ତୁ ସମ୍ପାଦକୀୟ ଚୋର ମାନଙ୍କ ପାଇଁ ସବୁ ସମ୍ଭବ ହୋଇଥାଏ । କିଛି ଲେଖକଙ୍କ ପାଖରେ ଟଙ୍କା ନଥାଏ କିନ୍ତୁ ଏହିଭଳି ଲେଖକଙ୍କ ପାଖରେ ଟଙ୍କା ଥାଏ ବୋଲି ବଡ଼ ବଡ଼ ମଞ୍ଚରୁ ଏମାନଙ୍କ ପାଖକୁ ଡାକରା ଆସୁଥାଏ । ଯଦିଓ ସବୁ ସଂଗଠନ ସମାନ ନୁହଁନ୍ତି କିନ୍ତୁ କିଛି ସଂଗଠନ ପ୍ରତିଭା ଦେଖି ପ୍ରକୃତ ଲେଖକଟିକୁ ଉଚିତ ସମ୍ମାନ ଦିଅନ୍ତି । ହେଲେ ସେହି ସମ୍ପାଦକୀୟ ଚୋରଙ୍କ ମେଳରେ ଆଉ କିଛି ସଂଗଠନ କେବଳ ସେ ଚୋରଙ୍କ ହାତରେ ସମ୍ମାନପତ୍ର ଧରେଇ ଦେଇଥାଆନ୍ତି । ଯେମିତିକି ଟଙ୍କା ଦିଅ ସମ୍ମାନୀତ ହୁଅ । ସେଥିପାଇଁ ଆଜିର ଦିନରେ ପ୍ରକୃତ ଲେଖକ ଲୁଚୁଛି ଚୋର ବାଃ ବାଃ ପାଉଛି।

ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬




### ପ୍ରେମ

**ସିଦ୍ଧେଶ୍ୱର ତ୍ରିପାଠୀ**

ପ୍ରେମ କରା ଯାଏନି ବନ୍ଧୁ
ପ୍ରେମ ହେଇଯାଏ
ଆଉ ସେଇ ପ୍ରେମ ଥରେ ହେଲେ
ଆଉ ଭୁଲି ହୁଏନି
ଥରେ ଲାଗିଗଲେ ଆଉ କେବେବି
ଛଡେଇ ହୁଏନି ସତରେ
ସେଇ ପ୍ରେମର ରଙ୍ଗକୁ।

ମୁଁ ବି ଥରେ ପ୍ରେମରେ ପଡ଼ିଥିଲି
ମୋର ବି ଗୋଟେ ପ୍ରେମିକା ଥିଲା
ଯାହାକୁ ଆଖିରେ ନଦେଖିବି
ଯାହା ବିଷୟରେ କିଛି ନଜାଣିବି
ମୁଁ ପଡି ଯାଇଥିଲି ତାରି ପ୍ରେମରେ
କେବଳ ତାର ପଦିଏ କଥାରେ
ଆଉ ସୂରିଲା ଗୀତରେ ।

ମୁଁ ଖୋଜିନଥିଲି ଜାତି
ମିଶେଇ ନଥିଲି ଜାତକ
ଦେଖି ନଥିଲି ତା'ର ରୂପ ରଙ୍ଗ
ଗୁଣ ଏମିତି କିଛିବି ।

ମୁଁ ତ ପାଗଳ ହୋଇ ସାରିଥିଲି
ତାର ପଦିଏ ଗୀତରେ
କୁଆଡୁ କେମିତି କେଜାଣି
ବଢିଥିଲା ଭାବ
କେତେ ବାର୍ତ୍ତାଳାପ
ମନ ଦିଆନିଆ ଆଉ
ମିଳିତ ସ୍ୱାଭାବ ।

କେବେ ଥରେ ହୋଇଥିଲା ଦେଖା
ତାହା ପୁଣି ଅସମ୍ଭବ ପରି
ଦୈବୀ ଯୋଗରୁ
ସେଇ ଦେଖାରେ
ଯେତିକି ମୁହୂର୍ତ୍ତ
ମୁଁ ଚାହିଁ ରହିଥିଲି
ତା'ର ଦୁଇ ଆଖିକୁ
ଆଉ ଅତି ପାଖରୁ
ଶୁଣିଥିଲି ସେଇ ଗୀତ ରୁ ଦୁଇଧାଡ଼ି
ରଖିଥିଲି ମନଟାକୁ ମୁଁ ଯେ ସାଇତି

ତାପର କଥା ଗୁଡ଼ା ଭାରି ଅସହଜ
ଛାତି ତଳେ ଛାତିଏ ଦରଜ
ପ୍ରେମ ଗୋଟେ ଭୟଙ୍କର ଶବ୍ଦ
ଚଉଦିଗେ ବିଷାଦ ବିଷାଦ ।

### ଏତିକି ତ କର !

**ସୁଶ୍ରୀ ପଲ୍ଲବିତା ସାହୁ**



ଏତିକି ତ କର !
କେହି ଚାଲିଗଲା ପରେ ଲୋଡିଲେ
ଗଲା ମଣିଷ କି ଆଉ ଫେରେ ?
ଯିବା ଆଗରୁ ବରଂ ସବୁ ଆବେଗ
ତୁମର
ବିଛିଦିଅ ତା' କୋଳରେ
ଶାନ୍ତିରେ ସେ ଯିବ ।

ହଜିଗଲା ପରେ ଅଲିଭା ସମ୍ପର୍କ
ହୃଦୟ କି ଆଉ ଭାବିପାରେ ?
ଭାବିବା ବନ୍ଦ ହେବା ଆଗରୁ
ସବୁ ଭଲପାଇବା ବରଂ ଦେଇଦିଅ
ତୃପ୍ତି ସେ ପାଇବ ।

ଜଣେ ଆନ୍ତରିକ ଆଉ ନ
ଥିବାବେଳେ
ଆଶ୍ୱସ୍ତି କି ସେ ଦେଇପାରେ ?
ଏବେ ବରଂ ଆତ୍ମିକ ହୋଇଯାଅ
ଆପଣାର ଅନୁଭବ ନେଇ
ସେ ଆନନ୍ଦ ପାଇବ ।

ଜଣଙ୍କ ଉପସ୍ଥିତି ତୁଟିଗଲା ପରେ
ତୁମ ଦୁଃଖ ସେ କ'ଣ ବୁଝିପାରିବ ?
ଥିଲା ଯାଏଁ ବରଂ ମନଭରି
କାନ୍ଦିପକାଅ
ତୁମେ ଯେ ପ୍ରକୃତ ଭଲପାଅ
ଯିବା ଆଗରୁ ତ ସେ ଜାଣିବ ।

ମୃତ୍ୟୁ ଛୁଇଁ ନେଇଗଲାବେଳେ
ମଣିଷ କି ତୁମକୁ ଆଉ ଜାଣିବ ?
ଏବେ ବରଂ ପାଖେ ବସି
ଦି'ପଦ କଥା ଭାଷା ହୋଇଯାଅ
ଛାତିତଳ ବ୍ୟଥା ହେଲେ
ତୁମ ପାଖେ ସେ କହିଦେଇଯିବ ।

ଆଖି ଦୁଇ ଚିରନିଦ୍ରା ଗଲେ
ଆଉ କ'ଣ ସମ୍ପର୍କ ରହିବ ?
ବିନିଦ୍ର ଚକ୍ଷୁର କାରଣ ତୁମେ
ହୋଇଯାଅ
ଶେଷ ଦେଖା ତୁମ ସହ ଥିଲା
ଏତିକି ତ ମନବୁଝାଇବ ।

ଅଧ୍ୟାପିକା
ରାଜସୁନାଖଳା ମହାବିଦ୍ୟାଳୟ
ମୋ : ୭୭୩୫୫୯୧୯୩୩

### ମଦଲୁଛି ମଣିଷ

**ଦୀପକ କୁମାର ନାଏକ**



ଦୁର୍ନୀତି ଅଫିସର ସାମ୍ବାଦିକଙ୍କୁ ଡରି
ମୁହଁ ଲୁଚାଇଣ ଯାଏ
ଏବେ ଦୁହିଁଙ୍କର ସଲାସୁତୁରାରେ
ସବୁକିଛି ହେଉଥାଏ !!
ଜେଇ ଆସିବାର ଶୁଣି କଣ୍ଟ୍ରାକ୍ଟର
ହେଉଥିଲା ପୂରା ଛାନିଆ
ଏବେ ଆଉ ଯମା ଖାତିରି କରୁନି
କାରଣଟି ଟଙ୍କା ପୁଡିଆ !!
ପୁଲିସ୍ ଭୟରେ କ୍ରିମିନାଲ୍ ଗୁଡା
ଜଙ୍ଗଲରେ ଯାଇ ଲୁଚନ୍ତି
ଏବେ ଆଉ ଯମା ଭୟଭ୍ରାନ୍ତି ନାହିଁ
ମିଶି କାରବାର କରନ୍ତି !!
ଶିକ୍ଷକଙ୍କୁ ଡରି ସ୍କୁଲ କୁ ନଯାଇ
ଲୁଚୁଥିଲେ ଧାନବିଲେ
ସେହି ଛାତ୍ରଛାତ୍ରୀ ଏବେ ତାଙ୍କ ସହ
ରିଲ୍ସ ଭିଡିଓ କଲେ !!
ଦିନେ ବାପାଙ୍କୁ ଡରି ପୁଅଝିଅମାନେ
ମାଆକୋଳେ ଲୁଚୁଥିଲେ
ଏବେ ସେହି ପୁଅଝିଅ ବାପା ଙ୍କ ସହ
ଫେସବୁକ୍ ଡ୍ରାମାକଲେ !!
ଏ ମଣିଷ ଦିନେ ପାପ କରିବାକୁ
ପଛଘୁଞ୍ଚା ଦେଉଥିଲେ
ଏବେ ଭୟ ନାହିଁ କାହାର ପାପକୁ
ମନ ଇଛା କରିଚାଲେ !!
ବିନାଶ କାଳରେ ବିପରୀତ ବୁଦ୍ଧି
ହେଲା ଏଇ ମଣିଷର
ବିନାଶ ପୂର୍ବରୁ ରଖ ଜଗନ୍ନାଥ
ଏତିକି ବିନତୀ ମୋର
ଏତିକି ବିନତୀ ମୋର !!

ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮

# ଦୁର୍ଘଟଣା ପରେ ୩ ବର୍ଷ ବିଛଣାରେ ପଡିରହିଲେ ଏହି ସାଉଥ ଅଭିନେତା



ବଲିଉଡ ହେଉ କିମ୍ୱା ସାଉଥ ଇଣ୍ଡଷ୍ଟ୍ରି ହେଉ, ଯେଉଁ କଳାକାରମାନେ ଆଜି ସୁପରଷ୍ଟାର ହୋଇଛନ୍ତି ସେମାନେ ଅନେକ ସଂଘର୍ଷପୂର୍ଣ୍ଣ ଦିନର ସମ୍ମୁଖୀନ ହୋଇଛନ୍ତି। ତାମିଲ ସିନେମାରେ ମଧ ଏପରି ଜଣେ ସୁପରଷ୍ଟାର ଅଛନ୍ତି । ତାଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜର ପରିଚୟ ଦେବାକୁ ୧୦ ବର୍ଷ ଲାଗିଗଲା । ଯେତେବେଳେ ସେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହେଲେ ତାଙ୍କ ଜୀବନ ବଦଳିଗଲା ଏବଂ ସେ ତିନି ବର୍ଷ ପର୍ଯ୍ୟନ୍ତ ଶଯ୍ୟାଶାୟୀ ରହିଲେ । ଏହି ଅଭିନେତା ହେଉଛନ୍ତି ଚିଆନ୍ ବିକ୍ରମ ଯିଏ ସାଉଥ୍ ସିନେମାରେ ବର୍ତ୍ତମାନ ସବୁଠାରୁ ଚର୍ଚ୍ଚିତ ନାମ ।

କିନ୍ତୁ ତାଙ୍କ ଜୀବନରେ ଏମିତି ଏକ ସମୟ ଥିଲା ଯେତେବେଳେ ସେ ବହୁତ ଖରାପ ଦିନ ଦେଇ ଗତି କରିଥିଲେ । ଥରେ ସେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହା ପରେ ତାଙ୍କ ଗୋଡ ମଧ କାଟି ଦିଆଯିବା ବୋଲି କୁହାଯାଇଥିଲା । ଏହାପରେ ଏହି ଅଭିନେତାଙ୍କର ୨୩ଟି ଅସ୍ତ୍ରୋପଚାର କରିବାକୁ ପଡିଲା ଏବଂ ଏହାପରେ ହିଁ ସେ ତାଙ୍କ ପାଦରେ ଠିଆ ହେବାକୁ ସକ୍ଷମ ହୋଇଥିଲେ। ଏକ ସାକ୍ଷାତକାରରେ ଚିଆନ ବିକ୍ରମ ତାଙ୍କ ସହ ଘଟିଥିବା ଏହି ଦୁର୍ଘଟଣା ବିଷୟରେ ଖୋଲାଖୋଲି ଭାବେ କହିଥିଲେ।

ସେ କହିଥିଲେ- 'ଦୁର୍ଘଟଣା ପରେ ଯେତେବେଳେ ମୋତେ ଡାକ୍ତରଖାନା ନିଆଗଲା ଡାକ୍ତରମାନେ ମୋର ଗୋଡ କାଟିବାକୁ ଚାହୁଁଥିଲେ। ମୋର ହାଡ ଭାଙ୍ଗି ଯାଇଥିଲା। ଚିଆନ୍ କହିଥିଲେ- 'ମୋର ଗୋଡ ଫୁଲି ଯାଇଥିଲା । ସରକାରୀ ଡାକ୍ତରଖାନାରେ ଡାକ୍ତର କହିଥିଲେ ଯେ ଗୋଡ଼ କାଟିବାକୁ ପଡିବ । ଏହାପରେ ମୋତେ ଏକ ଘରୋଇ ଡାକ୍ତରଖାନା ନିଆଗଲା ଏବଂଗୋଡ କାଟିବାର ଆବଶ୍ୟକତା ପଡ଼ିନଥିଲା। ଅଭିନେତା କହିଥିଲେ ଯେ ସେ ତିନି ବର୍ଷ ପର୍ଯ୍ୟନ୍ତ ଶଯ୍ୟାଶାୟୀ ହୋଇ ପଡିରହିଥିଲେ । ଏହି ସମୟ ମଧ୍ୟରେ ତାଙ୍କୁ ୨୩ଟି ଅସ୍ତ୍ରୋପଚାର କରିବାକୁ ପଡିଥିଲା । ଯେତେବେଳେ ସେ ସୁସ୍ଥ ହୋଇଗଲେ, ଦୁର୍ଘଟଣାର ପାଞ୍ଚ ବର୍ଷ ପରେ, ସେ ସେହି ଡାକ୍ତରଙ୍କ ପାଖକୁ ଯାଇଥିଲେ ଯିଏକି ତାଙ୍କ ଗୋଡ଼ କାଟିଦେବାକୁ ପରାମର୍ଶ ଦେଇଥିଲେ । ଏପରିକି ଚିଆନ ବିକ୍ରମ ତାଙ୍କ ପାଦରେ ଠିଆ ହୋଇଥିବା ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

# ଛାଡ଼ପତ୍ର ଖବର ମଧ୍ୟରେ ଉର୍ମିଳାଙ୍କ ମୋଟ ସମ୍ପତ୍ତିକୁ ନେଇ ଆରମ୍ଭ ହେଲା ଚର୍ଚ୍ଚା



ବଲିଉଡ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ୯୦ଦଶକରେ ବଲିଉଡରେ ରାଜ୍ କରୁଥିଲେ। ତେବେ ସେ ଦୀର୍ଘ ବର୍ଷ ଧରି ପରଦାରୁ ଦୂରେଇ ରହିବା ପରେ ୨୦୧୬ରେ କଶ୍ମୀରୀ ମୁସଲିମ ମୋହସିନ ଅଖତର ମିରଙ୍କୁ ବିବାହ କରିଥିଲେ। ବିବାହର ପ୍ରାୟ ୮ବର୍ଷ ପରେ ଉର୍ମିଳା ଛାଡ଼ପତ୍ର ନେବାକୁ ଯାଉଥିବା ଜଣାଯାଇଛି। ଏନେଇ ସେ କୋର୍ଟରେ ଅବେଦନ ମଧ କରିସାରିଥିବା ଜଣାଯାଇଛି।

ଜାତୀୟ ଗଣମାଧ୍ୟମ ମୁତାବକ, ଅନେକ ଚିନ୍ତା କରିବା ପରେ ଉର୍ମିଳା ମାତୋଣ୍ଡକର ଛାଡ଼ପତ୍ର ନେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ କୋର୍ଟରେ ଆବେଦନ କରିଥିଲେ ମଧ ଛାଡ଼ପତ୍ର ପଛ ପ୍ରକୃତ କାରଣ ସାମ୍ନାକୁ ଆସିନାହିଁ। କୁହାଯାଉଛି ଯେ, ଦୁହିଁଙ୍କ ସହମତିରେ ଏହା ହେଉନାହିଁ।

ତେବେ ଏହି ଚର୍ଚ୍ଚା ମଧ୍ୟରେ ଏବେ ଉର୍ମିଳାଙ୍କ ମୋଟ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିନେତ୍ରୀଙ୍କ ବର୍ତ୍ତମାନର ସମ୍ପତ୍ତିକୁ ନେଇ କେଣସି ଅଧିକାରୀକ ସୂଚନା ନଥିଲେ ବି ୨୦୧୯ରେ କଂଗ୍ରେସ ଟିକେଟରେ ଲୋକସଭା ନିର୍ବାଚନ ଲଢ଼ିବା ସମୟରେ ସେ ଯେଉଁ ତଥ୍ୟ ଦେଇଥିଲେ, ତାହା ଏବେ ସାମ୍ନାକୁ ଆସିଛି। ବଲିଉଡ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ୨୦୧୯ ଲୋକସଭା ନିର୍ବାଚନରେ ମୁମ୍ବାଇ ଉତ୍ତର ଆସନରୁ କଂଗ୍ରେସ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ନିର୍ବାଚନ ପୂର୍ବରୁ ସେ ଯେଉଁ ସତ୍ୟପାଠ ଦାଖଲ କରିଥିଲେ ସେଥିରେ ସେ ତାଙ୍କ ସମ୍ପତ୍ତିର ବିବରଣୀ ଦେଇଥିଲେ। ବିବରଣୀ ଅନୁଯାୟୀ, ସେ ୨୦୧୯ରେ ମୋଟ ୬୦.୫କୋଟିର ମାଲିକାଣୀ ଥିଲେ। ଏତେ ବର୍ଷ ଭିତରେ ତାଙ୍କ ସମ୍ପତ୍ତିରେ କେତେ ବୃଦ୍ଧି ଘଟିଛି, ତାହା ସାମ୍ନାକୁ ଆସିନାହିଁ।

ଉଲ୍ଲେଖଯୋଗ୍ୟ, ମୋହସିନ୍ ମୁମ୍ବାଇରେ ତାଙ୍କ ମଡେଲିଂ କ୍ୟାରିୟରକୁ ଆଗକୁ ବଢ଼ାଇବା ପାଇଁ ଚେଷ୍ଟା କରୁଥିବା ବେଳେ ପ୍ରଥମ ଥର ପାଇଁ ଉର୍ମିଳାଙ୍କୁ ଭେଟିଥିଲେ । ୨୦୧୪ରେ ଉର୍ମିଳା ଏବଂ ମୋହସିନ୍ ପ୍ରଥମ ଥର ପାଇଁ ମନୀଷ ମଲହୋତ୍ରାଙ୍କ ଭାଣିଜୀ ରିଦ୍ଧି ମଲହୋତ୍ରାଙ୍କ ବିବାହରେ ଦେଖା ହୋଇଥିଲେ। ମୋହସିନ, ଉର୍ମିଳାଙ୍କୁ ଦେଖିବା ପରେ ପ୍ରଥମ ଦେଖାରେ ତାଙ୍କ ପ୍ରେମରେ ପଡ଼ିଯାଇଥିଲେ। ଏହା ପରେ ସେମାନେ ପରସ୍ପରକୁ ଭେଟିବା ଆରମ୍ଭ କଲେ ଏବଂ ଧୀରେ ଧୀରେ ଭଲ ବନ୍ଧୁ ହୋଇଗଲେ । କିଛି ମାସ ପରେ ଫେବ୍ରୁଆରି ୪, ୨୦୧୬ରେ ଉର୍ମିଳା ଏବଂ ମୋହସିନ୍ ଅତି ନିରାଡମ୍ବର ଭାବେ ବିବାହ କରିଥିଲେ। ଉର୍ମିଳା, ମୋହସିନଙ୍କଠାରୁ ୧୦ବର୍ଷ ବଡ଼ ଥିବାରୁ ଓ ଧର୍ମ ଅଲଗା ଥିବାରୁ ଦୁହିଁଙ୍କ ବିବାହ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ବିବାହ ପରେ ଉର୍ମିଳା ଇସଲାମ ଗ୍ରହଣ କରିଥିବା ନେଇ ଚର୍ଚ୍ଚା ହେବାରୁ ତାଙ୍କୁ ଟ୍ରୋଲ ମଧ କରାଯାଇଥିଲା। ହେଲେ ପରେ ଅଭିନେତ୍ରୀ ଏହି ଖବରକୁ ଅସ୍ୱୀକାର କରିଥିଲେ।

# 'ମେରେ ମେହବୁବ' ଗୀତକୁ ନେଇ ଟ୍ରୋଲ ହେଲେ ତୃପ୍ତି ଡିମ୍ରି



ଆଜିକାଲି ବଲିଉଡରେ ନିର୍ମାତାମାନଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି ତୃପ୍ତି ଡିମ୍ରି। ଫିଲ୍ମ 'ଆନିମଲ'ରେ ଖୁବ କମ ସମୟ ପାଇଁ ନଜର ଆସି ଲୋକପ୍ରିୟ ହେବା ପରେ ତୃପ୍ତିଙ୍କୁ ଫିଲ୍ମ ପରେ ଫିଲ୍ମ ମିଳିବାରେ ଲାଗିଛି। ଗତ କିଛି ମାସ ମଧ୍ୟରେ ସେ ଅନେକ ଫିଲ୍ମରେ ନଜର ଆସିବା ସହ ଅନେକ ଫିଲ୍ମର ଘୋଷଣା ମଧ ହୋଇସାରିଲାଣି। ଏବେ ତାଙ୍କ ଆଗାମୀ ଫିଲ୍ମ 'ବିକି ବିଦ୍ୟା କା ୱ୍ୱ ୱ୍ୱାଲା ଭିଡିଓ' ରିଲିଜ୍ ହେବାକୁ ଯାଉଛି। ଏହାର ଟ୍ରେଲର ରିଲିଜ୍ ସହ କିଛି ଗୀତ ବି ରିଲିଜ୍ ହୋଇଛି। ଏବେ ଏହି ଫିଲ୍ମର ଗୀତ 'ମେରେ ମେହବୁବ'କୁ ନେଇ ତୃପ୍ତିଙ୍କୁ ଟ୍ରୋଲ କରୁଛନ୍ତି ଲୋକେ।

ଗୀତରେ ଗୋଟାଏ ଭାଗରେ ସେ ତଳେ ଶୋଇ ନୃତ୍ୟୁ କରୁଥିବା ଦେଖାଯାଇଛି। ଏହାକୁ ଅଶ୍ଳୀଳ କହି ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। କିଛି ଲୋକ ତାଙ୍କୁ ନାଚି ଆସୁନଥିବା ମଧ କହି ଟ୍ରୋଲ କରିଛନ୍ତି। ଅନ୍ୟ କିଛି ଲୋକ ଲେଖିଛନ୍ତି, ତୃପ୍ତିଙ୍କ ଖରାପ ନୃତ୍ୟ ପାଇଁ ଏତେ ଭଲ ଗୀତଟି ଖରାପ ହୋଇଗଲା।

ତେବେ ଏହି ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ତୃପ୍ତି ଏବଂ ରାଜକୁମାର ରାଓ ଏକାଠି କାମ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରଟି ଅକ୍ଟୋବର ୧୧ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏବେ ରାଜକୁମାର ତାଙ୍କ ଚଳଚ୍ଚିତ୍ର ସ୍ତ୍ରୀ-୨ର ସଫଳତାକୁ ଉପଭୋଗ କରୁଛନ୍ତି । ଆଗକୁ ତାଙ୍କର ବର୍ତ୍ତମାନ ଅନେକ ଚଳଚ୍ଚିତ୍ର ଆସିବାର ଅଛି।

# ଲଭ୍ ଆଣ୍ଡ ୱ୍ୱାର୍ ପରେ ରୋମାନ୍ସ କରିବେ ଆଲିଆ



ଆଗାମୀ ଚଳଚ୍ଚିତ୍ର ଜିଗ୍ରାକୁ ନେଇ ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ଆଜିକାଲି ଖବରରେ ଅଛନ୍ତି। ଏହି ଚଳଚ୍ଚିତ୍ର ଦେଖିବା ପାଇଁ ଲୋକମାନେ ବହୁତ ଉତ୍ସାହିତ ଅଛନ୍ତି। ଏହି ଚଳଚ୍ଚିତ୍ରଟି ଅକ୍ଟୋବର ୧୧ରେ ବଡ଼ ପରଦାରେ ମୁକ୍ତିଲାଭ କରିବାକୁ ଯାଉଛି। ପାଇପଲାଇନରେ ଆଲିଆ ଭଟ୍ଟଙ୍କ ହାତରେ ଅନେକ ଫିଲ୍ମ ଅଛି। ଆଲଫା , ଲଭ୍ ଆଣ୍ଡ ୱ୍ୱାର ଫିଲ୍ମର ନାମ ଏହି ତାଲିକାରେ ଅନ୍ତର୍ଭୁକ୍ତ। ଏହା ପରେ ଆଲିଆ ଏକ ରୋମାଣ୍ଟିକ୍ ଫିଲ୍ମ କରିବା ନେଇ ଆଗ୍ରହ ଦେଖାଇଛନ୍ତି। କୁହାଯାଉଛି ଯେ ସେ ଲଭ୍ ଆଣ୍ଡ ୱ୍ୱାର ପରେ ଏହି ଚଳଚ୍ଚିତ୍ରର ସୁଟିଂ କରିବେ। ଆଲିଆ ଭଟ୍ଟଙ୍କ ଏହି ରୋମାଣ୍ଟିକ୍ ଫିଲ୍ମ ଏକ ପ୍ରେମ କାହାଣୀ ଉପରେ ଆଧାରିତ। ଏଭଳି ଏକ ଚଳଚ୍ଚିତ୍ରରେ ଆଲିଆଙ୍କୁ ଦେଖିବାକୁ ମିଳିବ ବୋଲି ପିଙ୍କଭିଲ୍ଲା ଦାବି କରିଛି। ଏହି ଚଳଚ୍ଚିତ୍ରରେ ଆଲିଆ ବଡ଼ ପରଦାରେ ରୋମାନ୍ସ କରୁଥିବାର ଦେଖିବାକୁ ମିଳିବ। ଆଲିଆ ଏହି ଚଳଚ୍ଚିତ୍ର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିଛନ୍ତି। ଏହି ଚଳଚ୍ଚିତ୍ର ଉପରେ କାମ ୨୦୨୫ମସିହାରେ ଆରମ୍ଭ ହେବ। ଲଭ୍ ଆଣ୍ଡ ୱ୍ୱାର ପରେ ଆଲିଆ ତାଙ୍କର ଏହି ରୋମାଣ୍ଟିକ୍ ମୁଭିର ସୁଟିଂ କରିବେ। ବର୍ତ୍ତମାନ ଫିଲ୍ମ ପାଇଁ ହିରୋ ଖୋଜା ଚାଲିଛି। ଏହି ଫିଲ୍ମକୁ ନେଇ ଆଲୋଚନା ହେଉଛି। ସ୍ୱତନ୍ତ୍ର କେମେଷ୍ଟ୍ରି ପାଇଁ ହିରୋ ଖୋଜୁଥିବା ଆଲିଆଙ୍କୁ ଲଭ୍ ଆଣ୍ଡ ୱ୍ୱାର୍ ପରେ ରୋମାନ୍ସ କରୁଥିବାର ବଡ଼ ପରଦାରେ ଦେଖିବାକୁ ମିଳିବ। ଯଦି ସବୁକିଛି ଠିକ୍ ଚାଲେ, ତେବେ ଆଲିଆଙ୍କ ଏହି ଫିଲ୍ମ ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଆଲିଆ ଭଟ୍ଟ ରାଜି ଚଳଚ୍ଚିତ୍ରରେ ଜଣେ ଭାରତୀୟ ଗୁପ୍ତଚର ଭୂମିକାରେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ରରେ ଆଲିଆ ପାକିସ୍ତାନର ଘୃଣ୍ୟ ଯୋଜନାକୁ ପଣ୍ଡ କରିଥିଲେ। ବର୍ତ୍ତମାନ ଆଲିଆ ଭଟ୍ଟ ୱ୍ୱାଇଆରଏଫର ସ୍ପାଏ ୟୁନିଭର୍ସର ଏକ ଅଂଶ ହୋଇପାରିଛନ୍ତି। ବଲିଉଡର ଅନ୍ୟତମ ସଫଳ ଅଭିନେତ୍ରୀ ଆଲିଆ ଖୁବ୍ ଶୀଘ୍ର ଆଲଫାରେ ନଜର ଆସିବେ। ଏହି ସିନେମାରେ ଲୋକପ୍ରିୟ ଅଭିନେତ୍ରୀ ଶରଭରୀ ୱ୍ୱାଗ୍ ତାଙ୍କ ସହ ଦେଖିବାକୁ ମିଳିବ। ନିକଟରେ ଆଲିଆ ଏବଂ ଶରଭରୀ ଏହି ଫିଲ୍ମର ସୁଟିଂ ପାଇଁ କଶ୍ମୀର ଯାଇଥିଲେ। ଉଭୟ ଏହି ଚଳଚ୍ଚିତ୍ରରେ ଆକ୍ସନ୍ ମୁଡ୍‌ରେ ନଜର ଆସିବେ। ଏଭଳି ପରିସ୍ଥିତିରେ ପ୍ରଶଂସକମାନେ ଫିଲ୍ମ ଆଲଫାକୁ ଅପେକ୍ଷା କରିଛନ୍ତି।

# ଯୁବ ଫଟୋଗ୍ରାଫର କମଳ ଶତପଥୀ



ଓଡିଶାର ଯେଉଁ ଫଟୋ ଗ୍ରାଫର୍ ବନ୍ଧୁ ବିଭିନ୍ନ ଡିଜାଇନ୍‌ର ଫଟୋ ଉଠାଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରୁ କମଳ ଶତପଥୀ ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ସହର ନିକଟରେ ସେ ୧୯୯୦ ମସିହାରେ ଜନ୍ମ ଲାଭ କରନ୍ତି । ତାଙ୍କର ପିତା ଅବସରପ୍ରାପ୍ତ ଅଧକ୍ଷ ସୂର୍ଯ୍ୟମଣି ଶତପଥୀ ଓ ମାତା ଶାନ୍ତିଲତା ଶତପଥୀ । କମଳଙ୍କର ଫଟୋ ଗ୍ରାଫି ହେଉଛି ଉଭୟ ନିଶା ଓ ପେଶା । ଭିଡିଓ ସୁଟିଂଗ କରିବା, ଏଡିଟିଂଗ କରିବା ଓ ଡିଜାଇନ୍ କରିବା କ୍ଷେତ୍ରରେ ତାଙ୍କର ଅନେକ ଅଭିଜ୍ଞତା ରହିଛି । ଗ୍ରାଫିକ୍ସ ଡିଜାଇନ୍, ବିଜ୍ଞାପନ ଡିଜାଇନ୍ ପ୍ରଭୃତି କାର୍ଯ୍ୟ ସେ ଖୁବ୍ କୌଶଳତାର ସହିତ କରିଥାନ୍ତି । କମଳ ଫଟୋ ଗ୍ରାଫି ନାମରେ ତାଙ୍କର ଏକ ରେଜିଷ୍ଟ୍ରେସନ୍ ସଂସ୍ଥା ରହିଛି । ତାଙ୍କର ସହଯୋଗୀ କର୍ମଚାରୀ ଅଛନ୍ତି ତାଙ୍କୁ ଏ କ୍ଷେତ୍ରରେ ସହଯୋଗ କରିବା ପାଇଁ । ବେଷ୍ଟ ଫଟୋ ଗ୍ରାଫର ହେବା ଓ ଓଡ଼ିଶାରେ ତଥା ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବା ପାଇଁ ତାଙ୍କର ଭବିଷ୍ୟତ ଲକ୍ଷ୍ୟ ରହିଛି । ଅନେକ ସିନେମା କଳାକାର, ସିରିଏଲ କଳାକାରଙ୍କ ସହିତ ତାଙ୍କର ରହିଛି ବନ୍ଧୁତ୍ୱ ପୂର୍ଣ୍ଣ ସମ୍ପର୍କ । ଯାତ୍ରା ଜଗତର ସଫଳ ଅଭିନେତା ଦୈତାରି ପଣ୍ଡା, ସଞ୍ଜୟ ଭୋଳ, ସୁରେଶ ପଣ୍ଡା, ବାପି ପଣ୍ଡା, କାହ୍ନା, ଟିକି, ପୀୟୂଷ, ଡଲି ଭୂୟାଁ, ମନ୍ଦାକିନୀ ପ୍ରମୁଖଙ୍କ ସୁନ୍ଦର ଓ ଆକର୍ଷଣୀୟ ଅଭିନୟ କମଳଙ୍କୁ ଖୁବ୍ ଭଲ ଲାଗେ । ଓଡିଶାର କଳା ସାହିତ୍ୟ ଓ ସଂସ୍କୃତିକୁ ଭଲ ପାଇବା ତାଙ୍କର ଏକ ସଫଳ ପ୍ରୟାସ । ଓଡିଶାର ବିଭିନ୍ନ ସୁନ୍ଦର୍ ସ୍ଥାନକୁ ଯାଇ ସେଠାରେ ସୁଟିଂଗ କରିବା ଓ ଫଟୋ ଉଠାଇବା କାର୍ଯ୍ୟକୁ ସେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଆଗାମୀ ଦିନରେ ଯଦି ଓଡିଆ ଚଳଚ୍ଚିତ୍ର ଜଗତରୁ ସୁଯୋଗ ଆସେ ତେବେ ସେ ସେଠାରେ କାର୍ଯ୍ୟ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି । ଈଶ୍ୱରଙ୍କ କୃପାରୁ ଶ୍ରୀ କମଳ ଶତପଥୀଙ୍କ ସମସ୍ତ ସ୍ୱପ୍ନ ପୂରଣ ହେଉ ଏବଂ ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଆମର ଏତିକି କାମନା ।


ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି ପ୍ରଶାନ୍ତ

ବଲାଙ୍ଗିର, ୨୬/୦୯ (ନି.ପ୍ର): ପିଲାଟି ଦିନରୁ ମାଁ ବାପ ଛେଉଣ୍ଡ ହୋଇ ବଡ଼ଭାଇ ସଦାନନ୍ଦ ପାତ୍ର ଏବଂ ଅନ୍ୟ ଭାଇ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିପାଳିତ ହୋଇଥିବା ପ୍ରଶାନ୍ତ ନିଜ ଉଦ୍ୟମ ବଳରେ ମାର୍ଶଲ ଆର୍ଟ ରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ।ପ୍ରଥମେ ବଲାଙ୍ଗୀରର ଏକ ମାର୍ଶଲ ଆର୍ଟ ସଂସ୍ଥା ରେ ଆତ୍ମରକ୍ଷା କୌଶଳ ଶିକ୍ଷା କରି ପରେ ସେତେ ବେଳେ ବ୍ରହ୍ମପୁରର ଲି ମାନ୍-ଚୁରିଆନ୍ ବ୍ଲାକ କୋବ୍ରା କୁଙ୍ଗ ଫୁ ଏବଂ ପରେ ଇଣ୍ଡିଏନ ଫାଇଟ ସ୍କୁଲ ସଂସ୍ଥାରେ ଦୀର୍ଘ ବର୍ଷ ଶିକ୍ଷ୍ୟା ଗ୍ରହଣ କରି ଥାର୍ଡ ଡନ୍ ବ୍ଲାକ ବେଲ୍ଟ ର ଅଧିକାରୀ ହୋଇ ପାରିଛନ୍ତି ।ବ୍ରହ୍ମପୁର ର ଏହି ସଂସ୍ଥା ର ପ୍ରଶିକ୍ଷକ ତଥା ଇଞ୍ଜିନିୟର ମନୋରଞ୍ଜନ ମହାପାତ୍ର ଙ୍କ ପ୍ରଶିକ୍ଷଣ ଶିବିରରେ ଦୀର୍ଘ ବର୍ଷ ଶିକ୍ଷ୍ୟା ଗ୍ରହଣ ପରେ ତାଙ୍କ ନିଜସ୍ୱ ଉଦ୍ୟମ ରେ ବଲାଙ୍ଗୀର ଜିଲ୍ଲାରେ ୨୦୦୦ ମସିହାରୁ ଏକ ମାର୍ଶଲ ଆର୍ଟ ସଂସ୍ଥା ଖୋଲି ଅନେକ ଛାତ୍ର ଙ୍କୁ ବ୍ଲାକ ବ୍ଲେଟ୍ ଶିକ୍ଷ୍ୟା ଦେଇ ସ୍ୱାବଲମ୍ବୀ କରି ପାରିଛନ୍ତି ।ଏବେ ପେନକାକ ସିଲାଟ ମାର୍ଶଲ ଆର୍ଟ ସଂସ୍ଥା ରେ ଯୋଡ଼ି ହୋଇ ତାର ଫ୍ରାଂଚାଇଜ୍ ଆଣି ତାଙ୍କ ନିଜସ୍ୱ ସଂସ୍ଥା କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ ମାର୍ଶଲ ଆର୍ଟ କୁ ଉପରୋକ୍ତ ସଂସ୍ଥା ରେ ଅନୁବନ୍ଧିତ କରାଇ ଅନେକ ଛାତ୍ର ଛାତ୍ରୀ ଙ୍କୁ ଆତ୍ମ ସୁରକ୍ଷା ତାଲିମ ଦେଇ ସାରିଛନ୍ତି ।ଏହି ସଂସ୍ଥା ର ଛାତ୍ର ଛାତ୍ରୀ ମାନେ ଅନେକ ମାର୍ଶଲ ଆର୍ଟ ପ୍ରତିଯୋଗୀତା ରେଅଂଶଗ୍ରହଣ କରି ସ୍ୱର୍ଣ୍ଣ, ରୋପ୍ୟ ଏବଂ ବ୍ରୋଞ୍ଜ୍ ପଦକ ହାସଲ କରି ଅନୁଷ୍ଠାନର ଗର୍ବ ଗୌରବ ଅକ୍ଷୁର୍ଣ୍ଣ ରଖିଛନ୍ତି । ପ୍ରଶାନ୍ତଙ୍କ କହିବା ଅନୁଯାୟୀ ବର୍ତ୍ତମାନ ପରିସ୍ଥିତିରେ ଝିଅ ହେଉ କି ପୁଅ ସଭିଏଁ ଆତ୍ମରକ୍ଷା କୌଶଳ ଶିକ୍ଷା ଗ୍ରହଣ କରିବା ଉଚିତ୍ ।ଏହି ଶିକ୍ଷା ବଳରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟ ମାନଙ୍କୁ ମଧ୍ୟ ସୁରକ୍ଷା ଦେଇ ପାରିବେ ।ଏହି ଆର୍ଟ ବଳରେ ଆତ୍ମରକ୍ଷା ଏବଂ ସୁରକ୍ଷା ସହ ସୁନ୍ଦର ଶରୀର ଗଠନ ସ୍ୱାସ୍ଥ୍ୟବାନ୍ ଓ ରୋଗମୁକ୍ତ ହୋଇ ରହି ପାରିବେ ।ସରକାର ପ୍ରତି ସ୍କୁଲ ମାନଙ୍କରେ ବାଳିକା ମାନଙ୍କ ପାଇଁ ମାର୍ଶଲ ଆର୍ଟ ଶିକ୍ଷ୍ୟା ପାଇଁ ଅନୁଦାନ ଦେଉଛନ୍ତି ।ଏହି ଆତ୍ମରକ୍ଷା ଶିକ୍ଷକ୍ଷକୁ ପାଠ୍ୟ ପୁସ୍ତକ ରେ ଏକ ବିଷୟ ଭାବରେ ସ୍ଥାନିତ କଲେ ଅନେକ ସୁଫଳ ମିଳିପାରିବ ବୋଲି ପ୍ରଶାନ୍ତ ସରକାରଙ୍କୁ ନିବେଦନ କରିଛନ୍ତି ।

# 'ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪' ଅଧୀନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

ଜୟପୁର , ୨୬/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା ଅଭିଯାନ ୨୦୨୪'ର ଏକ ଅଂଶ ଭାବରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ବ୍ୟୁରୋ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ୨୫ ସେପ୍ଟେମ୍ବର ୨୦୨୪ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ଏକାଡେମିକ୍ ଓ ପ୍ରଶାସନ ପରାମର୍ଶଦାତା ପ୍ରଫେସର ଭି.ସି.ଝା ଏହି ଅଭିଯାନକୁ ଉଦ୍ ଘାଟନ କରିଥିଲେ । ହଷ୍ଟେଲର ମୁଖ୍ୟ ୱାର୍ଡେନ ତଥା ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. କପିଳା ଖେମୁଣ୍ଡୁ, ଛାତ୍ର କଲ୍ୟାଣ ଡିନ୍ ଡ. ରମେନ୍ଦ୍ର କୁମାର ପାଢ଼ୀ, ସ୍ୱଚ୍ଛତା ହିଁ ସେବା ୨୦୨୪ ର ନୋଡାଲ ଅଫିସର ତଥା ଏନଏସଏସ ସଂଯୋଜକ ଡ. ଅଞ୍ଜନେୟୁଲୁ ଥୋଟାପଲ୍ଲୀ; ଏବଂ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ପ୍ରମୁଖ ଅଧିକାରୀଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଥିଲା ।କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ସ୍ୱଚ୍ଛତା ଓ ପରିବେଶ ନିରନ୍ତରତା ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଉଦ୍ ଘାଟନ ଅବସରରେ ପ୍ରଫେସର ଝା କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛ ପରିବେଶ ଉପରେ ଗୁରୁତ୍ୱାରୋପ କରିବା ସହ ଏହି ଅଂଚଳର ମନୋରମ ଦୃଶ୍ୟକୁ ସ୍ୱିଜରଲ୍ୟାଣ୍ଡ ସହ ତୁଳନା କରିଥିଲେ । କ୍ୟାମ୍ପସକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।ଉଦ୍ ଘାଟନ ପରେ ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀମାନେ ଏକାଡେମିକ ବ୍ଲକ, କ୍ୟାଂଟିନ୍ ଓ ହଷ୍ଟେଲ ଆଖପାଖରେ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଦ୍ୱାରା ଉଦ୍ ଘାଟିତ ବୃକ୍ଷରୋପଣ ଅଭିଯାନ ସହିତ ୨୦୨୪ ସେପଟ୍ଟେମ୍ବର ୧୭ ରେ ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ ପରେ ଏହି ସଫେଇ ଅଭିଯାନ ଆରମ୍ଭ ହୋଇଥିଲା ।

# ପୁରୀରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ପୁରୀ, ୨୬/୦୯ (ନି.ପ୍ର): ଗୋପାଳପୁର ସ୍ଥିତ ଆଇ. ଏମ. ଟି ଫାର୍ମାସି କଲେଜରେ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । ଦିବା ୧୧ ଘଟିକା ସମୟରେ କଲେଜ ପ୍ରେକ୍ଷାଳୟରେ ଆୟୋଜିତ ସଭାରେ ପୁରୀର ପାଂଚ ଜଣ ଅବସର ପ୍ରାପ୍ତ ଫାର୍ମସିଷ୍ଟ ଶ୍ରୀ ବାନାମ୍ବର ମନ୍ତ୍ରୀ, ଶ୍ରୀ କେ. ଜଗନ୍ନାଥ ଶୁବୁଦ୍ଧି, ଶ୍ରୀ ରାମକୃଷ୍ଣ ସାହୁ , ଶ୍ରୀ ପବିତ୍ର ମୋହନ ସାମଲ , ଶ୍ରୀ ପ୍ରଦୀପ୍ତ କୁମାର ପ୍ରଧାନଙ୍କୁ ମାନପତ୍ର ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା । ସେମାନେ ନିଜ ନିଜର ଅଭିଜ୍ଞତା ବଖାଣି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧକ୍ଷ୍ୟ ଡ. ଅଗ୍ନିମିତ୍ର ଦୀଣ୍ଡା ସ୍ୱାଗତ ଭାଷଣ ପ୍ରଧାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ମନୋଜ ରଥ ନିଜ ବକ୍ତବ୍ୟରେ ରୋଗୀ ସେବାରେ କାର୍ଯ୍ୟରତ ଫାର୍ମାସିଷ୍ଟ ମାନଙ୍କର ଭୂମିକା ଅତୁଳନୀୟ ଓ ଗ୍ରାମାଂଚଳରେ ଫାର୍ମାସିଷ୍ଟ ମାନେ ହିଁ ରୋଗୀ ସେବାର ମୂଳ ଆଧାର ବୋଲି କହିଥିଲେ । ଇତ୍ୟବସରରେ ବକ୍ତୃତା ଓ ସ୍ଲୋଗାନ ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ଓ ଅର୍ଥରାଶି ମାଧ୍ୟମରେ ପୁରସ୍କୃତ କରଯାଇଥିଲା । ଧନ୍ୟବାଦ ଅର୍ପଣ କରିଥିଲେ ଉପଧାକ୍ଷ ଦେବାଶିଷ ମିଶ୍ର । ମଂଚ ପରିଚାଳନା କରିଥିଲେ ଅଧାପିକା ରାଜଲକ୍ଷ୍ମୀ ସ୍ୱାଇଁ, ବିଷ୍ଣୁପ୍ରିୟା ଜୋତିଷ । ସଭା ଶେଷହେବା ପରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧାପକ ମାନେ ପ୍ରଚାରପତ୍ର ଧରି ଶୋଭାଯାତ୍ରା ମାଧ୍ୟମରେ ଗୋପାଳପୁର ଗ୍ରାମ ପରିକ୍ରମା କରି ଔଷଧ ସେବନ ଓ ଫାର୍ମାସିଷ୍ଟ ମାନଙ୍କର ଭୂମିକା ବିଷୟରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପକ ଦେବାଶୀସ ଦାସ, ଦେବଦତ୍ତ ସାହୁ, ପାର୍ଥ ସାରଥି ପାତ୍ର, ସ୍ନେହାଶିଷ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଜବର ଦଖଲ ବିରୋଧ କରିବାରୁ ଯୁବକଙ୍କୁ ମାଡ: ଥାନାରେ ଏତେଲା ଉଚ୍ଛେଦ ପାଇଁ ଦାବି କଲା ଜିଲ୍ଲା ନାଗରିକ ଫୋରମ

କନ୍ଧମାଳ , ୨୬/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ସହର ର ମଧଭାଗରେ ଥିବା ପ୍ରାଣୀ ଚିକିତ୍ସାପ୍ରାଣୀ ଚିକିତ୍ସା କେନ୍ଦ୍ର ରାସ୍ତା ଉପରେ ଜବର ଦଖଲ କୁ ବିରୋଧ କରିବାରୁ ଯୁବକ ଙ୍କୁ ମାଡ ଅଭିଯୋଗ ବାଲିଗୁଡା ଥାନାରେ ଏତେଲା । ସୂଚନା ଅନୁଯାୟୀ ବାଲିଗୁଡା ର ମାଆ ପାଟଖଣ୍ଡା ଦୁର୍ଗାପୂଜା ସମିତି ବେ ଆଇନ ଭାବେ ବିଜ୍ଞାପିତ ଅଂଚଳ ପରିଷଦ ର ଏନ ଓ ସି ନନେଇ ସ୍ୱଷ୍ଟ ଦିବା ଲୋକରେ ସର୍ବସାଧାରଣ ଜମି ରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଗୃହ ନିର୍ମାଣ କରୁଛି ଏବଂ ବାଲିଗୁଡା ପ୍ରାଣୀ ଚିକିତ୍ସା କେନ୍ଦ୍ରର ରାସ୍ତା କୁ ନିଜ ଦଖଲ କୁ ନେଇ ରାସ୍ତା ଉପରେ ଛାତ ପକାଇ ଦୋକାନ ଗୃହ ନିର୍ମାଣ କରୁଛି ଏହାକୁ ବିରୋଧ କରି ବଜାର ସାହିର ଆଶିଷ କୁମାର ମହାପାତ୍ର ନାମକ ଜଣେ ଯୁବକ ପ୍ରାଣୀ ଚିକିତ୍ସା କେନ୍ଦ୍ର ରାସ୍ତା କୁ ବେଆଇନ ଦଖଲ ହୋଇ ନିର୍ମାଣ ହେଉଛି ବୋଲି ବିଭାଗୀୟ ଅଧିକାରୀ ଙ୍କୁ ଅବଗତ କରିଥିଲେ । ଗତ ରାତିରେ କୌଣସି ସୂତ୍ର ରୁ ଦୁର୍ଗାପୂଜା ର କମିଟି ସଦସ୍ୟ ଖବର ପାଇ ଆଶୁତୋଷ ଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହିତ କମିଟି ର ସଦସ୍ୟ ମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ବାଲିଗୁଡା ଥାନାରେ ଅଭିଯୋଗ ହୋଇଛି । କମିଟି ପକ୍ଷରୁ ମଧ ପାଲଟା ଅଭିଯୋଗ ଦିଆଯାଇଛି । ପୋଲିସ ଦୁଇଟି ଯାକ ଅଭିଯୋଗ ପତ୍ର ରଖି ତଦନ୍ତ ଚଳାଇଛି । ପକଂଧମାଳ ଜିଲ୍ଲା ରେ ଦିନକୁ ଦିନ ହ୍ରାସ ପାଇଛି ସରକାରୀ ଜମି । ଏପରିକି ସରକାରୀ ଅଫିସ୍ କୁ ମଧ୍ୟ ଛାଡୁ ନାହାନ୍ତି ଜବର ଦଖଲକାରୀ । ପୂର୍ବରୁ ମାଆ ପକ୍ଷଟଖଣ୍ଡ ଦୁର୍ଗା ପୂଜା ସମିତି ଗ୍ରାମପଂଚାୟତ ପକ୍ଷରୁ ନିର୍ମାଣ କରାଯାଇ ଥିବା ଶୌଚାଳୟ ସ୍ଥାନ ରେ ଗୃହ ଦୋକାନ ଗୃହ ନିର୍ମାଣ କରିଥିଲା ବର୍ତ୍ତମାନ ପ୍ରାଣୀ ଚିକିତ୍ସା କେନ୍ଦ୍ର ରାସ୍ତା ଉପରେ ଛାତ ପକାଇ ଜବର ଦଖଲ ପାଇଁ ପ୍ରୟାସ ଚଳାଇଛି , ଚିକିତ୍ସାକେନ୍ଦ୍ର ଭିତରେ ବାଲି, ଗୋଡି, ସିମେଂଟ, ନିର୍ମାଣ ସାମଗ୍ରୀ ରଖିଛି ଫଳରେ ପ୍ରାଣୀ ଚିକିତ୍ସା ସେବା ବ୍ୟାହତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଚିକିତ୍ସା କେନ୍ଦ୍ର କୁ ଆସୁଥିବା ଚାରି ଚକିଆ ଯାନ ଆମ୍ବୁଲାନ୍ସ ଯାତାୟାତ ରେ ଅସୁବିଧା ହେଉଛି । ସର୍ବସାଧାରଣ ଜମି ଉପରେ କମିଟି ବାଲିଗୁଡ଼ା ବିଜ୍ଞାପିତ ପରିଷଦ ରୁ ନୋ ଓବଜେକ୍ସନ ସାର୍ଟି ଫିକେଟ ନେଇ ନ ଥିବା ଜଣାଅପଡ଼ିଛି । ସର୍ବସାଧାରଣ ପ୍ରାଣୀ ଚିକିତ୍ସା କେନ୍ଦ୍ର ରାସ୍ତା ଉପରେ ବ୍ୟବସାୟ ଉଦ୍ଦେଶ୍ୟରେ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି କିନ୍ତୁ ପ୍ରଶାସନ ପାଖରେ ଖବର ନାହିଁ । ଏନ୍ ଏ ସି ଠାରୁ କୌଣସି ପ୍ରକାର ସାର୍ଟିଫିକେଟ ନ ନେଇ କିଭଳି ଦୋକାନ ଗୃହ ନିର୍ମାଣ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମାର୍କେଟ କମ୍ପ୍ଲେକ୍ସ ରେ ଶୌଚାଳୟ ନଥିବାରୁ ବଜାର କୁ ଆସୁଥିବା ମହିଳା ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରଶାସନ ପକ୍ଷରୁ ଏହାର ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ ତୁରନ୍ତ ବେଆଇନ ନିର୍ମାଣ ବନ୍ଦ କରି ସର୍ବ ସାଧାରଣ ରାସ୍ତା ରୁ ବେଆଇନ ଜବର ଦଖଲ ଉଚ୍ଛେଦ କରି ପ୍ରାଣୀ ଚିକିତ୍ସା କେନ୍ଦ୍ର କୁ ରାସ୍ତା ସଫା କରିବା କୁ ବିରିଷ୍ଠ ସାମ୍ବାଦିକ ତଥା ଜ୍ଜିଲ୍ଲା ନାଗରିକ ଫୋରମ ର ବାଲିଗୁଡା ପ୍ରତିନିଧି ପ୍ରମୋଦ କୁମାର ଦଣ୍ଡସେନା ଦାବୀ କରିଛନ୍ତି ।

# ଜିଲ୍ଲାରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ପ୍ରମୁଖ ସଚିବ

ଜୟପୁର, ୨୬/୦୯ (ନି.ପ୍ର): ନୂଆଁ ବର୍ଷରୁ ନୂଆଁ କୋଠାରେ ଚିକିତ୍ସା ପାଇବେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀ । ଏଭଳି ଟାର୍ଗେଟ୍ ଆଜି ଦେଇଛନ୍ତି ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ଚିଥ୍ରା ଅରୁମୁଗମ୍ । ରାଜ୍ୟ ସରକାରଙ୍କ ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ନିଗମ ବିଭାଗର ପ୍ରମୁଖ ସଚିବ ରହିଥିବା ଅରୁମୁଗମ୍‌ଙ୍କ ଆଜି କୋରାପୁଟ ଜିଲ୍ଲା ଗସ୍ତରେ ଆସିଥିଲେ । ରାଜ୍ୟ ସରକାର ପ୍ରତି ଜିଲ୍ଲାର ଉନ୍ନୟନ କାର୍ଯ୍ୟ ତଦାରଖ ଏବଂ ସମୀକ୍ଷା କରିବାକୁ ଜଣେ ଜଣେ ସଚିବଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି । ଏହି କ୍ରମରେ କୋରାପୁଟ ଜିଲ୍ଲା ପାଇଁ ଶ୍ରୀମତୀ ଅରୁମୁଗମ୍‌ଙ୍କୁ ଦାୟିତ୍ୱ ମିଳିଛି । ଏହି ଆଧାରରେ ଆଜି ସେ ପ୍ରଥମେ କୋରାପୁଟ ଆସି ପ୍ରଥମେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ପରେ କୋରାପୁଟରେ ଚାଲିଥିବା ୬୫୦ ଶଯ୍ୟା ବିଶିଷ୍ଟ ଶୈକ୍ଷିକ ହସ୍‌ପିଟାଲ୍‌ରେ ପହଂଚିଥିଲେ । ସେଠାର ସ୍ଥିତି ଦେଖିବା ସହ ସମୀକ୍ଷା କରିଥିଲେ । ଏହି ସମୟରେ ତାଙ୍କ ସହ ଏହାର ନିର୍ମାଣ ଦାୟିତ୍ୱ ତୁଲାଉଥିବା ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ସହ ସହୀଦ୍ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ସୁପରିଟେଣ୍ଡେଂଟ୍ ରହି ବିବରଣୀ ପ୍ରଦାନ କରିଥିଲେ । ତା' ପରେ ଅରୁମୁଗମ୍ ଜୟପୁର ଆସି ଜିଲ୍ଲା ବିଜ୍ଞାନ କେନ୍ଦ୍ର ବୁଲି ଦେଖିଥିଲେ । ଏହାର ସ୍ଥିତି ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି ସଂପୂର୍ଣ୍ଣ ବିବରଣୀ ରଖିଥିଲେ । ବିଜ୍ଞାନ କେନ୍ଦ୍ରରେ ସେ ବୃକ୍ଷ ରୋପଣ କରିବା ସହ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସହ କିଛି ସମୟ ଆଲୋଚନା କରିଥିଲେ । ସେଠାରୁ ଅରୁମୁଗମ୍ ଆସି ପହଂଚିଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ । ଜୟପୁରସ୍ଥ ଏହି ଚିକିତ୍ସାଳୟର ନୂତନ କୋଠା, ୩୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍ ବୁଲି ଦେଖିଥିଲେ । ଏହାକୁ କିଭଳି କାର୍ଯ୍ୟକ୍ଷମ କରାଯାଇ ପାରିବ ସେ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ କର୍ମଚାରୀ ଏବଂ ଡାକ୍ତର ମାନଙ୍କ ପାଇଁ ନିର୍ମାଣ ହେଉଥିବା ସରକାରୀ ଘରର ସ୍ଥିତି ମଧ୍ୟ ବୁଝିଥିଲେ । ଏ ସଂପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାନି, ଜିଲ୍ଲା ଚିକିତ୍ସାଳୟର ସୁପରିଟେଣ୍ଡେଂଟ ରବିନ୍ଦ୍ର ନାଥ ମିଶ୍ର ପ୍ରମୁଖ ସଚିବଙ୍କୁ ରିପୋର୍ଟ ଦେଇଥିଲେ । ବିଦ୍ୟୁତ୍ ସଂଯୋଗ ହେବାକ୍ଷଣୀ କ୍ୱାଟର୍ ଗୁଡ଼ିକର ଡାକ୍ତର ଏବଂ ନର୍ସ ରହିବା ବ୍ୟବସ୍ଥା ହେବା ସହ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟ ସମସ୍ତ ହେବ ବୋଲି କହିଥିଲେ । ଏହା ସମ୍ଭବ ହେଲେ ଆସନ୍ତା ନୂଆଁ ବର୍ଷରୁ ଏହି ଚିକିତ୍ସାଳୟର ନବ ନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ କୋଠା ଲୋକଙ୍କ ସେବାରେ ଲାଗିବ ବୋଲି କୁହାଯାଇଥିଲା । ତା' ପରେ ଏଠାରୁ ସଚିବ କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗରପାଉଁସୀ ଯାଇଥିଲେ । ସେଠାରେ କାର୍ଯ୍ୟ ଚାଲିଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିବା ସହ ପିଏମ୍ କିଶାନ୍, ସିଏମ୍ କିଶାନ୍ ହିତାଧିକାରୀଙ୍କୁ ଭେଟିଥିଲେ । ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା ଭଳି ଯୋଜନାର ହିତାଧିକାରୀଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ । ତତ୍‌ସହ ସଚିବ ନିକଟସ୍ଥ ମାଙ୍କିଡ଼ିଗୁଡ଼ା ଗ୍ରାମର ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ କାର୍ଯ୍ୟକୁ ବୁଲି ଦେଖିଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସ୍ୱଚ୍ଛତା ହିଁ ସେବା ଉଦ୍ଦେଶ୍ୟରେ ପଥପ୍ରାନ୍ତ ନାଟକ

ମାଲକାନଗିରି, ୨୬/୦୯ (ନି.ପ୍ର): ସ୍ୱଚ୍ଛତା ହିଁ ସେବା ଆଦର୍ଶକୁ ମୂଳ ଲକ୍ଷ୍ୟ କରି କେନ୍ଦ୍ରୀୟ ବିଦ୍ୟାଳୟ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଜିଲ୍ଲା ନ୍ୟାୟାଳୟ ସମ୍ମୁଖ ଛକରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ । ଲୋକମାନେ ଦୈନନ୍ଦିନ ଜୀବନରେ ବ୍ୟକ୍ତି ଗତ ସ୍ୱଚ୍ଛତା ସହିତ ପାରିପାର୍ଶ୍ୱିକ ସ୍ୱଚ୍ଛତା ଅବଲମ୍ବନ କରି ମାଲକାନଗିରି ସହରକୁ କିପରି ସ୍ୱଚ୍ଛ ଏବଂ ସୁନ୍ଦର କରିପାରିବେ ଏହି ବାର୍ତ୍ତା ପଥପ୍ରାନ୍ତ ନାଟକ ମାଧ୍ୟମରେ ପ୍ରଦର୍ଶନ କରିଥିଲେ ।କେନ୍ଦ୍ରୀୟ ବିଦ୍ୟାଳୟ ର ଅଧକ୍ଷ ଡ଼ କୈଳାଶ ମୀନା ଙ୍କ ତତ୍ତ୍ୱାବଧାନରେ ଏହି ପଥପ୍ରାନ୍ତ ନାଟକ ପର୍ଯ୍ୟବେକ୍ଷିତ ହୋଇଥିଲା ।ଜିଲ୍ଲା ନ୍ୟାୟାଳୟ ର ରେଜିଷ୍ଟ୍ରାର ଶ୍ରୀ ରୁଦ୍ର ପ୍ରକାଶ ନାୟକ ମୁଖ୍ୟ ଅତିଥି ରୂପେ ଏବଂ ମାଲକାନଗିରି ମହାବିଦ୍ୟାଳୟ ର ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ରୁପେ ଯୋଗଦେଇ ଛାତ୍ରଛାତ୍ରୀ ଙ୍କ ଉତ୍ସାହ ବୃଦ୍ଧି କରିଥିଲେ ।ଏହି ପଥପ୍ରାନ୍ତ ନାଟକ କେନ୍ଦ୍ର ସରକାର ଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସ୍ୱଚ୍ଛତା ପଖୱାଡା କାର୍ଯ୍ୟକ୍ରମର ଅଂଶ ବିଶେଷ ଅଟେ । ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ କେନ୍ଦ୍ରୀୟ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯଥା ଅମିତ ଦାସ, ଭି ଅଶୋକ କୁମାର, ଆଶ୍ରିତା ପଣ୍ଡା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଟିଗଲ ପଂଚାୟତରେ ମାଣ୍ଡିଆ ବଂଟନ ରେ ବ୍ୟାପକ ହେରଫେର ଅଭିଯୋଗ: ମାଣ୍ଡିଆ ବଦଳରେ ଯୋଗାଣ ସହାୟକ ଦେଉଛନ୍ତି ୫୦୦ ଟଙ୍କା

ମାଲକାନଗିରି, ୨୬/୦୯ (ନି.ପ୍ର): ରାଜ୍ୟସରକାର ଗରିବ ହିତାଧିକାରୀ ଙ୍କୁ ଚୟନ କରି ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣା ତଥା ରିହାତି ଦରରେ ଚାଉଳ, ମାଣ୍ଡିଆ, ଗହମ ଓ କିରୋସିନ ବଂଟନ କରିଥାନ୍ତି । କିଛିବର୍ଷ ହେବ ରାଜ୍ୟ ସରକାର ମିଲେଟ ମିଶନମାଧରେ ମାଣ୍ଡିଆ ର ଗୁଣବତ୍ତା କୁ ନେଇ ଲୋକ ଙ୍କୁ ସଚେତନ କରିବା ସହ ଖାଦ୍ୟସାମଗ୍ରୀ ରେ ମାଣ୍ଡିଆ କୁ ସାମିଲ କରିବା ପାଇଁ ବିଭିନ୍ନ ଯୋଜନା ଓ ବ୍ୟାପକ ପ୍ରଚାର ପ୍ରସାର କରୁଥିବା ବେଳେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଟିଗଲ ପଂଚାୟତ ରେ । କିଛି ଦିନ ତଳେ ରାସନ କାର୍ଡ କେୱାସି କରିବା ପାଇଁ ଯୋଗାଣ ସହାୟକ ନିଜ ଘରକୁ ପଂଚାୟତ ର ହିତାଧିକାରୀ ମାନଙ୍କୁ ଡକାଇଥିଲେ ଏବଂ କେୱାଇସି ସମୟରେ କହିଥିଲେ ଯେ ସରକାରଙ୍କ ତରଫରୁ ତମର ଆକାଉଂଟକୁ ୫୦୦ ଟଙ୍କା ଆସିଛି କହିବା ସହ ଟିପ ଚ୍ହିନ୍ନ ନେଇ ୫୦୦ ଟଙ୍କା ପ୍ରଦାନ କରିଥିଲେ । ବିଗତ କିଛି ଦିନ ପରେ ଉକ୍ତ ହିତାଧିକାରୀମାନେ ପଂଚାୟତରେ ମାଣ୍ଡିଆ ବଂଟା ଯାଉଥିବା ଖବର ପାଇ ରାସନ କାର୍ଡ ଧରି ମାଣ୍ଡିଆ ଆଣିବାକୁ ପଂଚାୟତକୁ ଯାଇଥିଲେ ସେଠାରେ ଯୋଗାଣ ସହାୟକ ସେମାନଙ୍କୁ ମାଣ୍ଡିଆ ନ ଦେଇ ପୂର୍ବରୁ ତୁମେମାନେ ମାଣ୍ଡିଆ ବଦଳରେ ୫୦୦ ଟଙ୍କା ନେଇଛ କହି ସେମାନଙ୍କୁ ଫେରାଇ ଦେଇଥିଲେ । ଆଜି ଉକ୍ତ ମହିଳା ମାନେ ନିଜର ପ୍ରାପ୍ୟ ବାବଦରେ ଆସିଥିବା ୩ ୫ କିଲୋ ମାଣ୍ଡିଆ ଦେବାକୁ ଦାବି କରିବା ସହ ଉପସ୍ଥିତ ଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏବାବଦରେ ଅଭିଯୋଗ କରିଥିଲେ । ଗଣମାଧମରେ ଜରିଆରେ ପ୍ରଶାସନକୁ ଗୁହାରି କରିଥିଲେ ଯେ ଏ ବାବଦରେ ସେମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ । ଗଣମାଧମକର୍ମୀ ମାନେ ସେଠାରେ ଉପସ୍ଥିତ ଥିବା ପଂଚାୟତ ନିର୍ବାହୀ ଅଧିକାରୀ ବିଜିକା ଭକ୍ତ ଙ୍କୁ ଏବାବଦରେ ପଚାରିବାରୁ ମୋ ପାଖରେ ଏହି ବାବଦରେ କେହି ଲିଖିତ ଅଭିଯୋଗ ଦେଇ ନାହାନ୍ତି ଲିଖିତ ଭାବେ ମୋତେ ଦେଲେ ଏହି ବିଷୟରେ ମୁଁ ତଦନ୍ତ କରିବି ବୋଲି କହିଥିଲେ । ମହିଳା ମାନେ ଏବିଷୟରେ ଗଣମାଧମ ପ୍ରତିନିଧି ଙ୍କୁ ଜଣାଇବାରୁ ସେଠାରେ ଉପସ୍ଥିତ ଥିବା ପିଇଓ ଉକ୍ତ ମହିଳା ମାନଙ୍କୁ ତୁମେ ଅଭିଯୋଗ କଲେ ଆଉ ତୁମକୁ ମାଣ୍ଡିଆ ଦିଆଯିବ ନାହିଁ ବୋଲି କହିଥିବା ମହିଳା ମାନେ ଅଭିଯୋଗ କରିଛନ୍ତି !ଉକ୍ତ ପଂଚାୟତରେ ପ୍ରାୟ ୧୮୦୦ରୁ ଉର୍ଦ୍ଧ୍ୱ ରାସନ କାର୍ଡ ଧାରୀ ରହିଥିବା ବେଳେ କାର୍ଡ ପିଛା୩୫କେଜି ମାଣ୍ଡିଆ କୁ କାହାକୁ ଦିଆଯାଇଛି ଏ ବାବଦରେ ପ୍ରଶାସନିକ ସ୍ତରରେ ତଦନ୍ତ କଲେ ତାହା ସାର୍ବଜନୀନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ହେଉଛି ।ଏ ବିଷୟରେ କାଲିମେଳା ବ୍ଲକ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଏ ଘଟଣା ର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ !

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜଳ ଓ ଭେକ୍ଟର ବାହିତ ରୋଗ ସଚେତନତା ଶିବିର ଅନୁଷ୍ଠିତ

କନ୍ଧମାଳ, ୨୬/୦୯ (ନି.ପ୍ର): ଜଳ ଏବଂ ଭେକ୍ଟର ବାହିତ ରୋଗର ନିରାକରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଦୌରା ଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସତ୍ୟପୀର ମିଶ୍ରଙ୍କ ଜିଲ୍ଲା ନିର୍ଦ୍ଦେଶ କ୍ରମେ ଆଜି କନ୍ଧମାଳ ଜିଲ୍ଲା କଟ୍ରିଙ୍ଗିଆ ପଂଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସଭାଗୃହ ପ୍ରକୋଷ୍ଠରେ ଜଳ ଏବଂ ଭେକ୍ଟର ବାହିତ ରୋଗର ନିରାକରଣ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ଦ୍ୱାରା ଏକ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଶ୍ରୀମତୀ ଅନୁଶୀଳା ରୟ ଶ୍ରୀ ସୁପ୍ରସେନ ମଲ୍ଲିକ, ଉପଖଣ୍ଡୀୟ ଆରକ୍ଷୀ ଅଧିକାରୀ, ଫୁଲବାଣୀ, ଡ଼ା. ବିଜୟ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. କଳ୍ପନା ଦଳାଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ, ଗୁମାଗଡ଼, ଜଳ ଏବଂ ଭେକ୍ଟର ବାହିତ ରୋଗର ପରାମର୍ଶଦାତା, ସରପଂଚ, କଟ୍ରିଙ୍ଗିଆ ଗ୍ରାମ ପଂଚାୟତ ଉପସ୍ଥିତ ଥିଲେ । ମ୍ୟାଲେରିଆ, ଡେଙ୍ଗୁ, ଚିକେନଗୁନିଆ, ଫାଇଲେରିଆ, ଡାଇରିଆ, ଟାଇଫଏଡ, ହେପାଟାଇଟିସ ଇତ୍ୟାଦି ରୋଗରୁ ନିଜକୁ ସୁରକ୍ଷିତ ରଖିବା ସହିତ କିପରି ନିଜ ଅଂଚଳକୁ ରୋଗ ଦାଉରୁ ରକ୍ଷା କରାଯାଇପାରିବ ଉକ୍ତ ସଭାରେ ଉପସ୍ଥିତ ଥିବା ପାରା ଲିଗାଲ ସ୍ୱେଚ୍ଛାସେବୀ, ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସଚେତନ କରାଯାଇଥିଲା । ପାରା ଲିଗାଲ ସ୍ୱେଚ୍ଛାସେବୀ ଅଶୋକ କୁମାର ପ୍ରଧାନ ସଚେତନତା ଶିବିରକୁ ପରିଚାଳନା କରିଥିଲେ ।

# ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

ସୁବର୍ଣ୍ଣପୁର, ୨୬/୦୯ (ନି.ପ୍ର): ୨୦୧୧ ଜନଗଣନା ଅନୁଯାୟୀ ଆଦିବାସୀ ବହୁଳ ଗ୍ରାମ ଗୁଡିକରେ ସମ୍ପୂର୍ଣ୍ଣ ବିକାଶର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ସେପଟ୍ଟେମ୍ବର ୧୮ରେ ଅନୁମୋଦିତ ହୋଇଅଛି । ଏହି ଅଭିଯାନକୁ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରାଳୟ ଦ୍ୱାରା ଭିସି ଜରିଆରେ ଦେଶର ବିଭିନ୍ନ ରାଜ୍ୟର ଜିଲ୍ଲାପାଳ ସହ ସମ୍ପୃକ୍ତ ଅଧିକାରୀଙ୍କୁ ଅଭିଯାନର ଲକ୍ଷ୍ୟ ଓ ଉଦେଶ୍ୟକୁ ଫଳପ୍ରସୂ କରିବାକୁ ପରାମର୍ଶ ଦିଆଯାଇଛି । ଅନୁଷ୍ଠିତ ଆଭାସୀ ବୈଠକରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ସମେତ ଜିଲ୍ଲାର ବିଭାଗୀୟ ସମ୍ପୃକ୍ତ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ । ଅଭିଯାନର ଲକ୍ଷ୍ୟ ଏହା ଯେ, ଜିଲ୍ଲାର ଆଦିବାସୀ ଜନ ବହୁଳ ଗ୍ରାମ ଗୁଡିକୁ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମର ସକ୍ଷମ ଭିତ୍ତିଭୂମି ବିକାଶ, ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହନ ଦେବା ସହ ସାର୍ବଜନୀନ ଉତ୍ତମ ଶିକ୍ଷା ପାଇଁ ସୁବ୍ୟବସ୍ଥା ତଥା ସୁସ୍ଥ ଜୀବନ ଏବଂ ସମ୍ମାନଜନକ ବାର୍ଦ୍ଧ୍ୟକକୁ ନିଶ୍ଚିତ କରିବା । ଏହି କ୍ରମରେ ଆମ ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ବାଙ୍କୀଗୀର୍ଡି ଗ୍ରାମ ପଂଚାୟତର ଆଖିଦାଦର, ଉଲୁଣ୍ଡା ବ୍ଲକ ଯଉଁରାଭଉଁରା ଗ୍ରାମପଂଚାୟତ ଅନ୍ତର୍ଗତ ବ୍ରାହ୍ମଣିପାଲି ଗ୍ରାମ, ଓ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ଗ୍ରାମପଂଚାୟତର କୁଞ୍ଜାପାଲି ଗ୍ରାମ ଅନ୍ତର୍ଭୁକ୍ତ ହୋଇଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ସୂଚନା ପ୍ରଦାନ କରିଛନ୍ତି । ଏହି ମିଶନର ଲକ୍ଷ୍ୟକୁ ଜିଲ୍ଲାରେ ଶତପ୍ରତିଶତ ହାସଲ କରିବା ନିମନ୍ତେ ଯତ୍ନବାନ ହେବାକୁ ତଥା ସମନ୍ୱୟ ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅଭିଯାନର ଲକ୍ଷ୍ୟ କୁ ହାସଲ କରିବା ନିମନ୍ତେ ଭାରତ ସରକାରଙ୍କ ୧୭ ଟି ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ୨୫ ଟି ପ୍ରମୁଖ ହସ୍ତକ୍ଷେପ ରହିଥିବା ସୂଚିତ କରାଯାଇଛି ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ, ୨୬/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଭାରତୀୟ ଜନତା ପାର୍ଟି ତରଫରୁ ବିଶିଷ୍ଟ ଚିନ୍ତା ନାୟକ, ପ୍ରଖରରାଷ୍ଟ୍ର ଭକ୍ତ ଏକାତ୍ମ ମାନବ ବାଦ ଓ ଅନ୍ତୋଦ୍ୱୟ ଦର୍ଶନର ପ୍ରଣେତା, ଭାରତୀୟ ଜନ ସଂଘର ପ୍ରତିଷ୍ଠାତା, ଦିନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ ହୋଇଯାଇଛି । ମହିରାଣୀ ମନ୍ଦିରେ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଅଧକ୍ଷତା କରିଥିବା ବେଳେ ପଂଚାୟତ ସଭାପତି ପୁରୁଷୋତମ ଦାଶ, ହରେକୃଷ୍ଣ ରାୟ, ଯୁବନେତା ବଳରାମ ବେହେରା, ଜ୍ଞାନ ରଞ୍ଜନ ପ୍ରଧାନ, ସୌମ୍ୟ ରଞ୍ଜନ ଦାସ, ରବି ନାୟାରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଦିନ ଦୟାଲ ଉପାଧ୍ୟାୟଙ୍କ ତ୍ୟାଗପୁତ ଜୀବନୀ ଦେଶ ପ୍ରତି ବଳିଷ୍ଠ ଅବଦାନ ତଥା ଭାରତୀୟ ଜନସଂଘ ଓ ପରବର୍ତ୍ତୀ ଭାରତୀୟ ଜନତା ପାର୍ଟିର ସଂଗଠନର ଅଭିବୃଦ୍ଧି ସଂପର୍କରେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁକାନ୍ତ ପଣ୍ଡା, ଅନ୍ତର୍ଯ୍ୟାମୀ ପଣ୍ଡା, ଜଗନ୍ନାଥ ପଣ୍ଡା, ବାବାଜୀ ସାହୁ, ବାବାଜୀ ବେହେରା, ସଂଜୟ ପାତ୍ର, ଭଗବାନ ମଲିକ, ଭଞ୍ଜକିଶୋର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ପର୍ଯ୍ୟଟନ ବିଭାଗ ପକ୍ଷରୁ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ

ପୁରୀ, ୨୬/୦୯ (ନି.ପ୍ର): ପୁରୀ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ କୁଇଜ ପ୍ରତିଯୋଗିତା ଆଜି ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।ଏଥିରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ସାରଦା ବିହାର ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ର ତନ୍ମୟ ପରିଡା ପ୍ରଥମ,ଗଡ ବଡପୁଟ ନୋଡାଲ ଉଚ୍ଚ ବିଦ୍ୟାଳୟ ର ଛାତ୍ର ପ୍ରଳୟ କୃଷ୍ଣ ସ୍ୱାଇଁ ଦ୍ୱିତୀୟ ଓ ଭୋଲାନାଥ ବିଦ୍ୟାପୀଠର ଛାତ୍ର ଉପେନ୍ଦ୍ର କୁମାର ପରିଡା ତୃତୀୟ, ମହାବିଦ୍ୟାଳୟ ସ୍ତରରେ ଆଇଏମଟି ଫାର୍ମାସି କଲେଜ ଛାତ୍ର ଦୁର୍ଗା ମାଧବ ମହାନ୍ତି ପ୍ରଥମ,ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଶୁଭମ ବିଭୁ ପ୍ରସାଦ ପରିଡା ଦ୍ୱିତୀୟ ଓ ସରକାରୀ ଆଇଟିଆଇ ଛାତ୍ର ପ୍ରମୋଦ କୁମାର ବରାଳ ତୃତୀୟ ସ୍ଥାନ ହାସଲ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।ମୁଖ୍ୟ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗ ଦେଇ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ ।ପ୍ରାରମ୍ଭରେ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ନମିତା ମହାନ୍ତି କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗର ବରିଷ୍ଠ ପରିସଂଖ୍ୟାନ ସହାୟକ ମଳୟ ପ୍ରଧାନ, ବରିଷ୍ଠ ସହାୟକ ସନ୍ତୋଷ କୁମାର ମହାନ୍ତି, କନିଷ୍ଠ ସହାୟକ ଅମୃତ ଦାସ,ହରି ବନ୍ଧୁ ମଲ୍ଲିକ, ଅଭିରାମ ତ୍ରିପାଠୀ, କୈଳାସ ଚନ୍ଦ୍ର ଦାସ,ଅନନ୍ତ ଚରଣ ଜାଲି,ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟ ରେ ସହଯୋଗ କରିଥିଲେ ।

## ବାହାବଳପୁରରେ ସାଗର କବଚ ଅଭ୍ୟାସ ବର୍ଗ ଉଦ୍‌ଯାପିତ



ବସ୍ତା, ୨୬/୯ (ନି.ପ୍ର): ବାହାବଳ ପୁର ସାମୁଦ୍ରିକ ଥାନା ଅଞ୍ଚଳରେ ସାଗର କବଚ ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଯାଇଛି। ବେଳାଭୂମିଠାରୁ ସମୁଦ୍ରକୁ କିଛି ଦୂର ଯାଇ ଶତ୍ରୁ ପକ୍ଷ ର ସମ୍ଭାବ୍ୟ ଆକ୍ରମଣ ,ଜଳ ଦସ୍ୟୁଙ୍କ ଦୌରାତ୍ମ, ପଡୋଶୀ ବଙ୍ଗଳା ଦେଶୀଙ୍କ ଅନୁପ୍ରବେଶ ପ୍ରଭୃତିକୁ ରୋକିବା ପାଇଁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଥିଲା।ଏଥିରେ ରାଜ୍ୟ ପୁଲିସ ବାହିନୀ, ତଟ ରକ୍ଷି ବାହିନୀ, ମତ୍ସ୍ୟ ବିଭାଗ ସମେତ ବିଭିନ୍ନ ବିଭାଗ ଭାଗ ନେଇଥିଲେ। ବସ୍ତା ଏସ ଡି ପି ଓ ଅରୁଣ କୁମାର ସାହୁ,ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାଣି,ମତ୍ସ୍ୟ ବିଭାଗ ଅଧିକାରୀ ନଳିନୀ କାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବାହାବଳ ପୁର , କଷାଫଳ, ବଗଦା, ଦୁବୁଲାଗଡି, ସାର୍ଥା ପ୍ରଭୃତି ସମୁଦ୍ର କୂଳ ବର୍ତ୍ତି ଇଲାକା ରେ ଏହି ଅଭ୍ୟାସ ବର୍ଗ ଅନୁଷ୍ଠିତ ହୋଇଥିଲା।

## ଭଦ୍ରକର ଆଲୁଅ ଲିଭିଗଲା



ଭଦ୍ରକ, ୨୬/୯ (ନି.ପ୍ର): ଏକାତ୍ମ ମାନବବାଦର ଆଦର୍ଶ, ପ୍ରବାଦପୁରୁଷ ବିଜୁପଟ୍ଟନାୟକଙ୍କ ରାଜନୈତିକ ବିଚାରଧାରାରେ ଅନୁପ୍ରାଣିତ, ପଥପ୍ରଦର୍ଶକ, ମାର୍ଗଦର୍ଶକ ତଥା ଦୃଢ଼ସମର୍ଥକ, ସ୍ୱାଭିମାନି, ସାଲିସ୍ ବିହିନ ଭଦ୍ରକ ମାଟିର ସଂଗ୍ରାମୀ, ଲଢୁଆ, ସମାଜସେବୀ ଓ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ଲକ୍ଷ୍ମୀ ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନର ରାଜ୍ୟସଭାପତି, ସ୍ତମ୍ଭକାର ପ୍ରଦୀପ ସେନାପତି, କଳିଙ୍ଗ ବିକାଶ ପରିଷଦର ସଂପାଦକ ବ୍ରଜଗୋପାଳ ଦାସ, ଓଡିଶା ବିକାଶ ମଂଚର ରାଜ୍ୟସଭାପତି ଆଇନ୍‌ଜୀବୀ ଦେବେନ୍ଦ୍ର କୁମାର ପଣ୍ଡା, ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି ବିଷ୍ଣୁମୋହନ ମହାପାତ୍ର, ସୂଚନା ଅଧିକାର ଆଇନ୍ ଜିଲ୍ଲା ସଭାପତି ପ୍ରକାଶ ଜେନା, ବିପ୍ଳବ ହୋତା, ସାମ୍ବାଦିକ ସୁଶାନ୍ତ କୁମାର ଘଡେଇ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ଲକ୍ଷ୍ମୀ ମହାପାତ୍ରଙ୍କ ବିଚାରଧାରା ଭଦ୍ରକର ଉନ୍ନତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ। ଏହି ପରିପେକ୍ଷିରେ ଭଦ୍ରକପ୍ରତି ସମର୍ପିତ ଭାବନା ସ୍ୱାଭିମାନି ଭଦ୍ରକର ସାମୂହିକ ଉନ୍ନତି ପାଇଁ ବିଭିନ୍ନ ସାମାଜିକ ସଂଗଠନ ଗଠନ କରି ଏକ ସ୍ୱାଭିମାନି ଲଢୁଆ ତଥା ସଂଗ୍ରାମୀ ଓ ସମସ୍ତଙ୍କର ଆଦରଣୀୟ ପ୍ରିୟ ଲକ୍ଷ୍ମୀ ଭାଇ ଭାବରେ ସ୍ୱତନ୍ତ୍ର ନେତୃତ୍ୱର ପରିଚୟ ସୃଷ୍ଟି କରିପାରିଥିଲେ। ଏହି ପରିପେକ୍ଷିରେ ଲକ୍ଷ୍ମୀ ଭାଇଙ୍କ ବିୟୋଗରେ ତାଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

## ଶହୀଦସ୍ମୃତି କମିଟି ସଭାପତି ହେଲେ ପଦ୍ମନାଭ ଦାଶ



ବାସୁଦେବପୁର, ୨୬/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଶହୀଦ ସ୍ମୃତି କମିଟି ରକ୍ତତୀର୍ଥ ଇରମର ନୂତନ ଭାବେ ସଭାପତି ଭାବେ ମନୋନୀତ ହୋଇଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ପଦ୍ମନାଭ ଦାଶ । ଶ୍ରୀ ଦାଶ ଜୟକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଅତୀତରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ବିଦ୍ୟାଳୟ ରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ଶ୍ରୀ ଦାଶ ସର୍ବଦା ସାହିତ୍ୟ, ଶିକ୍ଷା, କଳା ସଂସ୍କୃତି, ସମାଜ ସେବା ରେ ମନୋନିବେଶ କରନ୍ତି । ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ସେ ଉପଯୁକ୍ତ ମଣିଷ ଭାବେ ତିଆରି କରିଛନ୍ତି । ଶହୀଦ ସ୍ମୃତି କମିଟି ରକ୍ତତୀର୍ଥ ଇରମ ର ସଭାପତି ଭାବେ ଶ୍ରୀଯୁକ୍ତ ଦାଶ ମନୋନୀତ ହେଲା ପରେ ସମସ୍ତ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତାଙ୍କୁ ଶୁଭ ଅଭିନନ୍ଦନ ଜଣାଇଛନ୍ତି । ଆସନ୍ତା ୨୮ ତାରିଖ ରକ୍ତତୀର୍ଥ ଇରମ ରେ ଶହୀଦ ଦିବସ ପାଳନ କରାଯିବ । ଏହି ଅବସରରେ ଶ୍ରୀ ଦାଶ କାର୍ଯ୍ୟକ୍ରମକୁ କିପରି ସରସ ସୁନ୍ଦର କରାଯିବ ସେ ବିଷୟରେ ଚିନ୍ତା କରୁଛନ୍ତି ।

## ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘର ଆଞ୍ଚଳିକ ସମ୍ମିଳନୀ



ବାଲେଶ୍ୱର, ୨୬/୯ (ନି.ପ୍ର): ଭାରତୀୟ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଂଘର ଆଞ୍ଚଳିକ ସମ୍ମିଳନୀ ବାଲେଶ୍ୱର ସ୍ଥିତ ପଦ୍ମାବତୀ ଏମ୍ୟୁଜମେଣ୍ଟ ପାର୍କରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଡ. ତପନ କୁମାର ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ମୁଖ୍ୟ ଅତଇଥି ଏବଂ ମୁଖ୍ୟ ସମ୍ପାଦକ କର୍ମଚାରୀ ସଂଘର (୮ ସର୍କଲ) ଡ ଅଭୟ ଦେଓଶର୍ମା ବକ୍ତା ଭାବେ ଯୋଗ ଦେଇ କର୍ମଚାରୀଙ୍କୁ ନିଜର ଦାୟିତ୍ୱ ଏବଂ ଅଧିକାର ବିଷୟରେ ସଚେତନ କରାଇଥିଲେ । ବିଶେଷକରି ଜାତୀୟ ସ୍ତରରେ ବ୍ୟାଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ଗ୍ରାମାଞ୍ଚଳରେ ଗ୍ରାହକ ମାନଙ୍କର ଆର୍ଥିକ ଉନ୍ନତି ବିଷୟରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଆମ ବାଲେଶ୍ୱର ମାଟିର ପୁଅ କ୍ରମେ଼ଡ ଡ. ଚିତ୍ତରଞ୍ଜନ ପଣ୍ଡା ନୂତନ ଭାବରେ ସର୍ବଭାରତୀୟ କର୍ମଚାରୀ ସଂଘର ବରିଷ୍ଠ ଉପ ସଭାପତି ଭାବରେ ମନୋନୀତ ହୋଇଥିବାରୁ ତାଙ୍କୁ ଉପସ୍ଥିତ କର୍ମଚାରୀମାନେ ଏକ ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ସଭାକୁ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ । ଡ. ଚିତ୍ତରଞ୍ଜନ ପଣ୍ଡା ତାଙ୍କ ବକ୍ତବ୍ୟରେ କର୍ମଚାରୀ ମାନଙ୍କ ସମସ୍ୟାର ସମାଧାନ ବିଷୟରେ ଅବଗତ କରାଇବା ସହିତ ଆମ୍ଭ ମାନଙ୍କ ଦାୟିତ୍ୱ ଏବଂ ଅଧିକାର ବିଷୟରେ ସଚେତନ କରାଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଉପସଭାପତି ନିର୍ମଳ କୁମାର ପଣ୍ଡା, ଅନ୍ୟତମ ଉପସଭାପତି ପରମାନନ୍ଦ ଦେ, ଉପସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ତୁଷାରକାନ୍ତ ଦାଶ, କୋଷାଧକ୍ଷ ଗୁରୁପଦ ଦାସ ବାଲେଶ୍ୱର ମଣ୍ଡୁଳ ଉପସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ଭୁବନେଶ୍ୱର ମଣ୍ଡୁଳ ଉପସାଧାରଣ ସମ୍ପାଦକ ଭୋଳାନାଥ ମେହେର, ବରହମପୁର ମଣ୍ଡୁଳ ଉପସାଧାରଣ ସମ୍ପାଦକ ଅରୁଣ କୁମାର ପଣ୍ଡା, କର୍ମଚାରୀ ସମବାୟ ସମିତିର ସାଧାରଣ ସମ୍ପାଦକ ଗଙ୍ଗା ପ୍ରସାଦ ପଟ୍ଟନାୟକ ଏବଂ ସଭାପତି ବାଜରମ ଯୋଗ ଦେଇ ନିଜର ବକ୍ତବ୍ୟ ଦେଇଥିଲେ ।

କାର୍ଯ୍ୟକ୍ରମକୁ ବାଲେଶ୍ୱର ଆଞ୍ଚଳିକ ସମ୍ପାଦକ ମାନସ କୁମାର ମହାପାତ୍ର ଓ ଭାନସ୍ୟା କୁମାର ଅଚାର୍ଯ୍ୟା ମହାଲା ଉପସ୍ଥାପନା କରିଥିଲେ। ବାଲେଶ୍ୱର ଭାରତୀୟ ଷ୍ଟେଟବ୍ୟାଙ୍କ ଅଧିକାରୀ ସଂଘର ଜୋନାଲ ସମ୍ପାଦକ, ଆଞ୍ଚଳିକ ସମ୍ପାଦକ, ସଭାପତି, ଅବସରପ୍ରାପ୍ତ, ବ୍ୟାଙ୍କ କର୍ମଚାରୀ ସଂଘର ସମ୍ପାଦକ ସଭାପତିଙ୍କ ସହିତ ବାଲେଶ୍ୱର, ଭଦ୍ରକ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ କର୍ମଚାରୀଗଣ ଉପସ୍ଥିତ ଥିଲେ । ସର୍ବଶେଷରେ ବାଲେଶ୍ୱର ଆଞ୍ଚଳିକ ସମ୍ପାଦକ ମାନସ କୁମାର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ବଡ଼ସାହି, ୨୬/୯ (ନି.ପ୍ର): ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଗତ ୨୦ ତାରିଖରେ କଟକଠାରେ ଅନୁଷ୍ଠିତ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭାରେ ଗୃହୀତ ପ୍ରସ୍ତାବ ଅନୁସାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ, ବଡ଼ସାହି, ମୟୂରଭଞ୍ଜ ତରଫରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନୂତନ ପେନସନ୍ ଯୋଜନା ୟୁପିଏସ୍ ର ପ୍ରତ୍ୟାହାର ଓ ପୁରୁଣା ପେନସନ୍ ଯୋଜନା ଢଟଝର ପୁନଃ ପ୍ରଚଳନ ଦାବିରେ ମାନ୍ୟବର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୃଥକ ପୃଥକ ଭାବେ ବଡ଼ସାହି ବିଡ଼ିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଅଛି । ସଂଘର ସଭାପତି ରଣଜିତ୍ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି ଅଭିଯାନରେ ସଂଘର ମୁଖପାତ୍ର ତଥା ସଂଯୋଜକ ଶଚୀନ୍ଦ୍ର କୁମାର ବିଶ୍ୱାଳ, ସହ ସମ୍ପାଦକ ଅନନ୍ତ କୁମାର ଶତପଥୀ, ଉପ ସଭାପତି ବସନ୍ତ କୁମାର ମହାପାତ୍ର, ସଂଘର ଉପଦେଷ୍ଟା ତଥା ରାଜ୍ୟ ଜୋନାଲ ସଂଗଠନ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ହିସାବ ରକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ଅନ୍ୟତମ ସଦସ୍ୟ ପ୍ରତାପ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ବେହେରା, ପ୍ରଭାସ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇ ସ୍ମାରକ ପତ୍ର ପ୍ରଦାନ କରିଅଛନ୍ତି। ସ୍ମାରକ ପତ୍ରଗୁଡ଼ିକ ଉଦ୍ଦିଷ୍ଟ ସ୍ଥାନକୁ ପ୍ରେରଣ କରିବା ପାଇଁ କାର୍ଯ୍ୟାଳୟ ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଡ଼ିଓ ବନଜା ଦାସ ସଂଘର କର୍ମକର୍ତ୍ତାଗଣଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଅଛନ୍ତି।

## ଜିଲ୍ଲାରେ ଥମୁନି ହାତୀ ଆତଙ୍କ : ପୁଣି ହାତୀ ଆକ୍ରମଣରେ ଜଣେ ମୃତ, ଚିନ୍ତାରେ ବନ ବିଭାଗ

ବାରିପଦା , ୨୬/୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ହାତି ଉପଦ୍ରବ ଏକ ନିତି ଦିନିଆ ଘଟଣା ପାଲଟି ଗଲାଣି। ହାତି ମଣିଷ ଭିତରେ ଚାଲିଥିବା ଏହି ସଂଘର୍ଷ ରେ ବହୁ ଧନ ଜୀବନ ନଷ୍ଟ ହେବା ସହ ଅନେକ ସମୟରେ ହାତୀମାନେ ମଧ ମୃତ୍ୟୁ ମୁଖରେ ପଡୁଥିବାର ଦେଖାଯାଉଛି। ଏଣେ ହାତି ଉପଦ୍ରବ ବନ ବିଭାଗର ନିଦ ହଜେଇ ଦେଲାଣି। ବିଗତ ଦୁଇ ତିନି ଦିନ ତଳେ ହାତୀ ଆକ୍ରମଣରେ ତିନି ଜଣଙ୍କ ପ୍ରାଣ ଯାଇଥିବା ବେଳେ, ୪ଜଣ ଗୁରୁତର ଆହତ ହୋଇଥିଲେ। ତେବେ ଆଜି ପୁଣି ହାତୀଆକ୍ରମଣ ରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ, ଜଣେ ଆହତ ହୋଇଥିବାର ଖବର ମିଳିଛି। ସୂଚନା ମୁତାବକ ମୟୁରଭଞ୍ଜ ଜିଲ୍ଲା ବାରିପଦା ରେଞ୍ଜ ଅଧୀନ ରାଧିକାଶୋଳ ଗ୍ରାମରେ ଦନ୍ତା ହାତି ରାତିରେ ଘର ପଶି ଶୋଇଥିବା ଜଣେ ମହିଳାଙ୍କୁ ଘୋଷାଡ଼ି ଆଣି ଘର ବାହାରେ କଚାଡି ମାରିଛି। ମୃତା ମହିଳା ଜଣକ ସୀତାରାମ ହାଁସଦାଙ୍କ ସ୍ତ୍ରୀ ମାନକା (୩୫) ବୋଲି ଜଣାଯାଇଛି । ତେବେ ଗାଁକୁ ବଣୁଆହାତୀ ଅନୁପ୍ରବେଶ କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ବନବିଭାଗ ପକ୍ଷରୁ ଘରୁ ନବାହାରିବାକୁ ଡକାବାଜି ଯନ୍ତ୍ରଦ୍ୱାରା ପ୍ରଚାରକରି ଗ୍ରାମବାସୀଙ୍କୁ ସତର୍କ କରାଯାଇଥିଲା। ଗ୍ରାମବାସୀ ନିଜନିଜ ଘରେ ଶୋଇଥିବା ବେଳେ ବେତନଟୀ ରେଞ୍ଜ ଇଲାକାରେ ବିଚରଣ କରୁଥିବା ଏକ ଦନ୍ତା ହାତି ୧୮ନଂ ଜାତୀୟ ରାଜପଥ ଅତିକ୍ରମ କରି ଭୋର ତିନିଟା ପାଖାପାଖି ସମୟରେ ରାଧିକାଶୋଳ ଗ୍ରାମରେ ପ୍ରବେଶ କରିଥିଲା। ଗ୍ରାମର ତିନି ଚାରିଟି ଘର ଭାଙ୍ଗିବା ସହିତ ଘର ଭିତରେ ଶୋଇଥିବା ମାନକାଙ୍କୁ ଘୋଷାଡ଼ି ଆଣି ଘର ଅଗଣାରେ କଚାଡି ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାଖରେ ଶୋଇଥିବା ସ୍ୱାମୀ ସୀତାନାଥ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବା ବେଳେ ବନବିଭାଗର ଅପାରଗତାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଥିଲା। ସେହିପରି ସୁରେଇଡିହି ଗ୍ରାମର ଆଉଜଣେ ମଧ ଦନ୍ତା ଆକ୍ରମଣରେ ଆହତ ହୋଇଥିବାର ଖବର ମିଳିଛି। ଆଜି ସକାଳେ ଖବର ପାଇ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ବାରମ୍ବାର ବନବିଭାଗର ଅବହେଳା ଏବଂ ଅପାରଗତା ପାଇଁ ହାତୀ ଜନବସତି ଭିତରେ ପଶି ଧନଜୀବନ ହାନି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗିରହିଛି। ନରହନ୍ତା ଦନ୍ତା ଆକ୍ରମଣରେ ବିଗତ ତିନିଦିନରେ ୪ଜଣଙ୍କ ମୃତ୍ୟୁ ଘଟଣା ବନବିଭାଗ ପାଇଁ ମଧ ଅଡୁଆସ୍ଥିତି ସୃଷ୍ଟି କରିଛି।

## ବାର୍ଷିକ ଉତ୍ସବ ପାଇଁ ସାମ୍ବାଦିକ ସଂଘର ପ୍ରସ୍ତୁତି ପର୍ବ

ଉଦଳା , ୨୬/୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଚଳିତ ବର୍ଷ ଉଦଳା ଠାରେ ପାଳିତ ହେବ । ଏଥିପାଇଁ ଜିଲ୍ଲା ସଂଘ ତରଫରୁ ବାରମ୍ବାର ବୈଠକ ବସିବା ସହିତ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ସେହିପରି ଚଳିତ ସେପ୍ଟେମ୍ବର ୨୫ ତାରିଖ ବୁଧବାର ଦିନ ଉଦଳା ଠାରେ ଜିଲ୍ଲା ସଂଘର ସଭାପତି ଅରୁଣ କୁମାର ଓତାଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଓ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ବିଭୁତି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ତେବେ ଚଳିତ ବର୍ଷ ବାର୍ଷିକ ଉତ୍ସବକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରାଯିବା ନେଇ ସର୍ବସମ୍ମତି ପ୍ରସ୍ତାବ ଗୃହିତ ହେବା ସହିତ ଏଥିପାଇଁ ବିଧାୟକ ଶ୍ରୀଯୁକ୍ତ ମଢ଼େଇ ଓ ନଗରପାଳ ଶ୍ରୀମତୀ ପଣ୍ଡାଙ୍କୁ ସଂଘ ତରଫରୁ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଜିଲ୍ଲା ସଂଘ ତରଫରୁ ଏକ ସ୍ମରଣିକା ପ୍ରକାଶ ପାଇବ । ଏଥିପାଇଁ ଏକ କମିଟି ଗଠନ କରାଯାଇ ଏହାର ସମସ୍ତ ଦାୟିତ୍ୱ ଅର୍ପଣ କରାଯାଇଥିବାର ଜଣାଯାଇଛି । ଆଜିର ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ସୌରଭ ପଟ୍ଟନାୟକ ଓ ରଂଜିତ କୁମାର ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଆଗମନ ପାଇଁ ଉଦଳାରେ ଏକ ସୁନ୍ଦର ବାତାବରଣ ରହିଛି ବୋଲି ମତ ଦେଇଥିଲେ । ସଭାପତି ଶ୍ରୀଯୁକ୍ତ ଓତା, ପ୍ରମିଳା ମାଢ଼ାମ ପ୍ରଥମେ ଜଣେ ସାମ୍ବାଦିକା ପରେ ନଗରପାଳ ବୋଲି କହିବା ସହିତ ଜିଲ୍ଲା ସାମ୍ବାଦିକ ସଂଘକୁ ଶକ୍ତିଶାଳି କରିବାରେ ତାଙ୍କର ଭୂମିକା କିଛି କମ ନୁହେଁ ବୋଲି ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ମଢ଼େଇ ତାଙ୍କର ବକ୍ତବ୍ୟରେ କହିଲେ ସାମ୍ବାଦିକ ମାନଙ୍କର ସମସ୍ୟା ସମ୍ପର୍କରେ ସରକାର ଅବଗତ ଅଛନ୍ତି, ଖୁବ୍ ଶିଘ୍ର ଏ ବାବଦରେ ରାଜ୍ୟ ସରକାର ଦାବି ପୂରଣ ପାଇଁ ନିଷ୍ପତି ନେବେ ବୋଲି ବ୍ୟକ୍ତ କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ସାମ୍ବାଦିକ ଆଜିର ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେବା ସହିତ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ସନ୍ତୋଷ ବାଛିନି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁଶାନ୍ତ ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକକୁ ସଫଳ କରିବାରେ ଜଗବନ୍ଧୁ ପ୍ରଧାନ , ସୁଶାନ୍ତ ମହାନ୍ତିଙ୍କ ସମେତ କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ବିଲକିସ ବାନୋ...

ସାତ ଜଣ ସଦସ୍ୟଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ସମୟରେ ଦୁଷ୍କର୍ମ ପୀଡିତା ବିଲକିସ ବାନୋ ୫ ମାସର ଗର୍ଭବତୀ ଥିଲେ ଏବଂ ତାଙ୍କୁ ସେତେବେଳେ ୨୧ ବର୍ଷ ହୋଇଥିଲା। ଏହି ମାମଲାରେ ଗୁଜରାଟ ଓ ମହାରାଷ୍ଟ୍ରର ତଳ କୋର୍ଟ ଏବଂ ହାଇକୋର୍ଟ ୧୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗୁଜରାଟ ସରକାର ସ୍ୱତନ୍ତ୍ର କ୍ଷମା ନୀତି ବଳରେ ପ୍ରାୟ ଦେଢ଼ ବର୍ଷ ତଳେ ସମସ୍ତ ଦୋଷୀଙ୍କୁ ଜେଲରୁ ମୁକୁଳାଇ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରାଯାଇ ସୁପ୍ରିମକୋର୍ଟରେ ଏକ ଆବେଦନ ହୋଇଥିଲା। ଜାନୁଆରୀ ୧୯ରେ ସୁପ୍ରିମକୋର୍ଟ ଏ ଉପରେ ଶୁଣାଣି କରି ଦୋଷୀଙ୍କ ଦଣ୍ଡ କୋହଳ କରାଯାଇ ପାରିବ ନାହିଁ ଏବଂ ସମୟ ପୂର୍ବରୁ ସେମାନେ ମୁକୁଳି ପାରିବେ ନାହିଁ ବୋଲି କହିଥିଲେ। ଜେଲରୁ ମୁକୁଳି ଯାଇଥିବା ସମସ୍ତ ୧୧ ଦୋଷୀ ଜାନୁଆରୀ ୨୧ ସୁଦ୍ଧା ପୁଲିସ ନିକଟରେ ଆତ୍ମସମର୍ପଣ କରନ୍ତୁ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦୋଷୀମାନେ ଆଉ କିଛି ଦିନ ସମୟ ମାଗି ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ, ଯାହା ଖାରଜ ହୋଇଯାଇଥିଲା।

### ଆଜି ଜିଲ୍ଲାପାଳ ସମ୍ମିଳନୀ...

ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେବା ପରେ ମୁଖ୍ୟ ସଚିବ ମନୋଜ ଆହୁଜା ଜିଲ୍ଲାପାଳ ସମ୍ମିଳନୀ ଡାକିବା ସମ୍ପର୍କରେ ସମ୍ୟକ ସୂଚନା ଦେବେ । ୯ଟା ୪୦ମିନିଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କ ସରକାରର ପ୍ରାଥମିକତା ସମ୍ପର୍କରେ ପ୍ରାୟ ୨୦ମିନିଟ୍ ଧରି ଜିଲ୍ଲାପାଳ ଓ ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଇବେ । ତା'ପରେ ସକାଳ ସାଢ଼େ ୧୦ଟାରୁ ସାଢ଼େ ୧ଟା ପର୍ଯ୍ୟନ୍ତ ଏବଂ ସାଢ଼େ ୨ଟାରୁ ୫ଟା ପର୍ଯ୍ୟନ୍ତ ଏହି ସମ୍ମିଳନୀ ଜାରି ରହିବ । ସାଢ଼େ ୧୦ଟାରୁ ୧୧ଟା ୧୫ମିନିଟ୍ ପର୍ଯ୍ୟନ୍ତ ଅଧିବେଶନରେ ବିଜେପି ସରକାରଙ୍କ ମହତ୍ୱାକାଂକ୍ଷୀ 'ସୁଭଦ୍ରା ଯୋଜନା'ର ସଫଳ କାର୍ଯ୍ୟାନ୍ୱୟନ ସଂକ୍ରାନ୍ତରେ ମହିଳା ଓ ଶିଶୁବିକାଶ ପ୍ରମୁଖ ସଚିବ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ପ୍ରମୁଖ ସଚିବଙ୍କ ସମେତ କଟକ ଓ କୋରାପୁଟ ଜିଲ୍ଲାପାଳ ନିଜର ମତ ରଖିବେ । ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଏହି ଅଧିବେଶନକୁ ପରିଚାଳନା କରିବେ । ସେହିପରି ୧୧ଟା ୧୫ରୁ ୧୨ଟା ପର୍ଯ୍ୟନ୍ତ ଅଧିବେଶନରେ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ଉପରେ ଆଲୋଚନା ହେବ । ଏଥିରେ ଖାଦ୍ୟଯୋଗାଣ ବିଭାଗ ଓ ସମବାୟ ବିଭାଗର ପ୍ରମୁଖ ସଚିବ, କୃଷି ନିର୍ଦ୍ଦେଶକ, ସମବାୟ ରେଜିଷ୍ଟ୍ରାରଙ୍କ ସମେତ ବରଗଡ଼ ଓ ସମ୍ବଲପୁର ଜିଲ୍ଲାପାଳ ନିଜର ରିପୋର୍ଟ ଉପସ୍ଥାପନ କରିବେ । ଏହି ଅଧିବେଶନକୁ ପରିଚାଳନା କରିବେ ଓଡ଼ିଶା ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ । ସେହିପରି ୧୨ଟାରୁ ୪୫ମିନିଟ୍ ଧରି ରାଜ୍ୟରେ ପିଏମ-ଜନମନ ଯୋଜନା ସମେତ ଆଦିବାସୀଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଅନ୍ୟ ନୂଆ ଯୋଜନା(ମାଧୋ ସିଂ ହାତଖର୍ଚ୍ଚ ସମେତ) ଆଦିର କାର୍ଯ୍ୟକାରିତାକୁ ନେଇ ଆଲୋଚନା ହେବ । ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସଚିବଙ୍କ ସମେତ କେନ୍ଦୁଝର ଓ ମାଲକାନଗିରି ଜିଲ୍ଲାପାଳ ନିଜର ମତ ରଖିବେ । ଏହି ଅଧିବେଶନକୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ପରିଚାଳନା କରିବେ । ସେହିପରି ୧୨ଟା ୪୫ରୁ ସାଢ଼େ ୧ଟା ପର୍ଯ୍ୟନ୍ତ ଅଧିବେଶନରେ ପିଏମଶ୍ରୀ ଯୋଜନାର ପ୍ରଶିକ୍ଷଣ, ନିପୁଣ ଓଡ଼ିଶାର କାର୍ଯ୍ୟକାରିତା, ଗୋଦାବରୀଶ ମଇଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ମାଗଦର୍ଶିକା ପାଇଁ ପରାମର୍ଶ ଆଦି ପ୍ରସଙ୍ଗରେ ଆଲୋଚନା ହେବ ।

### ବିଜେପିରେ ନେତା ପୁଅ ନେତା...

କେବଳ ବେକାରୀ ଓ ମହଙ୍ଗା କଥା କହୁଛନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆର ଅର୍ଥନୀତି ଅସ୍ଥିର। ଭାରତର ଅର୍ଥନୀତି କ୍ରମଶଃ ଅଗ୍ରଗତି କରୁଛି, ଏକଥା ବୋଧେ ସେମାନଙ୍କୁ ଦେଖାଯାଉନି। ପଶ୍ଚିମବଙ୍ଗରେ ବାମ ଦଳ ପରସ୍ପର ସହ ଲଢୁଛନ୍ତି କିନ୍ତୁ ଦିଲ୍ଲୀରେ ସାଥି ହେଉଛନ୍ତି। ଟ୍ରିପଲ୍ ତଲାକ ହଟାଇ ସମାଜରେ ସମାନତା ଆଣିଛି ବିଜେପି। ମୁସଲିମ୍ ରାଷ୍ଟ୍ର, ବାଂଲାଦେଶ, ପାକିସ୍ତାନର ଉଦାହରଣ ଦେଇ ନଡ୍ଡା ଆହୁରି କହିଛନ୍ତି କି, ବାଂଲାଦେଶ, ପାକିସ୍ତାନ, ଇରାନରେ ଟ୍ରିପଲ ତଲାକ ନାହିଁ' କିନ୍ତୁ ଭାରତରେ ଧର୍ମନିରପେକ୍ଷ ନାଁରେ ଟ୍ରିପଲ ତଲାକ ଚାଲିଥିଲା। ମୋଦି ଆସିଲେ, ମୁସଲମାନ ଭଉଣୀଙ୍କୁ ମୁକ୍ତି ଦେଲେ। ରାମ ମନ୍ଦିର ବନେଇବୁ କହିଥିଲୁ, କରିକି ଦେଖାଇଲୁ। କାଶ୍ମୀରରୁ ଧାରା ୩୭୦ ହଟାଇ ସମ୍ବିଧାନକୁ ସାର୍ବଭୌମ କରିଛୁ। ଏପରିକି ବିଜେପି ଲାଷ୍ଟ ମ୍ୟାନ୍ ଆଟ୍ ଲାଷ୍ଟ ମାଇଲରେ ବିଶ୍ୱାସ କରୁଥିବା ଦଳ। ସେଥିପାଇଁ ୨ ସେପ୍ଟେମ୍ବରରୁ ଏଯାଏଁ ୬ କୋଟି ନୂଆ ସଦସ୍ୟ ଯୋଡ଼ି ହେଲେଣି ବୋଲି ଦୋହରାଇଛନ୍ତି ନଡ୍ଡା। ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଆହୁରି କହିଛନ୍ତି, ଆଜି ମେଟ୍ରୋ, ଫ୍ଲାଇ ଓଭରର ଭିତ୍ତିଭୂମି ପାଇଁ ୧୦ଲକ୍ଷ ଖର୍ଚ୍ଚ ହୋଇଛି। ଆୟୁଷ୍ମାନ ଭାରତ ବିଶ୍ୱର ସବୁଠାରୁ ବଡ଼ ହେଲଥ୍ କଭର ପ୍ରୋଗ୍ରାମ । ଏଥିରେ ୭୦ବର୍ଷରୁ ଅଧିକ ବୟସ୍କଙ୍କୁ ସାମିଲ କରାଯାଇଛି। ଏଥିରେ ୫ଲକ୍ଷର ସ୍ୱାସ୍ଥ୍ୟ ବୀମା ଯୋଗାଇବାର ବ୍ୟବସ୍ଥା ରହିଛି। ଏଥିରେ ଆଉ ୬କୋଟି ଲୋକ ସାମିଲ ହେବେ। ଆବାସ ଯୋଜନାରେ ଆଉ ୩ କୋଟି ନୂଆ ଘର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ସଦସ୍ୟଙ୍କ ସମେତ ବୁଦ୍ଧିଜୀବୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ଜିଦ୍‌ରେ ଅଟଳ ନର୍ସିଂ ସଂଘ...

ସହିତ ଆଲୋଚନା ହୋଇଥିଲା । ମାତ୍ର ଏହି ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା । ସରକାରଙ୍କ ସହ ଆଲୋଚନା ବିଫଳ ହୋଇଥିଲା । ଫଳରେ ନର୍ସିଂ କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି । ୧୦ ଦଫା ଦାବି ନେଇ ନର୍ସିଂ ସଂଘ ସରକାରଙ୍କୁ ମାସେ ସମୟ ସୀମା ଦେଇଥିଲା ମାତ୍ର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ଏହାପରେ ନର୍ସିଂ ସଂଘ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇଥିଲା। ସଂଘ କହିଥିଲା, ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଆନ୍ଦୋଳନକୁ ଗୋଟିଏ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା। ଗତ ଅଗଷ୍ଟ ୨୩ ତାରିଖରେ ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ଅଧ୍ୟକ୍ଷତାରେ ନର୍ସିଂ କର୍ମଚାରୀ ସଂଘର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିବାରୁ ଓଡିଶାର ହଜାର ହଜାର ନର୍ସିଂ କର୍ମଚାରୀମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଉଛି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଅଗଷ୍ଟ ୭ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ନର୍ସ, ପାରାମେଡିକ୍ସ, ଟେକ୍ନିସିଆନ୍ ଓ ଅନ୍ୟ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏସମା ଲାଗୁ କରିଛନ୍ତି। ଏହା ୬ ମାସ ଯାଏଁ ବଳବତ୍ତର ରହିବ । ତେଣୁ ଏସମା ଲାଗୁ ବେଳେ ଆନ୍ଦୋଳନକୁ ଓହ୍ଲାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସରକାର କହିଛନ୍ତି ।

### ୫୯ଜଣ ଓଏଏସ୍ ...

ତ୍ରିପାଠୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପସଚିବ, ସୌରଭ ଚକ୍ରବର୍ତ୍ତୀଙ୍କୁ ଭଦ୍ରକ ଉପଜିଲ୍ଲାପାଳ ଓ ଅଂଶୁମାନ ମହାପାତ୍ରଙ୍କୁ ପାରଳାଖେମୁଣ୍ଡି ଆଇଟିଡିଏର ପ୍ରକଳ୍ପ ଅଧିକାରୀ ଭାବେ ବଦଳି କରାଯାଇଛି । ସେହିପରି ପଂଚାୟତିରାଜ ବିଭାଗ ଆଜି ୪୩ଟି ବ୍ଲକରେ ନୂଆ ବିଡିଓଙ୍କୁ ନିଯୁକ୍ତି ଦେଇଛି । ଅନ୍ୟ ୩ଜଣ ବିଡିଓଙ୍କୁ ରାଜସ୍ୱ ବିଭାଗକୁ ଫେରାଇ ଦେଇଛି । ଗଞ୍ଜାମ ବେଗୁନିଆପଡ଼ା ବିଡିଓ ପ୍ରଜ୍ଞା ପ୍ରିୟଦର୍ଶିନୀ, ଏରସମା ବିଡିଓ ଲମ୍ବୋଦର ଖୁଂଟିଆ ଓ ମାହାଙ୍ଗା ବିଡିଓ ବିଶ୍ୱରଞ୍ଜନ ବିଶ୍ୱାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରସ୍ତ କରାଯାଇଛି । ଏହି ୩ଜଣଙ୍କ ବ୍ୟତୀତ ଅନ୍ୟ ୪୩ଜଣ ଓଏଏସ୍ ଅଫିସରଙ୍କୁ ବିଭିନ୍ନ ବ୍ଲକର ବିଡିଓ ଭାବେ ନିଯୁକ୍ତି ଦିଆଯିବା ସଂକ୍ରାନ୍ତ ବିଜ୍ଞପ୍ତି ଆଜି ପଂଚାୟତିରାଜ ବିଭାଗ ପକ୍ଷରୁ ଜାରି ହୋଇଛି ।

### ପୁଲିସର 'ମାଫିଆଗିରି', ଗୁମର...

କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ୍ କରାଯାଇଛି । ସବୁ ପୁଲିସ ଏସପି, ଡିଆଇଜି,ଆଇଜି ଓ ପୁଲିସ କମିଶନରଙ୍କୁ ଚିଠି ଲେଖି ରାଜ୍ୟ ପୁଲିସ ମୁଖ୍ୟାଳୟ(ଆଇନଶୃଙ୍ଖଳା ଅତିରିକ୍ତ ଡିଜି) ଅବଗତ କରାଇବା ପରେ ପୁଲିସକୁ ରାଜ୍ୟର ବିଭିନ୍ନ ଶିଳ୍ପାଂଚଳ ବିଶେଷକରି ଖଣି ଅଂଚଳରେ 'ମାଫିଆଗିରି' କରିବା ପାଇଁ ତତକାଳୀନ ସରକାର ପରୋକ୍ଷରେ ସମ୍ମତି ଦେଇଥିବାର ଅଭିଯୋଗ ଏବେ ସତ ପ୍ରମାଣିତ ହେବାରେ ଲାଗିଛି । ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୨୪ତାରିଖରେ ଏକ ଚିଠି ଲେଖାଯାଇଛି । ଯେଉଁଥିରେ ଆଇନଶୃଙ୍ଖଳା ଅତିରିକ୍ତ ଡିଜି ସ୍ପଷ୍ଟ ଭାବେ କହିଛନ୍ତି ଯେ, କିଛି ପୁଲିସ ଫିଲଡ୍ ଅଫିସର ଶିଳ୍ପାଂଚଳ ଓ ଖଣି ଅଂଚଳରେ ଅଣପୁଲିସ ଗତିବିଧି ବିଶେଷକରି ପରିବହନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ଜିଲ୍ଲା ଏସପି ମୁଖ୍ୟାଳୟମାନଙ୍କର ନଜରକୁ ଆସିଛି । ପୁଲିସ ଡିଜି ଏହି ଘଟଣାରେ ଗଭୀର ଉଦବେଗ ବ୍ୟକ୍ତ କରିବା ସହ ଏସବୁ କାର୍ଯ୍ୟ ପୁଲିସର ଦାୟିତ୍ୱ ବାହାରେ ବୋଲି କହିଛନ୍ତି । ଯଦି କୌଣସି ପୁଲିସ୍ ଅଫିସର ଏଭଳି କାର୍ଯ୍ୟରେ ସମ୍ପୃକ୍ତି ଜାରି ରୁହନ୍ତି ଅବା କାହାରି ସହ ପକ୍ଷପାତ କରିଥିବା ଜଣାପଡ଼େ ତାକୁ ଗୁରୁତର ଭାବେ ଗ୍ରହଣ କରାଯିବ । ତେଣୁ ସମସ୍ତ ଫିଲଡ୍ ଅଫିସରମାନଙ୍କୁ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବା ସହ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଅତିରିକ୍ତ ପୁଲିସ ଡିଜି(ଆଇନଶୃଙ୍ଖଳା) କହିଛନ୍ତି । ଖଣି ଓ ଶିଳ୍ପାଂଚଳରେ ପୁଲିସ ଅଫିସରମାନେ କିଛି ନିର୍ଦ୍ଦିଷ୍ଟ ଖଣି ମାଫିଆ ଓ ବ୍ୟବସାୟୀଙ୍କ ହାତବାରିସି ସାଜି କାର୍ଯ୍ୟ କରିଥିବାର ପୁଳାପୁଳା ଅଭିଯୋଗ ରହିଆସିଛି ।

### ରାସ୍ତା ଉପରେ ତୋରଣ...

ସାରିବାକୁ ପୂର୍ତ୍ତ ସଚିବ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପାର୍ବଣ ଋତୁରେ ଜମିଥାଏ କଟକ। ଛକ ଛକରେ ଆକର୍ଷଣୀୟ ମେଢ଼ ସାଙ୍ଗକୁ ଝିଲ୍‌ମିଲ୍ ଆଲୁଅରେ ଝଲସିଥାଏ କଟକର ରାସ୍ତାଘାଟ। ଲୋକାରଣ୍ୟ ହୋଇଥାଏ ଏହି ପୁରୁଣା ମହାନଗରୀ। ହେଲେ ବର୍ତ୍ତମାନ ପରିସ୍ଥିତିରେ କଟକର ରାସ୍ତକୁ ଦେଖିଲେ ଭାରି ଦୁଃଖ ଲାଗୁଛି। କାରଣ ରାସ୍ତା ପାଲଟିଛି ମରଣ ଯନ୍ତା।

### ଜାପାନକୁ ପଛରେ ପକାଇ ଏସିଆର...

ଭାରତ ୩୯.୧ ପଏଣ୍ଟ ହାସଲ କରିବା ସହିତ ଜାପାନକୁ ପଛରେ ପକାଇଛି। ଜାପାନକୁ ୩୮.୯ ପଏଣ୍ଟ ମିଳିଛି। ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବାର୍ଷିକ ଭିତ୍ତିରେ ଶକ୍ତିଶାଳୀ ଦେଶମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଏ। ଏଥିରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ୨୭ଟି ଦେଶର ସ୍ଥିତିର ମୂଲ୍ୟାଙ୍କନ କରାଯାଇଥାଏ। ତେବେ ଚଳିତ ବର୍ଷ ଏହି ତାଲିକାରେ ଆମେରିକା ୮୧.୭ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଚୀନ୍ ।

ଶୁକ୍ରବାର, ୨୭ ସେପ୍ଟେମ୍ବର , ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ଆୟୋଜିତ ହେଲା 'ପର୍ଯ୍ୟଟନ ଓ ଶାନ୍ତି' ଆଧାରିତ କୁଇଜ ପ୍ରତିଯୋଗିତା

ବାରିପଦା, ୨୬/୯ (ନି.ପ୍ର): ଆସନ୍ତା ୨୭ ତାରିଖରେ ପାଳନ ହେବାକୁ ଯାଉଛି ବିଶ୍ୱ ପର୍ଯ୍ୟଟନ ଦିବସ। ମୟୂରଭଞ୍ଜ ଜିଲ୍ଲା ସ୍ତରରେ ଏହି ଦିବସ ପାଳନ ଅବସରରେ ଗୁରୁବାର ଦିନ, ବାରିପଦା କଲେକଟରେଟ ସ୍ଥିତ ସମ୍ମିଳନୀ କକ୍ଷରେ ଏହି ଦିବସ ଉପଲକ୍ଷେ ସ୍କୁଲ ଏବଂ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଆଜି ଆରମ୍ଭ ହୋଇଥିବା ବେଳେ ଆସନ୍ତା କାଲି ସକାଳ ୯ଟା ସମୟରେ ସୀତାକୁଣ୍ଡ ଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସଫେଇ କାର୍ଯ୍ୟ ଅନୁଷ୍ଠିତ ହେବାକୁ ଯାଉଛି। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟାପକ, ଆତିଥ୍ୟ ଏବଂ ପର୍ଯ୍ୟଟନ, ପର୍ଯ୍ୟଟନ ବିଭାଗ, ଓଡିଶା ସରକାର, ପ୍ରଫେସର ଡଃ ସପନ କୁମାର ସଦୁଆଳ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ କରିଥିଲେ। ଚଳିତ ବର୍ଷର ବିଷୟ ବସ୍ତୁ 'ପର୍ଯ୍ୟଟନ ଓ ଶାନ୍ତି' ସମ୍ବଳିତ ସାଧାରଣ ଜ୍ଞାନ ପ୍ରଶ୍ନ କନିଷ୍ଠ, ମାଧ୍ୟମିକ ଏବଂ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କର ଯାଇଥିଲା। ଏହି କାର୍ଯ୍ୟକ୍ରମର ସଂଚାଳନ, ସ୍ୱାଗତ ଭାଷଣ ଏବଂ ପରିଚାଳନା ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରା କରିଥିବା ବେଳେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିବାର ସୂଚନା ପ୍ରାପ୍ତ।




## ୨୯ରେ ବିଡିପିଏର ବାର୍ଷିକ ଉତ୍ସବ

ବାଲେଶ୍ୱର, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଫଟୋଗ୍ରାଫର ଏସୋସିଏସନର ବାର୍ଷିକ ଉତ୍ସବ ପାଳନ ପାଇଁ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ସେରଗଡସ୍ଥିତ ତାରିଣୀ ଷ୍ଟୁଡିଓ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ମାନସ ପାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବାଲେଶ୍ୱର ଜିଲ୍ଲାର ୫୦ରୁ ଅଧିକ ଫଟୋଗ୍ରାଫର ଏବଂ ଭିଡିଓଗ୍ରାଫର ଯୋଗଦାନ କରି ମତାମତ ପ୍ରଦାନ କରିଥିଲେ । ଆସନ୍ତା ୨୯ ତାରିଖ ରବିବାର ଏଡିଏମ ଛକ ନିକଟସ୍ଥ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ସକାଳ ୯ ଘଟିକାରୁ ରାତ୍ର ୮ଘଟିକା ପର୍ଯ୍ୟନ୍ତ ବାର୍ଷିକ ଉତ୍ସବ ଆୟୋଜନ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସହିତ ଜିଲ୍ଲା ବାହାରର କିଛି ପ୍ରତିଷ୍ଠିତ ଫଟୋଗ୍ରାଫର ଅତିଥି ଭାବରେ ଯୋଗଦାନ ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଦିବସବ୍ୟାପି କାର୍ଯ୍ୟକ୍ରମରେ ବାର୍ଷିକ ସମ୍ବର୍ଦ୍ଧନା ସହିତ ନୃତ୍ୟ, ସଂଗୀତ, ର୍ୟାମ୍ପ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର ହୋଇଛି । ଏହି ଉତ୍ସବରେ ବାଲେଶ୍ୱର ଜିଲ୍ଲାର ଶତାଧିକ ଫଟୋଗ୍ରାଫରଙ୍କ ସମେତ ପାଖାପାଖି ୨୦ଟି ଜିଲ୍ଲାର ଫଟୋଗ୍ରାଫର ସଂଗଠନରୁ ବହୁ ଫଟୋଗ୍ରାଫର ଯୋଗଦାନକରିବାର କାର୍ଯ୍ୟକ୍ରମ ରହିଛି ବୋଲି ସଂପାଦକ ଅମରଜିତ ଦାସ ପ୍ରକାଶ କରିଥିଲେ । କୋଷାଧକ୍ଷ ଶୁସାନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଜେପି ଯୁବ ମୋର୍ଚ୍ଚାର ମଣ୍ଡଳ ସ୍ତରୀୟ ସଦସ୍ୟତା କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର, ୨୬/୯ (ନି.ପ୍ର): ଆଜି ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚାର ମଣ୍ଡଳ ସ୍ତରୀୟ ସଦସ୍ୟତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ର ଉପସ୍ଥିତ ରହି ଯୁବ ମୋର୍ଚ୍ଚା କିପରି ଆଗାମୀ ଦିନରେ ସଦସ୍ୟତା କାର୍ଯ୍ୟକ୍ରମ ମଣ୍ଡଳ ଓ ସମସ୍ତ ବୁଥ ସ୍ତରରେ କରିବ ସେ ବିଷୟରେ ତାଙ୍କ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭାରତ ମାତା, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଓ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫୋଟଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ରାଷ୍ଟ୍ରୀୟ ବନ୍ଦନା ଗାନ କରାଯାଇଥିଲା। ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ତାଙ୍କ ବକ୍ତବ୍ୟରେ ବିଶ୍ୱର ସର୍ବ ବୃହତ୍ ଦଳର ନିଜକୁ ସଦସ୍ୟ କହିବା ଆମକୁ ଗର୍ବ ଲାଗେ, ସେହିପରି ଭାବରେ ଜିଲ୍ଲାରୁ ଅଧିକ ରୁ ଅଧିକ ସଦସ୍ୟ କରାଇବା ପାଇଁ ଯୁବ ସାଥୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯକାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ତଥା ଯୁବ ମୋର୍ଚ୍ଚାର ଜିଲ୍ଲା ସଦଶ୍ୟତା ପ୍ରମୁଖ ସ୍ୱାଧୀନ ପଣ୍ଡା ଜିଲ୍ଲା ଉପ ସଭାପତି ତଥା ସଦସ୍ୟତା ସହପ୍ରମୁଖ ନାରାୟଣ ମହନ୍ତଙ୍କ ସମେତ ଜିଲ୍ଲା ସ୍ତରୀୟ ଓ ମଣ୍ଡଳ ସ୍ତରୀୟ ଶତାଧିକ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପାରାଦ୍ୱୀପ ମେରାଇନ୍ ବିଭାଗ ଦ୍ୱାରା ଅଶାନ୍ତ ସମୁଦ୍ରରୁ ଦୁଇ ମାଛଧରା ବୋଟ ସହ ୧୪ ଜଣ ମତ୍ସ୍ୟଜୀବୀ ଉଦ୍ଧାର



ପାରାଦ୍ୱୀପ , ୨୬/୯ (ନି.ପ୍ର): ପାରାଦ୍ୱୀପ ବନ୍ଦରର ମେରାଇନ୍ ବିଭାଗ ଖବର ପାଇ ପାରାଦ୍ୱୀପ ସମୁଦ୍ର ମୁହାଣ ନିକଟରେ ଗୁରୁବାର ଦିନ ବୁଡି ଯାଉଥିବା ଦୁଇ ଗୋଟି ମାଛଧରା ବୋଟ ସହ ୧୪ ଜଣ ମତ୍ସ୍ୟଜୀବୀ ଉଦ୍ଧାର କରିଛି । ଘଟଣାରୁ ପ୍ରକାଶଯେ, ପାରାଦ୍ୱୀପ ମାଛଧରା ବନ୍ଦରରୁ ଧର୍ମସାକ୍ଷୀ-୨ ନାମକ ଏକ ମାଛଧରା ବୋଟ ମାଛ ଧରିବାକୁ ସମୁଦ୍ରକୁ ଯାଇଥିଲା । ଲଘୁଚାପ ଜନିତ ଲଗାଣ ବର୍ଷା ସହିତ ସମୁଦ୍ର ଅଶାନ୍ତ ରହିଥିବାରୁ ଧର୍ମସାକ୍ଷୀ-୨ ବୋଟ ପାରାଦ୍ୱୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦରକୁ ଫେରୁ ଥିଲା । ମହାନଦୀ ଓ ସମୁଦ୍ର ମୁହାଣ ନିକଟରେ ହଠାତ୍ ବୋଟ୍‌ଟି ଖରାପ ହୋଇଯାଇଥିଲା । ଏହି ବୋଟ୍‌କୁ ଆଣିବାକୁ ଧର୍ମସାକ୍ଷୀ-୩ ବୋଟ୍ ସେଠାକୁ ଯାଇଥିଲା । ଧର୍ମସାକ୍ଷୀ-୩ ବୋଟ୍‌ଟି ଧର୍ମସାକ୍ଷୀ-୨କୁ ବାନ୍ଧି ଆଣୁଥିବା ବେଳେ ହଠାତ୍ ରଶି ଛିଣ୍ଡି ଯାଇ ବୋଟ୍ ଫ୍ୟାନ୍‌ରେ ଗୁଡେଇ ହୋଇ ଯାଇଥିଲା । ଫଳରେ ଦୁଇ ଗୋଟି ବୋଟ୍ ସମୁଦ୍ର ମୁହାଣ ନିକଟରେ ବିପଦଜନକ ଭାବେ ରହି ଯାଇଥିଲେ । ଦୁଇ ଗୋଟି ବୋଟ୍‌ରେ ଥିବା ୧୪ଜଣ ମତ୍ସ୍ୟଜୀବୀ ସହାୟତା ପାଇଁ ଓମ୍ପାକୁ ସୂଚନା ଦେଇଥିଲେ ।ଓମ୍ପା ପକ୍ଷରୁ ତଟରକ୍ଷୀ ବାହିନୀ, ମେରାଇନ୍ ପୋଲିସ୍ ଓ ପାରାଦ୍ୱୀପ ବନ୍ଦରକୁ ସହାୟତା ମଗା ଯାଇଥିଲା । ଓମ୍ପା,ପାରାଦ୍ୱୀପ ଡିଏସପି ଏବଂ ଏଏଫଓ କୁଜଙ୍ଗଙ୍କ ଠାରୁ ଖବରପାଇବା ପରେ ପାରାଦ୍ୱୀପ ବନ୍ଦରର ମେରାଇନ୍ ବିଭାଗର ଟଗ୍ ବୋଟ୍ ତାରିଣୀ, ପେଟ୍ରୋଲିଙ୍ଗ ବୋଟ୍ ଜଗନ୍ନାଥ ଓ ସାନଭି ବୋଟ୍ ଦୁଇଟିକୁ ଉଦ୍ଧାର କରିବାକୁ ଯାଇଥିଲେ । ପାରାଦ୍ୱୀପ ବନ୍ଦରର ଏହି ବୋଟ୍ ଗୁଡିକ ଘଟଣାସ୍ଥଳରେ ପହଂଚି ଦୁଇ ଗୋଟି ମାଛଧରା ବୋଟ୍ ସହିତ ୧୪ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା ଓ ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ ପାରାଦ୍ୱୀପ ବନ୍ଦରର ଅଧକ୍ଷ , ପାରାଦ୍ୱୀପ ଡିଏସପି ସନ୍ତୋଷ କୁମାର ଜେନା ଓ ମତ୍ସ୍ୟ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି ।

## ବେତନଟୀରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ

ବେତନଟୀ, ୨୬/୯ (ନି.ପ୍ର): ଆଗାମୀ ଦୁର୍ଗାପୂଜାରେ ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ଯାତାୟାତ, ଭିଡରୁରକ୍ଷା, ରାବଣପୋଡି ଉତ୍ସବ ସୁରଖୁରରେ ପାଳନ, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ, ରାସ୍ତାଘାଟ ମରାମତି, ନାଳନର୍ଦ୍ଦମା ସଫେଇ ଆଦି ନାନାଦି ପ୍ରସଙ୍ଗରେ ସ୍ଥାନୀୟ ଧର୍ମଶାଳା ଠାରେ ସମସ୍ତ ପୂଜା କମିଟି , ସାମାଜିକ ସଂଗଠନ, ଯାତ୍ରା କମିଟି, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଗଣଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତଙ୍କ ସହ ପୋଲିସ ଉପଖଣ୍ଡ ଅଧିକାରୀ ସୁଦର୍ଶନ ଦାସ, ତହସିଲଦାର ସୁରଥ ଚନ୍ଦ୍ର ରାଉତ, ଏବିଡିଓ ଗଗନ ବେହେରା, ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀ ଶୁଭ ଦୀପ୍ତ ମିଶ୍ର ,ପୂର୍ତ୍ତ ବିଭାଗରୁ ଇଞ୍ଜିନିଅର ରବିନ୍ଦ୍ର ମିଶ୍ର, ଅବକାରୀ ବିଭାଗରୁ ପ୍ରକାଶ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ ଥାଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କିନ୍ତୁ ଗ୍ରାମ୍ୟନିର୍ମାଣ ଉପ-ବିଭାଜନ (ଆର ଡି) କାର୍ଯ୍ୟାଳୟର କୌଣସି କର୍ମଚରୀ ଉପସ୍ଥିତ ନଥିବାରୁ ବେତନଟୀ ଅଞ୍ଚଳର ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ଥିବାରୁ ରାସ୍ତାର ମରାମତି ବାବଦରେ କୌଣସି ଆଲୋଚନା ହୋଇ ପାରିନଥିଲା ।ଡିଜେ ସାଉଣ୍ଡ ନ ବାଜିବା ସମ୍ବନ୍ଧରେ ନିଷ୍ପତ୍ତି ନିଆଯାଇଥିଲା ।ବଜାର ଅଞ୍ଚଳରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା, ନିଆଁ ଲିଭା ଯନ୍ତ୍ର ରଖିବା, ଡଷ୍ଟବିନର ବହୁଳ ବ୍ୟବହାର, ବଜାର ମଧ୍ୟକୁ ଦିନ ବେଳା ଭାରିଯାନ ପ୍ରଚଳନ ବନ୍ଦ ଆଦି କିଛି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସିସିଟିଭି କ୍ୟାମେରାର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଏଥିସହ ଶୃଙ୍ଖଳିତ ଭସାଣୀ ଯାତ୍ରା ନିମନ୍ତେ ପୋଲିସ କର୍ତ୍ତୃପକ୍ଷ ନିବେଦନ କରିଥିଲେ ।ଉକ୍ତ ବୈଠକରେ ଶାନ୍ତି କମିଟିର ସଭାପତି ପ୍ରକାଶ ବେହେରା ସମସ୍ତଙ୍କୁ ସ୍ୱାଗତ କରି ଆଲୋଚନା ଆରମ୍ଭ କରିଥିଲେ ଓ ଏସଡ଼ିପିଓ ଶ୍ରୀ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱର ବିପଣି ଉନ୍ନୟନ କମିଟିରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜରେ ଥିବା ଘୋଷ ବଜାର ବିପଣି ଉନ୍ନୟନ କମିଟି ବିଶାଳ ରକ୍ତଦାନ ଶିବିର ସମ୍ପାଦକ ଚନ୍ଦନ କୁମାର ଭୂୟାଁଙ୍କ ଦ୍ୱାରା ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ରକ୍ତ ଦାନ ଶିବିରକୁ ସଭାପତି ଅଜୟ କୁମାର ବିଶ୍ୱାଳ , ମୁଖ୍ୟ ଅତିଥି ରଞ୍ଜନ ବାଗ , ଗୌରାଙ୍ଗ ଦାସ ଫିତ କରି ଉଦଘାଟନ କରିଥିଲେ। ସଭାପତି ଅଜୟ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଜନସାଧାରଣଙ୍କର ରକ୍ତ ଅଭାବ କିପରି ନହେବ ସେଥିପାଇଁ ବିପଣି ଉନ୍ନୟନ କମିଟି ସର୍ବଦା ଚେଷ୍ଟା କରୁଛି । ଏହି ରକ୍ତ ଦାନ ଶିବିରକୁ ଚନ୍ଦନ କୁମାର ଭୂୟାଁ , ଶରତ କୁମାର ନାୟକ , ଅରୁଣ କୁମାର ଦାସ , ଭାଗିରଥି ବେହେରା , ଅନିଲ କୋଇଲି , ସେଖ ଜନତ ହୁସେନ , କାଳିପଦ ସାହୁ , ଅମର କୁମାର ପାତ୍ର , ହରେକୃଷ୍ଣ ଦାସ , ଅଖିଳ ଚନ୍ଦ୍ର ଆସ , ପଦ୍ମ ଲୋଚନ ଦାସ , କମଳା କାନ୍ତ ଜେନା ,ସୂର୍ଯ୍ୟକନ୍ତ ପ୍ରଧାନ , ରବୀନ୍ଦ୍ର ମାଝି ,ଦୈତାରି ଓଝା , କରୁଣା କର ପଣ୍ଡା , କାର୍ତ୍ତିକ ଓଝା , ଦେବେନ୍ଦ୍ର ପାତ୍ର , ମହେଶ୍ୱର ଜେନା , ଲକ୍ଷ୍ମୀକାନ୍ତ ବର୍ଦ୍ଧନ , ଦମ୍ବରୁ ଧର ଦାସ , ବିନୋଦ ସାହୁ , ମନ୍ମଥ ମାଝି , ବୈଦ୍ୟନାଥ ସାହା , ସୁଦର୍ଶନ ଦାସ , ପରୀକ୍ଷିତ ମାଝି , ଗୋବିନ୍ଦ ପରିଡ଼ା , ବସନ୍ତ ନାୟକ , ଅଜଗର ଅଲ୍ଲୀ , ଜୟନ୍ତ ମାଝି , ସପନ ନନ୍ଦୀ , କ୍ଷେତ୍ର ମୋହନ ତରେଇ , ପ୍ରମୋଦ ଦାସ , ଭାସ୍କର ପାତ୍ର ,ଲକ୍ଷ୍ମୀ ନାରାୟଣ ରଣା , ବୁଦ୍ଧିରାମ ସେଠୀ, ବସନ୍ତ ମାଝି , ଦେବବ୍ରତ ସାହୁ, ଚକ୍ରଧର ପୁଷ୍ଟି ପ୍ରମୁଖ ପରିଚାଳନାରେ ଅଂଶଗ୍ରହଣ କରିଥିଲେ ।

## ସୁନେଇ ଓ କାଳବନ୍ଧରୁ ଖୋଲିଲା ଗୋଟିଏ ଲେଖାଁଏ ଗେଟ୍

କପ୍ତିପଦା, ୨୬/୯ (ନି.ପ୍ର): ଗତ୨୪ତାରିଖ ଠାରୁ ଆରମ୍ଭ ହୋଇଥିବା ଲଘୁଚାପଜନିତ ବର୍ଷା ଯୋଗୁଁ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ କପ୍ତିପଦା ବ୍ଲକରେ ଥିବା ୨ଟି ବନ୍ଧ ଯଥା ସୁନେଇ ଓ କାଳ ବନ୍ଧରେ ଜଳସ୍ତର ବୃଦ୍ଧି ପାଇଛି । ବର୍ତ୍ତମାନ ସୁଦ୍ଧା ସୁନେଇରେ ଜଳସ୍ତର ବୃଦ୍ଧି ପାଇ ୮୪.୧୫ ଘନଫୁଟ ପାଣି ଜମାଥିବାବେଳେ କାଳରେ ୭୭.୨୮ ଘନଫୁଟ ଜଳ ଜମା ହୋଇରହିଛି । ଫଳରେ ବୁଧବାର ରାତିରେ ଉଭୟ ବନ୍ଧ ଗୋଟିଏ ଲେଖାଁଏ ଗେଟ୍ ଖୋଲି ଜଳ ନିଷ୍କାସନ କରିଛନ୍ତି । ତେବେ ଆସନ୍ତା ରବି ଓ ଖରିଫ ପାଇଁ ବନ୍ଧ ଦୁଇଟି ପାଣି ପର୍ଯ୍ୟାପ୍ତ ହେବ ବୋଲି ସହକାରୀ ଯନ୍ତ୍ରୀ ଗଜେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

## ଖଇରା ବ୍ଲକରେ ବାରମ୍ବାର ବିଡିଓ ବଦଳିକୁ ନେଇ ଅସନ୍ତୋଷ



ଖଇରା, ୨୬/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ୩ବର୍ଷରେ ୮ଜଣ ବିଡିଓ ଦାୟିତ୍ୱ ନେଇ ସାରିଲେଣି । ଯେଉଁଥିପାଇଁ ୩୭ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ୧ବର୍ଷ ପୁରିବା ପୂର୍ବରୁ ବହୁ ବିଡିଓଙ୍କୁ ଦାୟିତ୍ୱରୁ ଅପସାରଣ କରାଯିବ କିମ୍ବା ବଦଳୀ କରିଦିଆଯାଉଥିବା ଯୋଗୁଁ ଖଇରା ବ୍ଲକରେ କୌଣସୀ ଯୋଜନା ର ସଫଳତା ଆଶା କ୍ଷିଣ ହୋଇ ପଡୁଛି ।ଏହାର ସୁଯୋଗ ନେଇ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଦୀର୍ଘଦିନ ଧରି ଗୋଟିଏ ଗୋଟିଏ ପଞ୍ଚାୟତରେ ରହି ହିତାଧିକାରୀଙ୍କୁ ଶୋଷଣ କରୁଥିବା ନେଇ ବିଭିନ୍ନ ବୈଠରେ ହିତାଧିକାରୀ ଓ ଲୋକପ୍ରତିନିଧି ମାନେ ଅଭିଯୋଗ କରି ଆସୁଛନ୍ତି । ଏଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଖଇରା ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ, ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦାବୀ କରାଯାଇଛି। ବିଡିଓ ଦେବେନ୍ଦ୍ର ବଳଙ୍କ କାର୍ଯ୍ୟକାଳ ଫେବୃଆରୀ ୨୦୨୦ ରୁ ଅଗଷ୍ଟ ୨୦୨୦ ପର୍ଯ୍ୟନ୍ତ ରହିଥିବା ବେଳେ ଅତିରିକ୍ତ ବିଡିଓ ଶକ୍ତିପ୍ରସାଦ ପାଇକରାୟ ୨ଦିନ ବିଡିଓ ଦାୟିତ୍ୱରେ ରହିଥିଲେ । ପରେ ସିମୁଳିଆ ବିଡିଓ ନରହରି ବେହେରା ୨୦୨୦ ମସିହାରେ ଅଗଷ୍ଟ ୨୮ରୁ ସେହିବର୍ଷ ଅକ୍ଟୋବର ବର୍ଷ ଅତିରିକ୍ତ ଦାୟିତ୍ୱରେ ରହିଥିଲେ। ପୁନଶ୍ଚ ଶକ୍ତି ପାଇକରାୟଙ୍କୁ ନୂଆ ବିଡିଓ ଆସିବା ପର୍ଯ୍ୟନ୍ତ ୨୧ ଦିନ ଦାୟିତ୍ୱରେ ରହିଥିଲେ। ପରବର୍ତ୍ତୀ ବିଡିଓ ଭାବେ ପର୍ଶୁରାମ ପଣ୍ଡା ୨୦୨୦ ଅକ୍ଟୋବରରୁ ଯୋଗଦାନ ପରେ ୨୦୨୩ ଏପ୍ରିଲ ରେ ବଦଳୀ ହୋଇଯାଇଥିଲା। ପରବର୍ତ୍ତୀ ବିଡିଓ ଭାବେ ସିମୁଳିଆ ର ପୃଥିରାଜ ପରିଡା ୧୫ଦିନ ବିଡିଓ ପଦବୀରେ ରହିଥିଲେ। ସେହିଭଳି ମେ ୨୩ ରେ ପରବର୍ତ୍ତୀ ଉତ୍ତରାଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଉତ୍ତମ କୁମାର ଜେନାଙ୍କର ଅକ୍ଟୋବର ୨୦୨୩ରେ ଅନ୍ୟତ୍ର ବଦଳୀ ହୋଇଥିଲା । ୨୫ଅକ୍ଟୋବର ୨୦୨୩ରୁ ଅଦ୍ୟାବଧି କାର୍ଯ୍ୟ କରୁଥିବା ଅନନ୍ତ କୁମାର ହାଁସଦାଙ୍କର ବଦଳୀ ଆଦେଶ ଗୁରୁବାର ପହଞ୍ଚିବା ପରେ ବହୁ ଲୋକପ୍ରତିନିଧି ଓ ବୁଦ୍ଧିଜିବୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଯେ ଖଇରା ବ୍ଲକକୁ କୌଣସୀ ବିଡିଓଙ୍କୁ ନିଯୁକ୍ତି ଦିଆନଯାଇ ହାଁସଦାଙ୍କ ବଦଳୀ ଖଇରା ବ୍ଲକ ବିକାଶରେ ବ୍ୟାଘାତ ସୃଷ୍ଟି କରିବା ନେଇ ସମ୍ଭାବନା ସୃଷ୍ଟି କରିଛି । ଖଇରାବାସୀ ବହୁ ଆଶାଭରସା ନେଇ ଜିତାଇଥିବା ଡବଲ ଇଂଜିନ ସରକାରଙ୍କ ଏଭଳି ଖାମଖିଆଲି ନିଷ୍ପତ୍ତି ବିରୋଧରେ ଖଇରା ଜନସାଦାରଣ ଆଗାମୀ ଦିନରେ ଏହାର ଜବାବ ଦେବେ ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା କହିଛନ୍ତି ।

## ବିନା ବିଦ୍ୟୁତରେ ଦୁଇ ଗାଁ: ବିଦ୍ୟୁତ ବିଭାଗର ନିଘା ନାହିଁ

କପ୍ତିପଦା, ୨୬/୯ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା ଲାବଣ୍ୟଦେଇପୁର ପଚଂାୟତର୨ଟି ଗାଁ ଶାଣଦେଇ ଓ କାନପୁରରେ ଆଜୁ ଦୀର୍ଘଦିନ ହେଲା ବିଦ୍ୟୁତ ନାହିଁ । କିନ୍ତୁ ଏଥିପ୍ରତି ବିଦ୍ୟୁତ ବିଭାଗର ନିଘା ନାହିଁ । ଖବରରୁ ପ୍ରକାଶ ଏହି ୨ ଗ୍ରାମରେ ଦୀର୍ଘଦିନ ପୂର୍ବରୁ ଏକ ୧୬କେଭି ଟ୍ରାନସଫରମର ଲାଗିଥିଲା । ଯେଉଁଥିରେ କି ଗ୍ରାହକ ସଂଖ୍ୟା ୭୭ । ୭୭ଜଣ ଗ୍ରାହକଙ୍କ ପାଇଁ ଅନୂନ୍ୟ ୬୦କେଭିର ଟ୍ରାନସଫରମର ଆବଶ୍ୟକ ଥିବାବେଳେ ଉକ୍ତ ଛୋଟ ଟ୍ରାନସଫରମର ଲୋଡ୍ ନେଇ ପାରୁନଥିବାରୁ ବାରମ୍ବର ପୋଡିଯାଉଛି । ଆଜକୁ ପ୍ରାୟ ୬ମାସ ପୂର୍ବରୁ ଉକ୍ତ ଟ୍ରାନସଫରମର ପୋଡିଯାଇଥିବାବେଳେ ଗ୍ରାମବାସିଙ୍କ ଦାବୀକୁ ଆଖି ଆଗରେ ରଖି ବିଭାଗୀୟ କର୍ତ୍ତୃପକ୍ଷ ଏହି ୨ଗ୍ରାମରେ ପୃଥକଭାବେ ୨୫କେଭିର ଟ୍ରାନସଫରମର ଲଗାଇବାକୁ ପ୍ରତିଶୃତି ଦେଇଥିଲେ । ମାତ୍ର ଆଜୁକୁ ୬ମାସ ବିତିଯାଇଥିଲେ ମଧ ବିଭାଗ ଟ୍ରାନସଫରମର ଲଗାଇନାହିଁ । ଫଳରେ ଉଭୟ ଗ୍ରାମର ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ୟୁକୋ ବ୍ୟାଙ୍କ ସମ୍ମୁଖରେ ବାଇକ୍ ଗହଳି: ଅବସ୍ଥା ସୁଧୁରିବ କେବେ ?




ନୀଳଗିରି, ୨୬/୯ (ନି.ପ୍ର): ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ୟୁକୋ ବ୍ୟାଙ୍କ ସମ୍ମୁଖରେ ପ୍ରବଳ ଗାଡି ମଟର ଗହଳି ଲାଗି ରହୁଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଗାଡି ମଟର ତଥା ପୋଲିସ ଓ ଆମ୍ବୁଲାନ୍ସ ଯିବାରେ ଘୋର ଅସୁବିଧା ହେଉଥିବା ଦେଖାଯାଇଛି। ଉକ୍ତ ଜନଗହଳି ଦୂର କରିବାରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏଥି ପାଇଁ,ଜନ ସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ସମ୍ମୁଖରେ ପାର୍କିଂର ସୁବିଧା ନଥିବାରୁ ,ରାସ୍ତା ଉପରେ ଗାଡି ମଟର ରଖି ଗ୍ରାହକ ମାନେ ବ୍ୟାଙ୍କକୁ ଯାଉଥିବାରୁ, ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ ଦୀର୍ଘ ସମୟ ଧରି ରାସ୍ତା ଉପରେ ଅଟକୁଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ଯାହା ଫଳରେ ରୋଗୀଙ୍କ ଜୀବନ ଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅନେକ କହିଛନ୍ତି ।ରଥଦାଣ୍ଡଟି ଓସାରିଆ ହୋଇଥିଲେବି ଗାଡି ମଟର ଜାମ ଫଳରେ ସାଧାରଣ ଲୋକ ମାନେ ହିନସ୍ତା ହେଉଥିବା ବେଳେ, ଜଗନ୍ନାଥ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକ ମାନେ ମଧ ଅସୁବିଧାରେ ସମ୍ମୁଖୀନ ହେଉଥିବାର ଅଭିଯୋଗ ହୋଇଛି। ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ର ମାନ୍ୟତା ପାଇଥିବା ନୀଳଗିରି କୁ, ରାଜ୍ୟ ତଥା ରାଜ୍ୟ ବାହାରୁ ରାତି ପାହିଲେ ଶହ ଶହ ପର୍ଯ୍ୟଟକ ମାନଙ୍କର ଗହଳି ଲାଗି ରହିଥାଏ। ବଡ଼ଦାଣ୍ଡ ରାସ୍ତା ଉପରେ ଗାଡି ମଟର ରଖି ଜାମ କରାଯାଉ ଥିବାରୁ ,ନିଶ୍ଚିତ ଭାବେ ଦୁର୍ଘଟଣାକୁ ଆମନ୍ତ୍ରଣ କରାଯାଉଛି ବୋଲି କୁହାଯାଉଛି। ଏଦିଗରେ ବ୍ୟାଙ୍କ କର୍ତ୍ତୃପକ୍ଷ ନା ପ୍ରଶାସନିକ ସ୍ତରରେ ଦୃଷ୍ଟି ନଦେବା ସାଧାରଣ ଲୋକଙ୍କୁ ଚକିତ କରିଛି। ଲୋକମାନେ ବ୍ୟାଙ୍କ କାର୍ଯ୍ୟରେ ଆସି ଘଣ୍ଟା ଘଣ୍ଟା ବ୍ୟାଙ୍କରେ ରହି କାର୍ଯ୍ୟ କରୁଥିବାରୁ ,ଗାଡି ମଟର ଓ ସାଇକେଲ ଗୁଡ଼ିକ ରାସ୍ତା ମଝିରେ ଛିଡା କରି ଦେଉନଥିବାରୁ ଯାତାୟାତ କରି ହେଉଛି ନା ଗୁରୁତ୍ୱପୂର୍ଣ୍ଣ ଜରୁରୀ କାଳୀନ ଗାଡ଼ି ଗୁଡ଼ିକ ସଠିକ୍ ଭାବେ ଯାତାୟାତ କରିପାରୁଛି। ରୋଗୀର ଜୀବନକୁ ପ୍ରାଧାନ୍ୟ ଦିଆଯିବାକୁ ସାଧାରଣ ଲୋକଙ୍କର ପ୍ରଥମ କର୍ତ୍ତବ୍ୟ ଥିବା ବେଳେ, ରାସ୍ତା ଉପରେ ଗାଡି ମଟର ରଖି ଆମ୍ବୁଲାନ୍ସକୁ ଅସୁବିଧାରେ ପକାଇବା କେତେ ଦୂର ନ୍ୟାୟ ସଂଗତ ତାହା ବିଚାର କରିବାର ସମୟ ଆସିଛି। ରାସ୍ତା ଜାମ ଫଳରେ ଭବିଷ୍ୟତରେ ଯଦି ଦୁର୍ଘଟଣା ଘଟେ, ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ବାଲିଆପାଳ ସବ୍ ପୋଷ୍ଟ ଅଫିସ ସାମ୍ନାରେ ବର୍ଷା ପାଣି ଯୋଗୁଁ ଲୋକେ ହନ୍ତସନ୍ତ




ଲଙ୍ଗଳେଶ୍ୱର ୨୬/୯(ନି ପ୍ର ) ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲିଆପାଳ ସବ ପୋଷ୍ଟ ଅଫିସ ସାମ୍ନାରେ ପାଣି ଜମି ରହି ଥିବାରୁ ଲୋକେ ହନ୍ତ ସନ୍ତ ହେଉଛନ୍ତି। କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ବାଲିଆପାଳ ଅଞ୍ଚଳ ରେ ଏହା ଥାନା ପରିସର କୁ ଲାଗି କରି ରହିଛି। ପ୍ରତିଦିନ ବହୁ ଲୋକ ଚିଠି ପତ୍ର, ପାର୍ସଲ, ଟଙ୍କା ନେଣ ଦେଣ ନେଇ ସବ ପୋଷ୍ଟ ଅଫିସ କୁ ଆସିଥାନ୍ତି ।ପୋଷ୍ଟ ଅଫିସ ଆଗରେ ପାଣି ଜମି ରହି ଥିବାରୁ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଆସୁଥିବା ଲୋକ ମାନେ ବାଧ ହୋଇ ପାଣି ରେ ପଶି ଯା ଆସ କରୁଛନ୍ତି ।ଛୋଟ ପିଲା ଓ ମହିଳା ମାନେ ଅଧିକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। କତୃପକ୍ଷ ବିଭାଗୀୟ ଉଚ୍ଚ ଅଧିକାରୀ ମାନଙ୍କୁ ବାରଂ ବାର ଜଣାଇ ଆସୁ ଥିଲେ ବି କୌଣସି ପ୍ରତିକାର ହେଉ ନ ଥିବା ପ୍ରକାଶ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo